

ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟଃ !!!

# ଚରମ


❋ ତୃତୀୟ ପୁଷ୍ପ ❋ ଦ୍ୱିତୀୟ ପାଖୁଡ଼ା ❋ ନବମ ସଂଖ୍ୟା ❋

ସଂପାଦକ : କେଶବ

ପ୍ରକାଶକ : ଶ୍ରୀ କେଶବ ଚନ୍ଦ୍ର ସାମଲ,
ସାଧାରଣ ସଂପାଦକ,
ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ

ମୁଦ୍ରକ ଓ ଅକ୍ଷରସଜ୍ଜା : ରସଦ୍ ଆଡ୍ ଏଜେନ୍ସି, ମହତାବ ରୋଡ୍,
କଟକ, ଫୋନ- ୦୬୭୧-୨୩୧୧୪୩୧

## କାର୍ଯ୍ୟାଳୟ ଓ ପ୍ରାପ୍ତିସ୍ଥାନ

ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ,
ମାର୍ଫତ୍ : ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ କାର୍ଯ୍ୟାଳୟ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ, ଓଡ଼ିଶା
ପିନ୍ - ୭୫୪୨୦୬
ଫୋନ୍ - (୦୬୭୧) ୨୭୬୬୭୦୧

ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦର ଅନ୍ୟତମ ଅଙ୍ଗ ସାହିତ୍ୟ ସଂସଦ୍ ତରଫରୁ
ଚରମ ପ୍ରକାଶନ ସଂସ୍ଥା, କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି: କଟକଙ୍କ ଦ୍ୱାରା ପ୍ରକାଶିତ
ଏବଂ ରସଦ୍ ଆଡ୍ ଏଜେନ୍ସି, କଟକଙ୍କ ଦ୍ୱାରା ମୁଦ୍ରିତ ।


ପ୍ରକାଶକଙ୍କ କର୍ତ୍ତୃକ ସର୍ବସ୍ୱତ୍ୱ ସଂରକ୍ଷିତ ।


❋ ଭକ୍ତି ପ୍ରେମାଞ୍ଜଳି : ପ୍ରତି ଖଣ୍ଡ : ପନ୍ଦର ମୁଦ୍ରାଞ୍ଜଳି ❋

❋ କେଶବାବ୍ଦ : ପଞ୍ଚଚତ୍ୱାରିଂଶତ୍ ❋ ଗୁରୁତୀର୍ଥ ମାସ ❋ ଦେବାଭିଷେକ ପୂର୍ଣ୍ଣିମା

# ପ୍ରବେଶ ପରିଚିତି

❋ ତୃତୀୟ ପୁଷ୍ପ ❋
ଦ୍ୱିତୀୟ ପାଖୁଡ଼ା
ନବମ ସଂଖ୍ୟା

ପୁନର୍ମୁଦ୍ରଣ - ୨୦୧୧

❖ ବୈଦିକ ପ୍ରାର୍ଥନା ❖

ବିଶାଳ ବିଶ୍ୱସ୍ୟ ନିଧାନ ବୀଜମ୍
ବରଂ ବରେଣ୍ୟଂ ବିଧିବିଷ୍ଣୁ ସର୍ବୈଃ
ବସୁନ୍ଧରା ବାରି ବିମାନ ବହ୍ନିଃ
ବାୟୁ ସ୍ୱରୂପଂ ପ୍ରଣବଂ ବିବନ୍ଦେ ॥


| ବିଷୟ | ପୃଷ୍ଠାଙ୍କ |
|---|---|
| **ଅରୁଣସ୍ତମ୍ଭ** | |
| ମଙ୍ଗଳାଚରଣ | ୧ |
| ଶ୍ରୀପଦ ମହିମା | ୧ |
| **ସିଂହଦ୍ୱାର** | |
| ଯଦୁନନ୍ଦନ ସ୍ତୋତ୍ରମ୍ | ୨ |
| ପ୍ରାର୍ଥନା | ୩ |
| **ମୁଖଶାଳା** | |
| ସଂପାଦକୀୟ | ୪ |
| **ଶ୍ରୀମନ୍ଦିର** | |
| ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ | ୫ |
| ପୁରାଣ ପୃଷ୍ଠାରୁ ଉଦ୍ଧୃତାଂଶ ଓ ମୀମାଂସା ଖଣ୍ଡ | ୬ |
| ଶ୍ରୀଶ୍ରୀଠାକୁରଙ୍କ ଦର୍ଶନରୁ : ମୋହ | ୧୦ |
| ଅନୁଚିନ୍ତନ | ୧୨ |
| ଆମର ଲକ୍ଷ୍ୟ : ଚରମ ପ୍ରାପ୍ତି : ସନ୍ଦେଶପତ୍ରର ସମ୍ମୁଖ ଚିତ୍ର | ୧୬ |
| ଚରମର ପ୍ରଚ୍ଛଦ ପଟ ସମ୍ପର୍କରେ | ୨୧ |

| ବିଷୟ | ପୃଷ୍ଠାଙ୍କ |
|---|---|
| **ଗରୁଡ଼ସ୍ତମ୍ଭ** | |
| ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ | ୨୩ |
| ବାଲ୍ୟକାଳୁ ଧର୍ମଧନ ସଞ୍ଚୟ : ବିଶ୍ୱାସ | ୨୬ |
| ଉତିଷ୍ଠତଃ ! ଜାଗ୍ରତଃ !! | ୨୮ |
| ଜିଜ୍ଞାସା : ଜିଜ୍ଞାସୁ : | ୩୧ |
| **ରତ୍ନବେଦୀ** | |
| ସମ୍ଭବାମି ଯୁଗେ ଯୁଗେ | ୩୪ |
| କଲ୍ୟାଣ ହେଲି ତୋତେ | ୩୭ |
| କେଶବ କୈବଲ୍ୟ କଳିକା | ୩୯ |
| କଳ୍କୀ ଭବିଷ୍ୟଗୀତାରୁ ଉଦ୍ଧୃତାଂଶର ବ୍ୟାଖ୍ୟା | ୪୧ |
| **ନୀଳଚକ୍ର** | |
| 'ଚରମ'ର ସଙ୍କେତ | ୪୪ |
| ଆଶ୍ରମ ସନ୍ଦେଶ | ୪୬ |


## ପତ୍ରିକା ବ୍ୟବହାର ବିଧି

୧. ଶ୍ରଦ୍ଧା, ଭକ୍ତି, ନିଷ୍ଠା ଓ ବିଶ୍ୱାସର ସହିତ ପାଠ କରନ୍ତୁ ।
୨. ନିଷ୍ଠା ଓ ପବିତ୍ରତାର ସହିତ ପତ୍ରିକା ବ୍ୟବହାର କରନ୍ତୁ ଓ ସାଇତି ରଖନ୍ତୁ ।
୩. ପତ୍ରିକାରୁ ବିଗ୍ରହ ଛିଣ୍ଡାଇ ନିଅନ୍ତୁ ନାହିଁ । ଏହା ଦ୍ୱାରା ପତ୍ରିକାର ଅଙ୍ଗହାନି ହେବ । ଏହା ଅକ୍ଷମଣୀୟ ଅପରାଧ ।
୪. ଚରମର ପୁରୁଣା ସଂଖ୍ୟାମାନ ସଂଗ୍ରହ କରି ପଢ଼ନ୍ତୁ ଓ ଯତ୍ନର ସହ ସାଇତି ରଖନ୍ତୁ ।
୫. ଆମ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ଅନ୍ୟାନ୍ୟ ପୁସ୍ତକ/ପୁସ୍ତିକାଦି ସଂଗ୍ରହ କରି ପଢ଼ନ୍ତୁ ଓ ସାଇତି ରଖନ୍ତୁ ।
୬. ନିଜେ ପଢ଼ନ୍ତୁ ଓ ପରିବାରର ଅନ୍ୟ ସମସ୍ତଙ୍କୁ ପଢ଼ିବା ପାଇଁ ପ୍ରବର୍ତ୍ତନା ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।
୭. ପଡ଼ୋଶୀମାନଙ୍କୁ ମଧ୍ୟ ପଢ଼ିବାର ସୁଯୋଗ ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।

- ସଂପାଦକ, 'ଚରମ' ॥



ମୂଳାଧାର କର୍ଣ୍ଣଧାର ସ୍ୱାଧୀଷ୍ଠାନେ ସ୍ୱାଧୀନ ।
ମଣିପୁର ପୁରୋହିତ ଅନାହତ ପ୍ରବୀଣ ।।
ବିଶୁଦ୍ଧରେ ଶୁଦ୍ଧଚିତ୍ତ ଆଜ୍ଞାଚକ୍ର ଅନୁଜ୍ଞା ।
ସହସ୍ରାର ସାର ଏକା ବ୍ରହ୍ମରନ୍ଧ୍ରର ପ୍ରଜ୍ଞା ।।




ସ୍ୱର୍ଗୀୟ ସୌଖସ୍ୟ ବିଧାୟକଂ ସଦା ।
ନର ସ୍ୱଭାବେନ ସୁପୂର୍ଣ୍ଣ ଚେତନାମ୍ ।
ମହେଶ୍ୱରଂ କାରୁଣିକଂ ଦୟାମୟମ୍ ।
ତଂ କେଶବଂ କ୍ଷେମମୟଂ ସଦାଭଜେ ॥

## ମଙ୍ଗଳାଚରଣ



## ଶ୍ରୀପଦ ମହିମା

ଶ୍ରୀପଦ ନାବ ଅଟଇ ଆଶ୍ରୟ ।
ଶ୍ରୀପଦ ନାବ ଦିଅଇ ଅଭୟ ॥୧॥
ଶ୍ରୀପଦ ନାବ ତାରଇ ସଂସାରୁ ।
ଶ୍ରୀପଦ ପାଦୁକା ପ୍ରତ୍ୟକ୍ଷ ଗୁରୁ ॥୨॥
ଶ୍ରୀପଦ ପାଦୁକା ନିତ୍ୟ ସ୍ମରଣ ।
ଶ୍ରୀପଦ ପାଦୁକା ଟାଳେ ମରଣ ॥୩॥
ଶ୍ରୀପଦରେ ମନ ନିବେଶି ଥାଅ ।
ଶ୍ରୀପଦ ଧ୍ୟାନରେ କାଳ କଟାଅ ॥୪॥
ଶ୍ରୀପଦରେ ସମର୍ପିତ ଜୀବନ ।
ଶ୍ରୀପଦ କରେ ବନ୍ଧନୁ ମୋଚନ ॥୫॥
ଶ୍ରୀପଦ ଅଟଇ ସଂସାରେ ସେତୁ ।
ଶ୍ରୀପଦ ସକଳ ଉତ୍ପତ୍ତି ହେତୁ ॥୬॥
ଶ୍ରୀପଦ ପଙ୍କଜ ଆଶ୍ରୟ ସ୍ଥଳ ।
ଶ୍ରୀପଦ ଦିଅଇ ଅକୂଳେ କୂଳ ॥୭॥
ଶ୍ରୀପଦରେ ହୁଅ ଶରଣାଗତ ।
ଶ୍ରୀପଦ ନାଶଇ ସର୍ବ ଦୁଷ୍କୃତ ॥୮॥
ଶ୍ରୀପଦରେ ବାନ୍ଧି ଦିଅରେ ମତି ।
ଶ୍ରୀପଦ ଦିଅଇ ଗତି ମୁକତି ॥୯॥
ଶ୍ରୀପଦ ସନ୍ନିଧେ ନିଅ ଶରଣ ।
ଶ୍ରୀପଦ ଅଟେ ବିପଦ ବାରଣ ॥୧୦॥
ଶ୍ରୀପଦ ନିଅଇ କଢ଼ାଇ ବାଟ ।
ଶ୍ରୀପଦ କରଇ ମନ ଉଚ୍ଚାଟ ॥୧୧॥
ଶ୍ରୀପଦ ଦିଏ ସର୍ବ ଶୁଭ ବୁଦ୍ଧି ।
ଶ୍ରୀପଦରେ ଠୁଳ ସକଳ ସିଦ୍ଧି ॥୧୨॥
ଶ୍ରୀପଦରୁ କ୍ଷରୁ ଅଛି ବିଭୂତି ।
ଶ୍ରୀପଦ ପଦ୍ମରେ ହୁଅରେ ନତି ॥୧୩॥
ଶ୍ରୀପଦ ଅଟଇ ଧ୍ୟାନର ମୂଳ ।
ଶ୍ରୀପଦରେ ସର୍ବତତ୍ତ୍ୱ ହିଁ ଠୁଳ ॥୧୪॥
ଶ୍ରୀପଦ ସିନା ସ୍ଥୂଳ ସେବାମୂଳ ।
ଶ୍ରୀପଦ ସୂକ୍ଷ୍ମରେ ଦିଅଇ କୂଳ ॥୧୫॥
ଶ୍ରୀପଦ  କାରଣ ଜଗତୁଁ କ୍ଷରି ।
ଶ୍ରୀପଦ ଶକଟକରେ ବିହରି ॥୧୬॥
ଶ୍ରୀପଦରେ ସାଷ୍ଟାଙ୍ଗ ପ୍ରଣାମ ।
ଶ୍ରୀପଦ ସିନା ଅରୂପ ଅନାମ ॥୧୭॥
ଶ୍ରୀପଦ ପ୍ରାନ୍ତରେ ନିବେଦି ଅର୍ଘ୍ୟ ।
ଶ୍ରୀପଦ ଠାବେ ମାପ ଆଡ଼ଦୈର୍ଘ୍ୟ ॥୧୮॥
ଶ୍ରୀପଦ ଅମପା ଅଜପା ବୀଜ ।
ଶ୍ରୀପଦ ଶୂଦ୍ର ବୈଶ୍ୟ କ୍ଷତ୍ରି ଦ୍ୱିଜ ॥୧୯॥
ଶ୍ରୀପଦ ମହିମା ବ୍ରହ୍ମାଣ୍ଡେ ଖ୍ୟାତ ।
ଶ୍ରୀପଦ ମହିମା ପଦେ ବ୍ୟକତ ॥୨୦॥
ଶ୍ରୀପଦେ ସମର୍ପି ଦିଅ ସକଳ ।
ଶ୍ରୀପଦ କରେ ଜୀବକୁ ସବଳ ॥୨୧॥
ଶ୍ରୀପଦରେ କର ନାହିଁ ଛଳନା ।
ଶ୍ରୀପଦରେ ରଖ ନାହିଁ କଳ୍ପନା ॥୨୨॥
ଶ୍ରୀପଦ ଅଟଇ ନୟନ ତାରା ।
ଶ୍ରୀପଦ ଅଟଇ ହୃଦୟ କାରା ॥୨୩॥
ଶ୍ରୀପଦ ଦର୍ଶନ କରୁ ନୟନ ।
ଶ୍ରୀପଦରେ ଲାଖି ରହୁ ମୋ ମନ ॥୨୪॥




## ଯଦୁନନ୍ଦନ ସ୍ତୋତ୍ରମ୍

ପୀତାମ୍ବରଂ ଶୋଭିତ ଶ୍ୟାମରୂପମ୍ ।
ଭକ୍ତାନୁରାଗୀ ଜଗଦାତ୍ମରୂପମ୍ ॥
ନନ୍ଦନ୍ତି ଦେବାରଗୁଣଂ ତ୍ୱଦୀୟମ୍ ।
ରକ୍ଷଧ୍ୱ ଦେବେଶ ନମାମି ତେ ପଦମ୍ ॥୧॥
ଜ୍ଞାନେନ୍ଦ୍ର ! ବିଦ୍ୟାଦି ମଣିଚ୍ଛଟାଭି
ର୍ବିଭୂଷଣାନାଂ ଛୁରିତଂ ବପୁସ୍ତେ ।
ସ୍ମରନ୍ତି ଭକ୍ତା ତମୁପାସ୍ୟାମାନାଃ
ସୁନାମଧେୟ ତବ ସ୍ୱର୍ଣ୍ଣକ୍ଷେତ୍ରେ ॥୨॥
ଶ୍ରୀବସ୍ତ୍ର ଚିହ୍ନେନ ବିରାଜିତଂ ହୃଦମ୍,
ଶ୍ରୀଖଣ୍ଡ ଘୃଷ୍ଟେନ ଲଲାଟ ମଣ୍ଡିତମ୍ ।
ଭକ୍ତାନୁଗଂ ବ୍ରହ୍ମମୟଂ ସଦାହରିମ୍,
ତଂ କେଶବଂ ନୌମି ବରପ୍ରଦଂ ସଦା ॥୩॥
ପୁତ୍ରଂ ସୁକାନ୍ତ୍ୟାଃ ଯଦୁନାଥ ନନ୍ଦନମ୍,
ଗୁରୁଂ ମଦୀୟଂ ବହୁଲୋକ ସେବିତମ୍ ।
ବ୍ରହ୍ମାବତାରଂ ନରଦେହ ରୂପିଣମ୍,
ତଂ କେଶବଂ ବନ୍ଦେ ନିରାମୟଂ ବିଭୁମ୍ ॥୪॥
ଅଷ୍ଟାଙ୍ଗ ଯୋଗେନ ବିଭୂଷିତଂ ତନୁମ୍,
ତଂ ସାଧକଂ କ୍ଷେମମୟଂ ପ୍ରଭୁଂ ମମ ।
ଲଭେଥ ଶାନ୍ତିଂ ମନସା ସ୍ମରନ୍ ସଦା,
କୃତାଞ୍ଜଳିଃ ସନ୍ ପ୍ରଣମାମି କେଶବମ୍ ॥୫॥
ନିଗୂଢ଼ ତତ୍ତ୍ୱୈଃ ଶିଶୁବେଦ ଏଷ ସଃ,
ବିରାଜିତସ୍ତେ କରୁଣା-ବଜ୍ରହୃଦା ।
ମଦୀୟ ଦେହେ ତବପାଦ ପଙ୍କଜମ୍,
ଅସ୍ତି ସୁଖୀସନ୍ ଭବିତୁଂ ସଦୋତ୍ସହେ ॥୬॥
ଧ୍ୟାୟନ୍ତି ବୈ ସୁରଗଣାଃ ତବ ପାଦପଦ୍ମମ୍
କିଂ ଚିନ୍ତୟାମି ଭବତଃ ଗୁଣରାଶି ଯୁକ୍ତମ୍ ।
ପ୍ରଜ୍ଞା ବଳେନ ମନୁଜଃ ଲଭତେ ସୁସିଦ୍ଧମ୍
ଶ୍ରୀ କେଶବେତି ବିବୁଧୈର୍ଭଜତେ ହି ଲୋକେ ॥୭॥
ମୁକ୍ତିଂ ମେ ଦେହି ଦେବେଶ
ସଦା ତ୍ୱଂ ସଦୟୋ ଭବ ।
ଯେନାହଂ ଲଭେ ନିର୍ବାଣଂ
ତବ ପ୍ରସାଦ ରେଣୁଭିଃ ॥୮॥

ଆମର ଲକ୍ଷ୍ୟ : ଚରମପ୍ରାପ୍ତି ॥ ଏହି ଲକ୍ଷ୍ୟରେ ଗୁରୁଗ୍ରହଣ କରି ଧର୍ମଧାରା (ସନ୍ଦେଶପଥ ଓ ସନ୍ଦେଶ ପତ୍ର) ଧରି ପ୍ରତିଦିନ ସଂଜେସକାଳେ ନିୟମିତ ଅଭ୍ୟାସଯୋଗ ସାଧନା କରୁଥିବା ନୀତିନିଷ୍ଠ ଗୁରୁଭ୍ରାତା ଓ ଭଗ୍ନୀଗଣ ଏହି ଯଦୁନନ୍ଦନ ସ୍ତୋତ୍ରମ୍ ପ୍ରତ୍ୟହ ଭକ୍ତି ସହକାରେ ଆନ୍ତରିକ ପ୍ରେମ ସହିତ ନିର୍ଭୁଲ ପାଠ କଲେ, ଚରମରେ ପରମପଦ ଲାଭ କରି ମୁକ୍ତି, ମୋକ୍ଷ, ନିର୍ବାଣ ଓ ଚରମ ପ୍ରାପ୍ତ ହେବେ ॥

# ପ୍ରାର୍ଥନା

*''ସେହି ପଥେ ମୋତେ ନେଇ ଯାଅ ପ୍ରଭୁ..'' ଏବଂ ''ଆହେ-ଦୟାମୟ ଯଦୁନନ୍ଦନ'' ଭଳି ଏହି ପ୍ରାର୍ଥନାଟି ପ୍ରତ୍ୟେକଙ୍କର ଅବଶ୍ୟ ଶ୍ରୀବିଗ୍ରହ- ଶ୍ରୀପାଦୁକା ପ୍ରାନ୍ତରେ ନିତ୍ୟ ସଂଜେ ସକାଳେ ଏପରିକି ଶାଖା ସତସଙ୍ଗରେ ଏବଂ ସତସଙ୍ଗ ଅନୁଷ୍ଠାନରେ ଏକସ୍ୱରରେ, ଏକ ମନପ୍ରାଣରେ ଭକ୍ତି ଅନୁରକ୍ତିର ସହିତ ଆବୃତ୍ତି କରିବା ବାଞ୍ଛନୀୟ । ଏହି ଉଦ୍ଦେଶ୍ୟ ରଖି ୧୯୯୬ ମସିହାର ଘୋର ଦୁର୍ବିପାକ ଜନିତ ଶୋକ ସ୍ରୋତରୁ ନିଜକୁ ରକ୍ଷା କରିବା ନିମନ୍ତେ ଆମ ସମସ୍ତଙ୍କୁ ପ୍ରଭୁପାଦ ଗୁରୁସ୍ୱାମୀ ପରମକାରୁଣିକ ଶ୍ରୀଶ୍ରୀଠାକୁର ଏହି ଆଶା, ଆଦେଶ ଓ ଆଶୀର୍ବାଦ ଦେଇଛନ୍ତି ॥*

ଆହେ ଦୟାମୟ ଦେବାଧିପତି ।
ଘେନ ଦୟାବହି ଆମ ପ୍ରଣତି ॥୦॥

ହାତ ଧରି ନିଅ ସଦା ଚଳାଇ ।
ସତ୍ୟପଥେ ନିତ୍ୟ ଧାରା ଧରାଇ ॥
ସଦା ଲଗାଅ ତମରି କରମେ ।
ପାଇବାକୁ ତମପଦ ଚରମେ ॥୧॥

ମନ ଲାଖି ରହୁ ତମ ଶ୍ରୀପଦେ ।
ଭ୍ରମ ନ ହେଉ ଆପଦେ ବିପଦେ ॥
ସବୁ ସହିବାକୁ ଦିଅ ଶକତି ।
ତମ ପଦେ ରହୁ ସଦା ଭକତି ॥୨॥

ମିଳୁ ନମିଳୁ ଖାଦ୍ୟ ବା ପାନୀୟ ।
ରହିଥାଏ ହୋଇ ଆଦରଣୀୟ ॥
ପ୍ରଭୁ, ଶ୍ରୀପଦୁଁ ନଦେବ ଦୂରେଇ ।
ଶୁଭ ଦୃଷ୍ଟିରେ ଚାହିଁବ କଣେଇ ॥୩॥

ତମେ ପିତାମାତା ବନ୍ଧୁ ସ୍ୱଜନ ।
ତମେ ବିଦ୍ୟାବୁଦ୍ଧି ବିବେକ ଜ୍ଞାନ ॥
ତମେ ଜନ୍ମଜନ୍ମାନ୍ତର ସଖା ହେ ।
ପାଉଥାଏଁ ନିତି ତମ ଦେଖା ହେ ॥୪॥

ପ୍ରଭୁ, ତମେ ଆମ ଆଶା ଭରସା ।
କର ଶିରେ ପଦରେଣୁ ବରଷା ॥
ତମ ପଦେ ରହୁ ସଦା ମୋ' ମତି ।
ଅନାଥର ନାଥ ଅଗତି ଗତି ॥୫॥

**ଓଁ ପରମାତ୍ମନେ ନମଃ !!!**

# ମୁଖଶାଳା

## ସମ୍ପାଦକୀୟ

### ଓଁ ନମୋ ଭଗବତେ କେଶବଚନ୍ଦ୍ରାୟ !!

ଆମର ଲକ୍ଷ୍ୟ : ଚରମ ପ୍ରାପ୍ତି । ଏହି ଲକ୍ଷ୍ୟ ହାସଲ ନିମନ୍ତେ ଆତ୍ମବିକାଶର ଆବଶ୍ୟକତା ରହିଛି । ଆତ୍ମବିକାଶ ପ୍ରକୃତ ଅର୍ଥରେ ସମ୍ଭବ ହେଲେ, ସହଯୋଗୀତା ଓ ସହଭାଗିତା ଜାତ ହୁଏ । ଏହାକୁ ମୂଳଧନ ବା ପୁଞ୍ଜିକରି ସକ୍ରିୟତାର ସହିତ ପରିଚାଳନା କଲେ, ସାମାଜିକ ପୁନଃ ନିର୍ମାଣ କରାଯାଇପାରେ । ବ୍ୟକ୍ତି, ଦମ୍ପତି, ପରିବାର, ସମାଜ ଏବଂ ରାଷ୍ଟ୍ର-ପ୍ରତ୍ୟେକଟି ସ୍ତରରେ ପୁନର୍ଗଠନ ସମ୍ଭବ ହେଲେ, ଏହା ସାମଗ୍ରିକ ବା ସାମୁଦାୟିକ ଜୀବନାୟନକୁ ମଙ୍ଗଳମୟ କରି ତୋଳିବ ହିଁ ତୋଳିବ ।

ଆଧ୍ୟାତ୍ମିକ ଏବଂ ଧାର୍ମିକ ସେବା ସଂସ୍ଥାଗୁଡ଼ିକ ସାମ୍ପ୍ରତିକ ସମୟରେ ଚିନ୍ତା, ବାକ୍ୟ ଏବଂ କାର୍ଯ୍ୟରେ ସମତା ବା ଭାରସାମ୍ୟ ରକ୍ଷା କରିପାରୁନଥିବା ହେତୁ, ଅଧିକାଂଶ ସଂସ୍ଥାରେ ବିଭିନ୍ନ ପ୍ରକାରର ଏବଂ ବିଭିନ୍ନ ମାତ୍ରାରେ ଭ୍ରଷ୍ଟାଚାର, ଭାଣ୍ଡାମି ଏବଂ ଆର୍ଥିକ, ମାନସିକ ଓ ନିଷ୍ଠତିମୂଳକ ବିଶୃଙ୍ଖଳା ଭଣା ଅଧିକେ ପରିଲକ୍ଷିତ ହେଉଛି । ସମାଜର ସଂସ୍କାର ବା କଳୁଷକଲ୍ମଷର ଶୋଧନ ଦାୟିତ୍ୱ ବହନ କରିଥିବା ଧର୍ମାନୁଷ୍ଠାନମାନଙ୍କରେ ଛଳନା, ବିଭେଦ, ବିସମ୍ବାଦ, ମିଥ୍ୟାଚାର ଇତ୍ୟାଦି ପ୍ରବଳ ଓ ପ୍ରଚଣ୍ଡ ବେଗରେ ବଢ଼ି ବଢ଼ି ଚାଲୁଥିବାରୁ ସାଧାରଣ ଜୀବନରେ ଏଥିପ୍ରତି ଅବିଶ୍ୱାସ, ଅବମାନନା ଏବଂ ବୈମାତୃକ ଭାବ ସୃଷ୍ଟି ହେବା ସ୍ୱାଭାବିକ ଏବଂ କାର୍ଯ୍ୟତଃ ବାସ୍ତବ ଜୀବନରେ ତାହାହିଁ ହେଉଛି ମଧ୍ୟ । ସାମାଜିକ ରୁଗ୍ଣତାର ଏହାହିଁ ମୂଳ କାରଣ । ତେଣୁ ଧର୍ମ ପ୍ରତି ଶିକ୍ଷିତ ଯୁବସମାଜର ବିମୁଖତା ଦିନକୁ ଦିନ ତୀବ୍ର ଗତିରେ ବଢ଼ି ଚାଲିଛି ।

ଆଜି ଏହା ମଧ୍ୟ ଲକ୍ଷ୍ୟ କରାଯାଉଛି : ଯେଉଁ ବୟସ୍କ/ପ୍ରୌଢ଼ ବ୍ୟକ୍ତିଗଣ ଧର୍ମଦ୍ୱାରରେ ବଡ଼ପଣ୍ଡା ସାଜି ଯୁବପୀଢ଼ିକୁ ଆଧ୍ୟାତ୍ମିକ ପ୍ରବଚନ ଦେଉଛନ୍ତି, ଧର୍ମଧ୍ୱଜାଧାରୀ ସାଜି ସାଂସାରିକ ସକଳ କର୍ମରୁ ନିଜକୁ ନିର୍ବାସିତ କରି ଅନ୍ୟମାନଙ୍କର ବୋଝ ହୋଇଯାଇଛନ୍ତି, ସେମାନଙ୍କର କୁଟିଳତା, ଛଳନା, ମିଥ୍ୟାଚାର, ଈର୍ଷା, ହିଂସା, ପରଶ୍ରୀକାତରତା, ଭ୍ରଷ୍ଟାଚାର, ଶୋଷଣ ମନୋଭାବ, ଆତ୍ମକୈନ୍ଦ୍ରିକତା, ଆତ୍ମପ୍ରତିଷ୍ଠା ମନୋବୃତ୍ତି, ଅହଂକାର ଇତ୍ୟାଦିର ମୁଖା ଆଜିର ଯୁବଗୋଷ୍ଠୀ ଖୋଲିଦେଇ ସାରିଲେଣି । ସେମାନଙ୍କର ଛଳନାବୋଳା ମଧୁର ବଚନରେ ଯୁବଗୋଷ୍ଠୀର ଆଉ ଆସ୍ଥା ନାହିଁ, ବିଶ୍ୱାସ ବା ପ୍ରତ୍ୟୟ ବି ନାହିଁ ।

ଆତ୍ମୋନ୍ନୟନର ଦୁହାଇ ଦେଇ ଆତ୍ମପ୍ରବଞ୍ଚନାର ଚରମ ସୋପାନରେ ଉପନୀତ ତଥାକଥିତ ଭଣ୍ଡ ତପସ୍ୱୀଗଣଙ୍କୁ ଚିହ୍ନାଇବାର ବାହିନୀ ସୃଷ୍ଟି ହୋଇଗଲାଣି । ଏହି ବାହିନୀରେ ବହୁ ଯୁବକଯୁବତୀ ସାମିଲ ହୋଇ ସମାଜରୁ ରୁଗ୍ଣତା ଦୂରେଇ ଦେଇ ଧାର୍ମିକ ଜୀବନରେ ସତ୍ୟର ଆଲୋକପାତ କରିବା ନିମନ୍ତେ ଆଗ୍ନେୟ ଶପଥ ନେଇ ସାରିଲେଣି । ଯୁଗେଯୁଗେ ସତ୍ୟର ଜୟ ହୁଏ, ଅସତ୍ୟ ଯେତେ ପ୍ରବଳ ପ୍ରଚଣ୍ଡ ହେଲେ ମଧ୍ୟ କଦାପି ଜୟ ଲାଭ କରି ନାହିଁ, କରିପାରେ ନାହିଁ । ଆମେ ସର୍ବାନ୍ତଃ କରଣରେ ଏହି ଚରମ ନିଷ୍ପତ୍ତିକୁ ନମ୍ରତାର ସହିତ ନତଶିରରେ ସ୍ୱୀକାର କରି ନେଉଛୁ । ଧୈର୍ଯ୍ୟଧରି ଅପେକ୍ଷା କରି ରହୁଛୁ : ସତ୍ୟ ଅସତ୍ୟ/ଦୈବୀରାକ୍ଷସୀ ଉଭୟ ଶକ୍ତିର ମହାସମରରେ କାହାର ଜୟ ପରାଜୟ ହେବ ତାହାହିଁ ପ୍ରତ୍ୟକ୍ଷ କରିବା ନିମିତ୍ତ ।

ଆମର ଲକ୍ଷ୍ୟ : ଚରମପ୍ରାପ୍ତି ନିମନ୍ତେ ସତ୍ୟ ନିତ୍ୟ ଧର୍ମ ପଥର ପଥିକ ହୋଇ ଧର୍ମଧାରା ଓ କର୍ମଯୋଗକୁ ପାଥେୟ କରି ଶରଣାଗତ ଦୀନାର୍ତ୍ତ ଭାବରେ ପ୍ରେମଭକ୍ତିର ସାଧନା କରିବା ହିଁ ଆମ ବିଚାରରେ ଶ୍ରେୟ ।

ଅତି ବିସ୍ତରେଣ ଅଳମ୍ ॥

-କେଶବ ଦାସ ବୃନ୍ଦାବନ

# ଶ୍ରୀମନ୍ଦିର

## ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍

'ଜୟ ଜୟ ଗୁରୁବ୍ରହ୍ମା ପରମ କାରଣ । ଜୟ ଅନାଦି ଈଶ୍ୱର ପ୍ରଭୁ ନାରାୟଣ ॥
ନର ଅଙ୍ଗ ବହି ପ୍ରଭୁ କେତେ ଲୀଳାକର । ନିରଞ୍ଜନ ଶକ୍ତିତଵ ଦେବେ ଅଗୋଚର ॥' ...ସ୍ୱରୂପନିର୍ଣ୍ଣୟ ॥

*(ସିଦ୍ଧସାଧକ ମହାପୁରୁଷ ଅଚ୍ୟୁତାନନ୍ଦଙ୍କର ରଚନାବଳୀକୁ ନିର୍ଭୁଲଭାବରେ ଉଦ୍ଧାର ଓ ବ୍ୟାଖ୍ୟା କରି ଜନମାନସରେ ତୋଳି ଧରିବାହିଁ ଆମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଏହି ଲକ୍ଷ୍ୟରେ ଚରମର ପ୍ରତିଟି ସଂଖ୍ୟାରେ ଅଚ୍ୟୁତଙ୍କ ଲେଖନୀରୁ ଅବତାରଣା ।)*

## ମୋହକଳ୍ପରୁ ଉଦ୍ଧୃତା

ଅନନ୍ତ କେଶରୀ ଆପେ ଦଇତାରୀ ସହ ପ୍ରଭୁ ଜଗନ୍ନାଥ ।
ଦେଉଳରୁ ପୁଣି ଅନ୍ତର ହୋଇବେ ଏକଥା ଜାଣ ତୁ ସତ ॥୧॥
ହରେକୃଷ୍ଣ ବ୍ରହ୍ମାନନ୍ଦ ସଂଗେ ଥିବେ ସଙ୍କେତ ଦେଖାଇ ଦେବେ ।
ଗୋହିରା, ଚିଳିରା, ଯାଜନଗ୍ରପୁର ମହୁରା ଗ୍ରାମେ ମିଳିବେ ॥୨॥
ମହୁରା ଗ୍ରାମରେ ଆକ୍ରୁର ଯେ ଥିବ ଜନମ ହୋଇଣ ତହିଁ ।
ଜଗନ୍ନାଥ ବୋଲି ତାହାଙ୍କୁ କହିବେ ଚିହ୍ନି ନ ପାରିବେ କେହି ॥୩॥
ଅନେକ ଜନ ଯେ ବୈଷ୍ଣବ ମାନଙ୍କୁ କରୁଥିବେ ସେବା ଜାଣ ।
ଅଧର ଅମୃତ ପାଟ ଚିଟାଉସ କରୁଣଥିବେ ଭକ୍ଷଣ ॥୪॥
ମୁହୁର୍ତ୍ତ ମହୁରା କେହି ନଜାଣିବେ ଝଟକେଶ୍ୱର ନଜାଣି ।
ଶଙ୍ଖଚକ୍ର ଚିହ୍ନ ବାରଣ ନକରି ସେବା କରୁଥିବେ ପୁଣି ॥୫॥
ଅନନ୍ତଙ୍କ ଧନ ସମ୍ଭାଳି କରିଣ କରୁଥିବେ ପ୍ରଭୁ ପଣ ।
ଲଲାଟ କେଶରୀ ହରେକୃଷ୍ଣଦାସ ଯିବେ ସଙ୍କେତ ବୁଝିଣ ॥୬॥
ପ୍ରଭୁଙ୍କ ଆଗରେ ପ୍ରମାଣି କହିବେ ଏଣୁ ପ୍ରମାଣ ବଚନ ।
ଅନନ୍ତ କେଶରୀ ବଡ଼କୋପ କରି ଡକାଇବେ ସେ ବହନ ॥୭॥
ବୋଲିବେ ତୁମ୍ଭର ଅନନ୍ତ କିଶୋରୀ କଳଙ୍କି ଯେ ଦଇତାରୀ ।
ଏହି ଠାରେ ତୋର ଏଡ଼େକ ବଡ଼ିମା ଦେଖା ଶଙ୍ଖ ଚକ୍ରଧାରୀ ॥୮॥
ଦ୍ୱାପର ଯୁଗରେ ଅକ୍ରୁର ତୋ ନାମ ହୋଇଥିଲା ପରା ଜାଣ ।
ମୋହଠାରେ ଭକ୍ତି ଅନେକ କରିଛୁ ଶ୍ରୀଚରଣକୁ ସେବିଣ ॥୯॥
ତେଣୁ କରି ସିନା ଅଧିକାରୀ ତୋର ସର୍ବନାମ ଥିଲୁ ବହି ।
ସେ ଗର୍ବରେ ଏଡ଼େ ମହିମା ତୋହର ପ୍ରକାଶ ଏଠାରେ ହୋଇ ॥୧୦॥
ଭକ୍ତିକଳା ତୋର ହୋଇଲା କି ଶେଷ ସମ୍ଭାଳି ମଦେ ପଡ଼ିଲୁ
ଭକ୍ତମାନେ ତୋତେ ଯେଉଁ ଦଣ୍ଡଦେବେ ସହିବାକୁ ବାଧ୍ୟ ହେଲୁ ॥୧୧॥

(ପୃଷ୍ଠା :୨୬/୨୭)

▲▼▲

(ଏହି ଉଦ୍ଧୃତାଂଶର ବ୍ୟାଖ୍ୟା ପରବର୍ତ୍ତୀ ପାଖୁଡ଼ାରେ ଯଥାବିଧି ପ୍ରସ୍ତୁତ ହେଉଅଛି)



# ପୁରାଣ ପୃଷ୍ଠାରୁ

## ଚାମୁଣ୍ଡା

*ବିଶ୍ୱ ସାହିତ୍ୟରେ ବିଭିନ୍ନ ଭାଷାରେ ଅସଂଖ୍ୟ ପୁରାଣ ପ୍ରଚଳିତ । ସମାଜଶାସନ ଏବଂ ଲୋକଚରିତ୍ର ଗଠନ ଉଦ୍ଦେଶ୍ୟରେ ଏ ସକଳ ପୁରାଣର ଅବଦାନ ଅନସ୍ୱୀକାର୍ଯ୍ୟ । ପୌରାଣିକ ଗଳ୍ପ କାହାକୁ ବା ଭଲ ନ ଲାଗେ ? ପୁରାଣ ସ୍ରଷ୍ଟାମାନେ କେବଳ ଗଳ୍ପ ଶୁଣାଇବା ଉଦ୍ଦେଶ୍ୟରେ ପୁରାଣମାନ ସୃଷ୍ଟି କରି ଯାଇନାହାନ୍ତି । ପ୍ରତ୍ୟେକଟି ପୌରାଣିକ ଆଖ୍ୟାୟିକାର ଅନ୍ତରାଳରେ ନିଗୂଢ଼ ନିଗମ ତତ୍ତ୍ୱରାଶି ସଯତ୍ନ ସାଇତି ଯାଇଛନ୍ତି । ଅଧ୍ୟାତ୍ମଜ୍ଞାନପିପାସୁ, ଯୋଗୀ, ସାଧକ, ଗୃହସ୍ଥ, ବ୍ରହ୍ମଚାରୀ, ବିଦ୍ୟାର୍ଥୀମାନଙ୍କର ଚଲାପଥକୁ ସୁଗମ ଓ ସରଳ କରି ତୋଳେ ଏହି ପୁରାଣ ପୃଷ୍ଠାନ୍ତର୍ଗତ ନିଗମ ତତ୍ତ୍ୱପୁଞ୍ଜ । ବିଶ୍ୱଜନର ମନୋରଂଜନ ସହିତ ଅଧ୍ୟାତ୍ମ ଶିକ୍ଷା, ସାଧନସୂତ୍ର ଓ କୌଶଳ ପ୍ରତି ଅଭିରୁଚି ଆକର୍ଷଣ କରିବା ହିଁ ଆମର ଉଦ୍ଦେଶ୍ୟ । ସେହି ଲକ୍ଷ୍ୟ ପଥରେ ଏ ପାଖୁଡ଼ାରେ ଏଥର-*

### ଅର୍ଜ୍ଜୁନର ବରପ୍ରାପ୍ତି ଓ ଉର୍ବଶୀର ଶାପ

ଅର୍ଜୁନ ନିର୍ବାତକପଟକୁ ବଧ କରିଥିବାରୁ ତହିଁ ନିମନ୍ତେ ସ୍ୱର୍ଗରେ ଉତ୍ସବ ଅନୁଷ୍ଠିତ ହେଲା । ସ୍ୱୟଂ ଇନ୍ଦ୍ର ଐରାବତ ପୃଷ୍ଠରେ ଅର୍ଜୁନଙ୍କୁ ଆରୋହଣ କରାଇ ସ୍ୱର୍ଗପୁରକୁ ଘେନିଗଲେ । ଅର୍ଜୁନଙ୍କୁ ଆଲୋକ୍ୟମଣିର ମାଳା ଦେଇ କହିଲେ, ଏ ମଣିମାଳା ଗଳାରେ ଲମ୍ବାଇଥିଲେ କେବେହେଲେ ପ୍ରମାଦ ପଡ଼ିବ ନାହିଁ କିମ୍ବା ମନରେ ଖେଦ ବା ଦୁଃଖ ଜାତ ହେବ ନାହିଁ । ଚନ୍ଦ୍ର ଅମୃତାକ୍ଷ ମଣିମାଳା ଏବଂ ବ୍ରହ୍ମା ଜପାମାଳା ଅର୍ଜୁନଙ୍କୁ ପ୍ରଦାନ କଲେ । ଅର୍ଜୁନଙ୍କର ସମ୍ମାନ ନିମନ୍ତେ ସ୍ୱତନ୍ତ୍ର ଉତ୍ସବ ସହିତ ନୃତ୍ୟ, ଗୀତ, ବାଦ୍ୟ ଇତ୍ୟାଦିର ବହୁଳ ବ୍ୟବସ୍ଥା ହେଲା । ରମ୍ଭା, ଉର୍ବଶୀ, ମେନକା, ଚିତ୍ରରେଖା, ମଦନିକା, କାମସେନା, ମୋହିନୀ ଆଦି ଅପ୍ସରାମାନେ ନୃତ୍ୟ ପରିବେଷଣ କଲେ । ଇନ୍ଦ୍ର ଅଭିଷେକ ମଣ୍ଡପରେ ଅର୍ଜୁନଙ୍କ ମସ୍ତକରେ 'କିରୀଟି' ବା ମୁକୁଟ ବନ୍ଧାଇ ଦେଇ ତାଙ୍କୁ କିରୀଟି ନାମ ପ୍ରଦାନ କରି ଅର୍ଜୁନଙ୍କୁ ବର ମାଗିବା ନିମନ୍ତେ ଅନୁରୋଧ କଲେ । ଅର୍ଜୁନ ଦୁଇହାତ ଯୋଡ଼ି କର୍ଣ୍ଣଙ୍କର ଅମୃତକୁଣ୍ଡଳ ହରଣ କରିବା ନିମନ୍ତେ ଇନ୍ଦ୍ରଙ୍କୁ ବର ମାଗିଲେ । ଇନ୍ଦ୍ର ମଧ୍ୟ ସ୍ମରଣ କରିବା ମାତ୍ରେ ତାହା କର୍ଣ୍ଣଙ୍କ ଠାରୁ ଆଣିଦେବା ପାଇଁ ପ୍ରତିଶ୍ରୁତିବଦ୍ଧ ହେଲେ । ଦେବସଭାରେ ଉପସ୍ଥିତ ଥିବା ସୂର୍ଯ୍ୟ ଏକଥା ଶୁଣି ପରେ କର୍ଣ୍ଣଙ୍କୁ ଏହା ଅବଗତ କରାଇ ସାବଧାନ ରହିବା ନିମନ୍ତେ ସତର୍କ କରାଇ ଦେଇଥିଲେ ମଧ୍ୟ କର୍ଣ୍ଣ ଏଥିପ୍ରତି ଭ୍ରୁକ୍ଷେପ କରିନଥିଲେ । ଯକ୍ଷପତି ବୃଦ୍ଧଶ୍ରବା ଅର୍ଜୁନଙ୍କୁ ଚାରିଗୋଟି ଅଶ୍ୱଦେଲେ ଏବଂ ଏହି ଚାରିଗୋଟି ଅଶ୍ୱ ନିଜ ରଥରେ ଯୋଚି ଯୁଦ୍ଧକୁ ଗଲେ ସେ ସର୍ବଦା ଜୟଯୁକ୍ତ ହେବେ ବୋଲି ଜଣାଇଲେ । ଚାରୋଟି ଅଶ୍ୱ ଶ୍ୱେତବର୍ଣ୍ଣର ହୋଇ ଥିବାରୁ ସେହିଦିନୁ ଅର୍ଜୁନଙ୍କର ଅନ୍ୟନାମ ହେଲା ଶ୍ୱେତବାହନି । ଏହିପରି ଭାବରେ ଅର୍ଜୁନ ସ୍ୱର୍ଗରେ ବହୁ ଉପହାର, ଉପଢ଼ୌକନ ଇତ୍ୟାଦି ପ୍ରାପ୍ତ ହେଲେ ।

ଅର୍ଜୁନ ଏକ ସୁନ୍ଦର ପ୍ରକୋଷ୍ଠରେ ବିଶ୍ରାମ ନେଲେ । ଦେବନାରୀମାନେ ଅର୍ଘ୍ୟଥାଳୀ ଧରି ତାଙ୍କୁ ବନ୍ଦାପନା କରିଗଲେ । ଅର୍ଜୁନ ପଲଙ୍କ ଉପରେ ଶୟନ କଲେ । ସ୍ୱର୍ଗ ବିଦ୍ୟାଧାରୀ ଉର୍ବଶୀ ଅର୍ଜୁନଙ୍କୁ ଅଭିଷେକ ମଣ୍ଡପରେ ନୃତ୍ୟରତା ଅବସ୍ଥାରେ ଦେଖି କାମବାଣରେ ଆତୁର ହୋଇଥିଲେ । ରାତ୍ରିର ଗଭୀର ମୁହୂର୍ତ୍ତରେ ନିଜ କୋଠରୀରେ ବସି ଉର୍ବଶୀ ମଦନବାଣରେ ଅସ୍ଥିରା ହୋଇ ଅର୍ଜୁନଙ୍କ ରୂପଗୁଣକୁ ଭାଳି ହେଉଥାଏ । ଆଖିରେ ନିଦ ନଥାଏ । ଅର୍ଜୁନଙ୍କ କଟାକ୍ଷବାଣରେ ଉର୍ବଶୀର ପଞ୍ଚଭୂତ ପ୍ରାଣ ଦଗ୍ଧୀଭୂତ ହେବାକୁ ଲାଗିଲା । ଶେଷରେ ଉର୍ବଶୀ ମାତା କାମାକ୍ଷୀଙ୍କୁ ସ୍ମରଣ କରି ପ୍ରାର୍ଥନା କଲେ । କାତ୍ୟାୟିନୀ ଇନ୍ଦ୍ରଙ୍କ କଣ୍ଠରେ ବିଜେକଲେ । ଇନ୍ଦ୍ର ପରମାନନ୍ଦ ନାମକ ବିଦ୍ୟାଧରକୁ ଡକାଇ ଉର୍ବଶୀକୁ ଅର୍ଜୁନଙ୍କ କକ୍ଷକୁ ନେଇଯିବା ନିମନ୍ତେ ଆଦେଶ ଦେଲେ । ପରମାନନ୍ଦ ବିଦ୍ୟାଧରଙ୍କ କଥାରେ ଉର୍ବଶୀ ନାନାଦି ଭୂଷଣରେ ବେଶ ହୋଇ ଅର୍ଜୁନଙ୍କୁ ଭେଟିବା ପାଇଁ ଗଲେ, ଉର୍ବଶୀଙ୍କ ଡାକ ଶୁଣି ଅର୍ଜୁନ କୋଠରୀ ଭିତରୁ ଉତ୍ତର ଦେଲେ ଯେ ଗଭୀର ରାତ୍ରିରେ ଭେଟ ହୋଇପାରିବ ନାହିଁ, ରାତି ପାହିଲେ ସାକ୍ଷାତ୍ ହେବ । ଏହିପରି ବହୁ ସମୟ ଧରି ଉର୍ବଶୀ ଓ ଅର୍ଜୁନଙ୍କ ମଧ୍ୟରେ ଯୁକ୍ତିତର୍କ ହେଲା ।

ନହୁଷନନ୍ଦନ ଯଯାତିଙ୍କର ପତ୍ନୀ ଭାବରେ ପୁରୁବଂଶର ଜନନୀ ରୂପେ ଆପଣ ମୋର ମାତୃତୁଲ୍ୟା । ଆପଣଙ୍କୁ ମୁଁ ମାଆ ବୋଲି ସମ୍ବୋଧନ କରୁଛି । ଆପଣ ମୋତେ ପ୍ରଣୟଭିକ୍ଷା କରିବା ଅପରାଧ । ଅର୍ଜୁନ ଏହିପରି ଉର୍ବଶୀଙ୍କୁ ଇନ୍ଦ୍ରପୁରକୁ ଯିବାପାଇଁ ଉପଦେଶ ଦେଲେ । ଅର୍ଜୁନଙ୍କ ଠାରେ ଆପଣାର ରୂପଯୌବନର କୌଣସି ପ୍ରଭାବ ନ ପଡ଼ିବାର ଅନୁଭବ କରି ରୂପସୀ ଉର୍ବଶୀ ଆହତ ହେଲେ ଓ ଅର୍ଜୁନଙ୍କୁ ପ୍ରଭାବିତ କରିବା ନିମନ୍ତେ ନାନାଦି କଥା କହିବାକୁ ଆରମ୍ଭ କଲେ ।

ରୂପ ଅଭିମାନିନୀ ଉର୍ବଶୀ କଳ୍ପନା କରି ପାରିଲେ ନାହିଁ ଯେ ତାଙ୍କର ପ୍ରଣୟ କସ୍ମିନ୍‌କାଳେ ପ୍ରତ୍ୟାଖ୍ୟାନ ହୋଇପାରେ । ଯେଉଁ ରୂପଯୌବନରେ ସେ ଦେବତା ତଥା ମୁନୀଋଷିମାନଙ୍କର ଧୈର୍ଯ୍ୟବନ୍ଧକୁ ମଧ୍ୟ ଟଳାଇ ଦେଇପାରୁଥିଲେ, ସାମାନ୍ୟ ଜଣେ ମନୁଷ୍ୟଠାରେ ପରାଜିତ ହୋଇ ସେ ଆହତ ନାଗୁଣି ପରି କ୍ରୋଧରେ କମ୍ପିତ ହେଲେ । ତାଙ୍କର ଭ୍ରୂଲତା ଦ୍ୱୟ କୁଞ୍ଚିତ ହେବାକୁ ଲାଗିଲା । ସେ ଅଭିଶାପ ଦେଇ କହିଲେ - ଅର୍ଜୁନ, ସାମାନ୍ୟ ମାନବ ହୋଇ ତୁମେ ମୋର ପ୍ରଣୟ ଭିକ୍ଷାକୁ ଯେପରି ଭାବରେ ଅବଜ୍ଞା କଲ, ତାର ଫଳ ସ୍ୱରୂପ କିଛିଦିନ ପୁଂସତ୍ୱହୀନ, କ୍ଲୀବ ଭାବରେ କାଳାତିପାତ କରିବ । ବୀରଶ୍ରେଷ୍ଠ ହୋଇ ମଧ୍ୟ ପୃଥିବୀରେ ତୁମକୁ ନଂପୁସକ ଭାବରେ ସମସ୍ତେ ଜାଣିବେ ।

ଅର୍ଜୁନଙ୍କର ହୃଦୟ ଥିଲା ନିର୍ମଳ ଓ ନିଷ୍କଳଙ୍କ । ଉର୍ବଶୀଙ୍କର ଏହି ବାଣୀ ଅବିଧେୟ ଓ ଅସଙ୍ଗତ ହେଲେ ମଧ୍ୟ ଦେବନର୍ତ୍ତକୀଙ୍କର ଅଭିଶାପ ଅନ୍ୟଥା ହେବାର ନୁହେଁ । ତାହା ଏପରି ସମୟରେ ଫଳିଲା, ଯେତେବେଳେ ଏହା ବରଦାନ ସ୍ୱରୂପ କାର୍ଯ୍ୟ କଲା । ବାରବର୍ଷ ବନବାସ ପରେ ପାଣ୍ଡବମାନେ ଯେତେବେଳେ ବିରାଟନଗରରେ ଏକବର୍ଷ ଅଜ୍ଞାତବାସ କଲେ, ସେତେବେଳେ ବିଶ୍ୱବିଶ୍ରୁତ ଯୋଦ୍ଧା ଧନଞ୍ଜୟ ବୃହନ୍ନଳା ନାମ ଧାରଣ କରି ରାଜକନ୍ୟା ଉତ୍ତରାଙ୍କର ନୃତ୍ୟଗୁରୁ ରୂପେ ଆତ୍ମଗୋପନ କରିଥିଲେ ।

## ମୀମାଂସା

ଅର୍ଜୁନ ହେଉଛି ଅର୍ଜନକାରୀ ଭାବ । ଜୀବ ଯେତେବେଳେ କର୍ମଯୋଗକୁ ଯାଏ, ସେତେବେଳେ ସେ ଅର୍ଜନକାରୀ ହୋଇ ଅର୍ଜୁନ ବୋଲାଏ । ନିର୍ବାତକବଚ ବୋଇଲେ ଅଭକ୍ଷଭକ୍ଷଣକାରୀ, ଷଡ଼ରିପୁ, ଐନ୍ଦ୍ରଜାଲିକ ତସ୍କର କୁଟିଳ ସ୍ୱଭାବ । ପିଣ୍ଡତତ୍ତ୍ୱରେ କର୍ମଯୋଗ ସମ୍ପନ୍ନ ଅର୍ଜନକାରୀ ଜୀବ ସାଧନ ଦ୍ୱାରା ଷଡ଼ରିପୁକୁ ବଧ (ନିୟନ୍ତ୍ରଣ) କରି କୁଟିଳ ସ୍ୱଭାବ ପରିତ୍ୟାଗ କରି ଜିହ୍ୱ ଅନୁରୂପ ଖାଦ୍ୟଗ୍ରହଣ କରିବାରୁ ସ୍ୱର୍ଗରାଜ୍ୟ ବା ମସ୍ତକ ଦେଶରେ ଉତ୍ସବ ଅର୍ଥାତ୍ ଆନନ୍ଦରେ ଉଦ୍‌ବେଳିତ ହେଲା । ଅର୍ଥାତ୍ ଜୀବ ସୂକ୍ଷ୍ମ ଅବସ୍ଥାରେ ସତ୍‌ଚିତ୍ ଆନନ୍ଦକୁ

ସୂକ୍ଷ୍ମରେ ପ୍ରାପ୍ତ ହେଲା । ସ୍ୱର୍ଗରାଜ୍ୟ ହେଉଛି ମସ୍ତିଷ୍କ । ଲଲାଟରେ ବ୍ରହ୍ମାନନ୍ଦ ପ୍ରାପ୍ତି ହୁଏ । ଇନ୍ଦ୍ର ଅର୍ଜୁନଙ୍କୁ ଐରାବତ ପୃଷ୍ଠରେ ନେଲେ । ଅର୍ଜୁନଙ୍କ ପିତା ଇନ୍ଦ୍ର । ଜୀବର ପିତା ବା ସ୍ରଷ୍ଟା ପୁରୁଷ ହିଁ ପରମ । ତେଣୁ ପରମ ଜୀବର ମୂର୍ଖସ୍ୱଭାବ ଉପରେ ଚଢ଼ି ଜୀବକୁ ପରମଧାମ ଅର୍ଥାତ୍ ଲଲାଟଚକ୍ର ଦେଇ ସହସ୍ରଦଳକୁ ଘେନିଗଲେ । ଏଠାରେ ଯୋଗଦର୍ଶନର ଚକ୍ରଭେଦକୁ ଅର୍ଥାତ୍ କୁଣ୍ଡଳିନୀର ଊର୍ଦ୍ଧ୍ୱାରୋହଣକୁ ବୁଝିବାକୁ ହେବ । ବ୍ରହ୍ମଙ୍କର ଚାରିପାର୍ଶ୍ୱରେ ଐନ୍ଦ୍ରିଜାଲିକ ବୁଦ୍ଧିସମ୍ପନ୍ନ ମତି, ବିବେକାଦି ଅପସରାଗଣ ଘେରି ରହିଛନ୍ତି । ଏମାନେ ସାଧାରଣ ଜୀବକୁ ପଥଭ୍ରଷ୍ଟ କରି ନାନାଦି ପରୀକ୍ଷାରେ ପକାନ୍ତି । ଇନ୍ଦ୍ର ବା ପରମପୁରୁଷ ଆଲୋକ୍ୟମଣିମାଳା ଅର୍ଥାତ୍ ତତ୍ତ୍ୱଜ୍ଞାନାଲୋକ ଜୀବ ହୃଦୟରେ ଜାତ କରାନ୍ତି । ତତ୍ତ୍ୱ ଜ୍ଞାନାଲୋକରେ ଆଲୋଚିତ ଜୀବାତ୍ମାକୁ କୌଣସି ପ୍ରମାଦ ସ୍ପର୍ଶକରେ ନାହିଁ । ସେ ନିର୍ଭୁଲ ଭାବରେ ସକଳ କର୍ମାଦି ଯୋଗ ମାର୍ଗରେ ସାଧନ କରିପାରେ । ସେ ଦୁଃଖଶୋକ, ସୁଖ, ଭୋଗ, ବୈରାଗ୍ୟ, ରୋଗ, ନୀରୋଗ ଆଦିକୁ ସମଦୃଷ୍ଟିରେ ଦେଖି ସକଳ ଅବସ୍ଥାରେ, ସର୍ବକାଳରେ, ସର୍ବଦା ଶାନ୍ତିମୟ ଓ ସୁଖମୟ ଜୀବନ ନିର୍ବାହ କରିପାରେ । ଚନ୍ଦ୍ରଦେବତା ବୋଇଲେ ଚନ୍ଦ୍ରାଣୀ ସୂତ୍ରୀକୁ ବୁଝାଏ । ଅମୃତାକ୍ଷ ମଣିମାଳା ବୋଇଲେ ରଜଗୁଣର ଯେଉଁସବୁ କାମମୋହିତବସ୍ତୁ ଜୀବ ଭୋଗ କରେ । ଜପମାଳା ବା ବୈଦୁର୍ଯ୍ୟମଣିମାଳା ଅର୍ଥାତ୍ କାଳ ପ୍ରବେଶ ନ କରିବା; ଏଠାରେ ଜୀବ ସହସ୍ରଦଳଚକ୍ରରେ ଶକ୍ତିପ୍ରାପ୍ତ ବା ସିଦ୍ଧହେବା ଅର୍ଥାତ୍ ବରପ୍ରାପ୍ତିକୁ ବୁଝାଉଅଛି । ସୂର୍ଯ୍ୟଦେବତା ଅର୍ଥାତ୍ ବିଶ୍ୱଚକ୍ଷୁ । ତାଙ୍କ ପ୍ରଦତ୍ତ ଅର୍କମଣି ପ୍ରତ୍ୟେକ ଦିଗରେ ଦୂରଦୃଷ୍ଟି ବା ଦୂରଦର୍ଶିତାକୁ ବୁଝାଇଥାଏ । ଅର୍ଜୁନ ବା କର୍ମଯୋଗୀ ଅର୍ଜନକାରୀ ଜୀବ ଅମରପୁର ଅର୍ଥାତ୍ ଅଣିମା ଲଘିମାଦି ଷଡ଼ୈଶ୍ୱର୍ଯ୍ୟ ଏବଂ ତନ୍ତ୍ରସୂତ୍ରୀମଣ୍ଡଳ ଭେଦ ବା ଷଡ଼ଚକ୍ର ଭେଦ କରିବା ଅର୍ଥ ପ୍ରକାଶ କରୁଅଛି । ଅଭିଷେକ ବୋଇଲେ ଯମ ନିୟମାଦି ଅଷ୍ଟାଙ୍ଗଯୋଗ (ସାଷ୍ଟାଙ୍ଗ ପ୍ରଣାମ ମାଧ୍ୟମରେ) ସାଧନ ଫଳରୁ ସହଜସୂତ୍ରରେ ଛାୟାଅବାଢ଼ ଭେଦକୁ ବୁଝାଉଅଛି । କିରୀଟୀ ବୋଇଲେ ସ୍ଥୂଳମତରେ ମୁକୁଟ ବା ଶିରସ୍ତ୍ରାଣ । ସୂକ୍ଷ୍ମମତରେ ବା ପିଣ୍ଡତତ୍ତ୍ୱରେ ତାହା ମସ୍ତିଷ୍କର ଆନନ୍ଦସ୍ୱରୂପକୁ ରକ୍ଷା କରିବାର ଦାୟିତ୍ୱ ପୂର୍ଣ୍ଣମାତ୍ରାରେ ଗ୍ରହଣ କରିଥାଆନ୍ତି । ବର ବୋଇଲେ ଜୀବର ଇପ୍ସିତ ଦୈବୀକୃପା । ପୁରୁଷାର୍ଥ ପ୍ରୟୋଗ ଶକ୍ତିରୁ ଜୀବ ପରମଙ୍କଠାରୁ ଅନାୟସରେ ବର ବା ଦୈବୀକୃପା ପ୍ରାପ୍ତ ହୋଇଥାଏ । ଗୀତାର ତତ୍ତ୍ୱସମୀକ୍ଷାରେ ମଧ୍ୟ ଏହା ଲିପିବଦ୍ଧ ହୋଇଅଛି । ବାହୁଟି ବୋଇଲେ ରଜଗୁଣରେ ଯୋଦ୍ଧାର କଙ୍କଣ ଅର୍ଥାତ୍ ଶୁଦ୍ଧକ୍ରୋଧଭାବ । କର୍ଣ୍ଣ ବୋଇଲେ ଶବ୍ଦଭେଦରେ ଦୃଢ଼ ନୀତିକୁ ଗ୍ରହଣ କରିବାର ଶକ୍ତି । ଅମୃତକୁଣ୍ଡଳ-ବଜ୍ରଢୋରୀ ଅର୍ଥାତ୍ କର୍ଣ୍ଣର ଶୁଦ୍ଧ ଶବ୍ଦଭେଦଜ୍ଞାନ ଓ ଶକ୍ତିକୁ ବୁଝାଏ । ଯକ୍ଷପତି ବୃଦ୍ଧଶ୍ରବା ଅର୍ଥାତ୍ ଆସୁରୀଧର୍ମର ପତି ବା ରାଜା । ଅଶ୍ୱ ବୋଇଲେ ବେଗ ବା ଦ୍ରୁତଗତିକୁ ବୁଝାଏ । ଅଶ୍ୱର ବେଗ ବା ଦ୍ରୁତଗତି ଦେହ ମଧ୍ୟରେ ୬୨ ପ୍ରକାର ଅଛି । ତନ୍ମଧ୍ୟରୁ ଅର୍ଜୁନଠାରେ ଚାରୋଟି ଅଶ୍ୱ ବା ଗତି କ୍ରିୟାଶୀଳ ହେଲା । ତାହାହେଉଛି- ୧. ଚିତ୍ତଚାଞ୍ଚଲ୍ୟ । ୨. ଚିତ୍ତବିବେକ ବେଗ (ଅନ୍ଧାରୀ ଅବସ୍ଥାର ଭାବ), ୩. ଅନ୍ଧାବୋଧ ଦୌଡ଼ (ଦେହରେ ଯେଉଁ ବୋଧ ହେଉଛି, ତାହା ଫଳରୁ ସମୟ ସମୟରେ ଅବାସ୍ତବକୁ ବାସ୍ତବ ମନେ କରୁଛି ।) ଓ ୪. ଅଜ୍ଞାନ ଅବୋଧ ବେଗ (ଜ୍ଞାନୀ ହୋଇ ମଧ୍ୟ ଅଜ୍ଞାନଙ୍କ ପରି ବୋଧନେବା ବେଗ ) ।

ଇନ୍ଦ୍ରଙ୍କର ଐନ୍ଦ୍ରିଜାଲିକ ବିଦ୍ୟା ଅର୍ଥାତ୍ ମାୟାଧର ନିତ୍ୟକୃଷ୍ଣଙ୍କର ମାୟାର ବୃହତ୍ଶକ୍ତି: କାମ - କାମ ଦେହ ମଧ୍ୟରେ ରାଜା ତୁଲ୍ୟ । କାମରାଜ୍ୟର ୭୨ଟି ରାଣୀ । କାମ ଜୀବକୁ ସାଧନା ପଥରୁ ଓହରାଇ ଦିଏ । ନାନା ପ୍ରକାର ପରୀକ୍ଷା ଏହି ୭୨ଟି ରାଣୀଦ୍ୱାରା କରିଥାଏ । ୭୨ଟି ରାଣୀ ମଧ୍ୟରୁ ସାତଗୋଟି ପାଟରାଣୀ ଅଛନ୍ତି । ପାଟରାଣୀମାନେ କାମକୁ ସବୁ ସମୟରେ ସାହାଯ୍ୟ ସହଯୋଗ ଯୋଗାଇ ଦେଇ ଜୀବକୁ ଯୋଗମାର୍ଗରେ ନାନାଦି ପରୀକ୍ଷା କରନ୍ତି । ସେମାନେ ଜୀବ ମଧ୍ୟରେ କାମଭାବର ନୀତି ଦେଖାନ୍ତି । ଯୋଗମାର୍ଗରେ ପରିଚାଳିତ ଜୀବ କଠିନ ସଂଯମ ଓ ସାଧନା ଦ୍ୱାରା ଅଭ୍ୟାସକର୍ମ କରି କାମଭାବକୁ ନିୟନ୍ତ୍ରଣ କରି ପତଳା ବା ଶୂନ୍ୟ

କରିଦେଇପାରେ । ମନ୍ତ୍ର, ମୁଦ୍ରା, ଆସନ, ଲୟ, ଧେୟ ଇତ୍ୟାଦି ପ୍ରତିଦିନର ଅଭ୍ୟାସ କର୍ମଧାରା ଅନୁସାରେ କଲେ, ବହୁ ସାଧନା ପରେ କର୍ମଯୋଗୀ ଜୀବ କାମରାଜାକୁ ପରାସ୍ତ କରି ବିଜୟ ଲାଭ କରେ । ୧.ରମ୍ଭା-ବର୍ଣ୍ଣଧବଳ, ତ୍ୟାଗଭଗ୍ନ ଅଭିମାନଯୁକ୍ତ ସ୍ନେହ ଭାବକୁ ବଢ଼ାଏ । ୨. ଉର୍ବଶୀ- ବର୍ଣ୍ଣ ଗୋଲାପୀ, ଅନୁମାନପ୍ରେମ, ଈର୍ଷା ମିଶ୍ରିତ ପ୍ରେମକୁ ବଢ଼ାଏ । କ୍ରୋଧୀ, କୋପକାରିଣୀ । ୩. ମେନକା - ରକ୍ତବର୍ଣ୍ଣ, ଚାତୁରୀପ୍ରୀତି, ସର୍ବାଙ୍ଗ ଶରୀରକୁ ଉଲ୍ଲସିତ କରି ନାମଶିହରଣ ଭାବ ବଢ଼ାଏ । ୪. ଚିତ୍ରରେଖା - ବର୍ଣ୍ଣ ହରିଦ୍ରା, କପଟମିଶା ସ୍ନେହ, ବହୁ ସମୟରେ ଚିତ୍ରବିଚିତ୍ର ଅଙ୍ଗଭୂଷଣ ଦ୍ୱାରା ସାଜଭାବ ବଦଳାଇବା ସ୍ୱଭାବ । ୫. ମଦନିକା- ମେଘବର୍ଣ୍ଣ, ରାକ୍ଷସୀଭାବାନ୍ୱିତ ପ୍ରୀତି, ଶୋଷଣକରି ଜୀବକୁ ମୃତ୍ୟୁମୁଖ ପର୍ଯ୍ୟନ୍ତ ଟାଣିନିଏ । ୬. କାମସେନା - ବର୍ଣ୍ଣ ବାଇଗଣି, ପ୍ରଚଣ୍ଡ କାମତୁରା ଭାବମିଶା ପ୍ରୀତି, ହିଂସାଭାବ ମଣ୍ଡିତ । ୭. ମୋହିନୀ - ବର୍ଣ୍ଣ ସବୁଜ, ପିଣ୍ଡଭୋଗକାରୀ ଭାବମିଶ୍ରିତ ସ୍ନେହ, ଏହା ଯୋଗକ୍ରିୟାରେ କ୍ଷତବିକ୍ଷତ କରାଏ ।

ଜୀବ ଯୋଗମାର୍ଗରେ ଗତିକରି ଷଡ଼ଚକ୍ର ଭେଦି ସହସ୍ରାରେ ଅବସ୍ଥାନ କରିବା ଅର୍ଜୁନଙ୍କର ଏକ ସୁନ୍ଦର ପ୍ରକୋଷ୍ଠରେ ବିଶ୍ରାମ ନେବାକୁ ବୁଝାଏ । ଦେବନାରୀ ଅର୍ଥାତ୍ ବ୍ରହ୍ମ ଚତୁଃପାର୍ଶ୍ୱରେ ବେଢ଼ି ରହିଥିବା ମତି, ଚିତ୍ତ, ବିବେକ, ବୁଦ୍ଧି, ମନ, ଚୈତନ୍ୟାଦି ଅର୍ଜୁନ ଓ ଅର୍ଜନକାରୀ ଜୀବକୁ ସଙ୍କୋଚି ନିଅନ୍ତି । ସ୍ୱର୍ଗବିଦ୍ୟାଧାରୀ ଉର୍ବଶୀ ଅର୍ଥାତ୍ ଈର୍ଷାମିଶ୍ରିତ ଅନୁମାନ ପ୍ରେମଭାବ କର୍ମଯୋଗୀ ଜୀବର ସୌଭାଗ୍ୟରେ ମୋହିତ ହୋଇ ମୋହିନୀଭାବରେ ଜୀବକୁ ଭୋଗ କରିବାକୁ ଇଚ୍ଛା ବା ଲୋଭ ପ୍ରକାଶ କରେ । ଏହି ଅନୁମାନ ପ୍ରେମ ପରମ ନିକଟରେ ଆପଣାର ସ୍ଥିତି ପ୍ରକାଶ କରେ । ପରମ ପୁରୁଷ ଆନନ୍ଦସ୍ୱରୂପଙ୍କୁ ଆଦେଶ ଦିଅନ୍ତି ପିଣ୍ଡପୁରୁଷ ପ୍ରାଣରେ ପ୍ରେମ ସଞ୍ଚାର କରିବା ନିମନ୍ତେ । ମାତା କାମାକ୍ଷୀ ହେଉଛନ୍ତି ଯୋଗମାୟା । ସେ ପରମଙ୍କୁ ପରିଚାଳିତ ଅର୍ଥାତ୍ ସକ୍ରିୟ କରି ପ୍ରେମଭାବର ଇଚ୍ଛା ପୂରଣ ନିମନ୍ତେ ନିର୍ଦ୍ଦେଶ ଦିଅନ୍ତି । ଆନନ୍ଦସ୍ୱରୂପ ପରମାନନ୍ଦ (ବିଦ୍ୟାଧର) ଜୀବର ବ୍ରାହ୍ମୀସ୍ଥିତିରେ ପ୍ରେମ ପ୍ରକାଶ କରନ୍ତି । ଜୀବ ପ୍ରେମର ଆହ୍ୱାନରେ ପ୍ରତ୍ୟୁତ୍ତର ଦେଇ କହନ୍ତି, ବ୍ରାହ୍ମୀସ୍ଥିତିରେ ପ୍ରେମର ପ୍ରବେଶ ନିଷେଧ, ସେଠାରେ କେବଳ ଭକ୍ତି (ପ୍ରେମାଭକ୍ତି) ବା ଶରଣାଗତିର ସ୍ଥାନ । ରାତି ପାହିଲେ ଅର୍ଥାତ୍ ସ୍ୱାଭାବିକ ଅବସ୍ଥାରେ ସ୍ଥୂଳପ୍ରେମ ସହିତ ଭେଟାଭେଟି ହେବ ।

ନହୁଷନନ୍ଦନ ଯଯାତି ହେଉଛନ୍ତି ବ୍ରହ୍ମରାକ୍ଷସ ସ୍ୱଭାବର ସଂଯମ ପଥ ଅବରୋଧକାରୀ ଶକ୍ତି । ଉର୍ବଶୀ ଅର୍ଜୁନଙ୍କଠାରେ ପ୍ରୀତିଭିକ୍ଷା କରନ୍ତେ ଅର୍ଜୁନ ଉର୍ବଶୀଙ୍କୁ ମାଆ ବୋଲି ସମ୍ବୋଧନ କଲେ । ଜୀବର ବ୍ରାହ୍ମୀସ୍ଥିତି ହିଁ ଚରମ ସଂଯମ ଅବସ୍ଥା । ସେ ଅବସ୍ଥାରେ ପ୍ରଣୟ ଅପରାଧ ଅଟେ । ସେତେବେଳେ କାମଶକ୍ତି ଥିଲେ ନିଶ୍ଚୟ ଅର୍ଜୁନ ଟଳି ଥାଆନ୍ତା । ତେଣୁ ବ୍ରାହ୍ମୀସ୍ଥିତିରେ ଥିବା ଜୀବ ପ୍ରେମପ୍ରୀତିକୁ ପରମଙ୍କ ନିକଟକୁ ଫେରିଯିବା ପାଇଁ ଉପଦେଶ ଦେଇଛନ୍ତି । ସଂଯମୀ ଯୋଗୀ ଜୀବଠାରେ ପ୍ରେମ ପ୍ରଣୟର ପ୍ରଭାବ ନପଡ଼ିବା ସ୍ୱାଭାବିକ ଅଟେ । ଅର୍ଜୁନଙ୍କୁ ନାନାଦି ଭୂଷଣରେ ଅଙ୍ଗଭଙ୍ଗୀ ଦେଖାଇଲେ ମଧ୍ୟ ସେ ମାୟାକୁ ଭେଦ କରିଥିବା କାରଣରୁ କଦାପି ନ ଟଳି ନିଜ ସ୍ଥିତିରେ ଅଟଳ ରହିଲେ । ଉର୍ବଶୀ ଅର୍ଜୁନଙ୍କୁ ଟଳାଇ ନପାରି କ୍ରୋଧରେ ଜର୍ଜରିତା ହେଲେ । ପ୍ରେମ ବାଧାପ୍ରାପ୍ତ ହେଲେ କ୍ରୋଧରେ ପରିଣତ ହୁଏ । ଉର୍ବଶୀର ଅଭିଶାପରୁ ଅର୍ଜୁନ କ୍ଳୀବ ହୋଇ ରହିଲେ ।

ଜୀବର ଯୋଗମାର୍ଗରେ ପ୍ରାଣାୟାମରୁ ସମାଧି ପର୍ଯ୍ୟନ୍ତ ଦ୍ୱାଦଶ ପାହାଚ ମଧ୍ୟରୁ ଏକ ପାହାଚ ଅଜ୍ଞାତବାସ । ଏହାକୁ ସାମ୍ପ୍ରଦାୟିକ ସମାଧିଭୋଗ କୁହାଯାଏ । ଉତ୍ତରା ହେଉଛି ଯୋଗମାୟାର ୩୨ ପାବଚ୍ଛ ମଣ୍ଡଳର ସଖୀ । ବିରାଟନଗର ବୋଇଲେ ପିଣ୍ଡପୁରୁଷର ଭୋଗମଣ୍ଡଳକୁ ବୁଝାଏ । ଉତ୍ତରା ଯୋଗୀଋଷିମାନଙ୍କୁ ଅଜ୍ଞାନଭୋଗ ମାୟାରେ ଭଗ୍ନ କରାଇ ତଳକୁ ଖସାଇ ଦିଏ । ଅର୍ଜୁନ ଦେହ ସଂଯମୀ ହୋଇଥିବାରୁ ଉତ୍ତରାକୁ ପରୀକ୍ଷା କରିପାରିଲେ । ଗୁରୁପଦରେ ରହି ଉତ୍ତରାକୁ ନୃତ୍ୟଶିକ୍ଷା ଦେଇଥିଲେ ଅର୍ଥାତ୍ କର୍ମଯୋଗୀ ଯୋଗମାର୍ଗରେ ରହି ଆତ୍ମ ସଂଯମବଳ ସଂଗ୍ରହ କଲେ, ମାୟାବନ୍ଧନ ତାହାର କ୍ଷତି କରିପାରେ ନାହିଁ । ସେ ସେହି ବନ୍ଧନରୁ ମୁକ୍ତିଲାଭ କରିଥାଏ ।

▲▼▲

# ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ

## ମୋହ



ସ୍ୱରୂପ ଏବଂ ଅନୁଭବଯୁକ୍ତ ସ୍ଥୂଳ ବସ୍ତୁ, ବ୍ୟକ୍ତି, ଘଟଣା ଏବଂ ପରିବେଶ ପ୍ରତି ସଂଜାତ ପ୍ରଗାଢ଼ ଆସକ୍ତି ହିଁ ମୋହ । ମୋହ ସୃଷ୍ଟିରେ ମାୟାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ତତୋଧିକ ଗୁରୁତ୍ୱପୂର୍ଣ୍ଣ ଜୀବକୋଷ ଓ ସ୍ନାୟୁଗ୍ରନ୍ଥି ସମୂହରୁ ଇନ୍ଦ୍ରିୟ ପରାୟଣତା ସୃଜନକାରୀ ଅଣୁ ଓ ରସ । ମନ ଏକମୁଖୀ ନ ହେଲେ ଏ ସବୁର ତୀବ୍ର ଆକର୍ଷଣକୁ ଏଡ଼ାଇ ପାରେନା । ପରମ ପ୍ରେମମୟ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଅପାର କରୁଣାରୁ ଲୋକଶିକ୍ଷା ଏବଂ ଆଧ୍ୟାତ୍ମିକ ବିଦ୍ୟା ପ୍ରସାର ନିମନ୍ତେ ଚରମ ସୁଧୀ ପାଠକପାଠିକାମାନଙ୍କୁ ଆମର ଧାରାବାହିକ ନିୟମିତ ଦିବ୍ୟ ଉପହାର: ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ ସ୍ତମ୍ଭରେ -

## ଅସୁଷୁପ୍ତି ମୋହ

ଅହିଜ୍ଞାତଚୋର୍ମା ମୋହର ଦୁଇଟି ଶ୍ରେଣୀ ଯଥା: (୧) ସୁଷୁପ୍ତି ମୋହ ଏବଂ (୨) ଅସୁଷୁପ୍ତି ମୋହ ସମ୍ପର୍କରେ ଚରମର ୭ମ ସଂଖ୍ୟାରେ ବର୍ଣ୍ଣିତ ହୋଇଛି । ତନ୍ମଧ୍ୟରୁ ଅସୁଷୁପ୍ତି ମୋହର ପ୍ରକରଣ ଏବେ ଶୁଣ ।

**ପ୍ରଭୁପାଦ ଉବାଚ:**

ଏ ମୋହ ପ୍ରକାରରେ ଦୁଇ । ପ୍ରଥମେ କୁଣ୍ଡଳିନୀ କହି ॥<br>
ଦ୍ୱିତୀୟେ ଗ୍ରୀବା କୁଣ୍ଡଳିନୀ । ତୋଷ ହୁଅ ହୋ ଏହା ଶୁଣି ॥

**ଶିଷ୍ୟ ଉବାଚ :**

ପ୍ରଥମେ କୁଣ୍ଡଳିନୀ ମୋହ । କାହାକୁ ବୋଲିଥାଇ କୁହ ॥

**ଶ୍ରୀଗୁରୁସ୍ୱାମୀ ଉବାଚ :**

ଜାଗ୍ରତ ଅବସ୍ଥାରେ ଶୋଇ । ଏ କୁଣ୍ଡଳିନୀ ମୋହ କହି ॥<br>
ଏ ମୋହ କୁଣ୍ଡଳିନୀ ଘରୁ । ଉଦୟ ହୋଇ ମୋହେ ଘାରୁ ॥<br>
ପ୍ରାଣୀ ଜାଗ୍ରତ ଅବସ୍ଥାରେ । ଶୁଅଇ ପଡ଼ି ଏ ମୋହରେ ॥<br>
ପ୍ରାଣୀକୁ ଅସୁଷୁପ୍ତି ମୋହ । ବାନ୍ଧିଣ ଦେଇଥାଏ ଦାହ ॥

ପୂର୍ବରୁ ବର୍ଣ୍ଣିତ ହୋଇଛି ଯେ ଚୈତନ୍ୟର ନିର୍ଦ୍ଦେଶରେ ପ୍ରାଣୀ ଅସୁଷୁପ୍ତି ମୋହବଶରୁ ସ୍ୱତଃ ନିଦ୍ରା ଯାଇଥାଏ । ମୋହବଶତଃ ତନ୍ଦ୍ରା ଘୋଟିଆସେ, ପ୍ରାଣୀ କିଛି ସମୟ ନିଦ୍ରିତ ଅବସ୍ଥାରେ ଅତିବାହିତ କରେ; ଯଥା ସମୟରେ ମୋହ ଛାଡ଼ିଯାଏ ଏବଂ ପ୍ରାଣୀ ଜାଗ୍ରତ ହୋଇ ଅନୁଭବ କରେ ଯେ, ତା' ଶରୀରକୁ କ୍ଳାନ୍ତି ଲେଶମାତ୍ର ନାହିଁ । କିନ୍ତୁ, କେତେକ ଲୋକ ଏହାପରେ ମଧ୍ୟ ଶଯ୍ୟା ତ୍ୟାଗ ନ କରି ଅନାବଶ୍ୟକ ଭାବରେ

ଆଳସ୍ୟପରାୟଣ ହୋଇ ନିଦ୍ରିତ ରହନ୍ତି । ମୋହ ପାଶକୁ କାଟି ନ ପାରି ଜାଗ୍ରତ ଅବସ୍ଥାରେ ଶଯ୍ୟାରେ ଶୋଇରହି ହାତଗୋଡ଼ ଜାକିଜୁକି ହୋଇ ପଡ଼ି ରହିଥାନ୍ତି । ଏ ପ୍ରକାର ଶୋଇବା ଅଭ୍ୟାସ କୁଣ୍ଡଳିନୀ ମୋହ ହେତୁ ହୋଇଥାଏ । ଏ ମୋହ କୁଣ୍ଡଳିନୀ ଘରୁ ଉଦୟ ହୋଇ ପ୍ରାଣୀକୁ ଆଚ୍ଛନ୍ନ କରି ଘାରିଥାଏ । ଏହି ମୋହ ପାଶରେ ବାନ୍ଧିହୋଇ ପ୍ରାଣୀ ଆଳସ୍ୟ ଦୋଷରୁ ଦାହ ପାଏ । ଯେଉଁମାନେ ଏହି ମୋହର ବଶୀଭୂତ ହୋଇଥାଆନ୍ତି, ସେମାନଙ୍କର ମେରୁ ମଜ୍ଜା ନଷ୍ଟ ହୋଇଯାଏ । ଫଳତଃ ପ୍ରାଣୀ ଅକାଳରେ ଅଣ୍ଟାଧରା ରୋଗରେ ପୀଡ଼ିତ ହୁଏ । ତା'ର ମେରୁଦଣ୍ଡ ଅଳ୍ପ ବୟସରୁ ଭାଙ୍ଗିପଡ଼େ ଓ ସେ ନଇଁ ନଇଁ ଚାଲେ । ପ୍ରାଣୀ ଏହି କୁଣ୍ଡଳିନୀ ମୋହରେ ବାନ୍ଧି ହୋଇ ଅକାଳରେ ରୋଗ ଯନ୍ତ୍ରଣାଜନିତ ଯମଦଣ୍ଡରୂପକ ଦାହ ଭୋଗ କରେ ଏବଂ ନୀରବରେ କଇଁ କଇଁ କାନ୍ଦିବାକୁ ବାଧ୍ୟ ହୁଏ । ଏହି ମୋହ ଯୋଗସାଧନରେ ଘୋର ଅନ୍ତରାୟ ସୃଷ୍ଟି କରିଥାଏ ।

**ଶିଷ୍ୟ ଉବାଚ :**

ଗ୍ରୀବା କୁଣ୍ଡଳିନୀ ବିଷୟ । କୁହନ୍ତୁ କରେ ଅନୁନୟ ॥

**ଶ୍ରୀ ଗୁରୁସ୍ୱାମୀ ଉବାଚ :**

ଯଥା କାଳରେ ଆସିଥାଏ । ଯଥା ସମୟେ ଭାଙ୍ଗିଯାଏ ॥
ଏହାହିଁ ଅସୁଷୁପ୍ତି ମୋହ । ସୁସ୍ଥ ରଖଇ ପ୍ରାଣୀଦେହ ॥
ଏ ମୋହଭଙ୍ଗର ସମୟେ । ସମୟ ହୋଇଣ ନଥାଏ ॥
ଶଯ୍ୟାତ୍ୟାଗ ନ କରି ପ୍ରାଣୀ । ଗ୍ରାସଇ ତା'କୁ କୁଣ୍ଡଳିନୀ ॥
ଶିକାର ହୁଏ ଏ ମୋହର । ଜାଗ୍ରତେ ଶୋଇ ଉଠିବାର ॥
ମୋହରେ ଛନ ଛନ ହୋଇ । ଗ୍ରୀବାକୁ ଟେକି ଚାହୁଁଥାଇ ॥
ବାରକୁ ବାର ଦେଖି ବେଳ । କାଟଇ ଆଳସ୍ୟରେ କାଳ ॥
ସମୟ ଦେଖି, ପକ୍ଷୀରାବ । ଶୁଣଇ, ଏହି ମୋହଭାବ ॥
ଗ୍ରୀବା କୁଣ୍ଡଳିନୀ ମୋହଇ । ବତ୍ସ ହୋ କହିଲି ବୁଝାଇ ॥

ଅସୁଷୁପ୍ତି ମୋହ ଆବଶ୍ୟକ ମତେ ଯଥାକାଳରେ ଆସି ପ୍ରାଣୀର କ୍ଳାନ୍ତି ଅପନୋଦନ କରି ପୁନରାୟ ଯଥା ସମୟରେ ଛାଡ଼ି ଚାଲିଯାଏ । ପ୍ରାଣୀ ପୂର୍ଣ୍ଣ ବିଶ୍ରାମଜନିତ ନିଦ୍ରା ଉପଭୋଗ ଅନ୍ତେ ପୁଣି ଶକ୍ତି ସଞ୍ଚୟ କରି କର୍ତ୍ତବ୍ୟରେ ଲାଗିପଡ଼େ । ଅସୁଷୁପ୍ତି ମୋହ ପ୍ରାଣୀ ଶରୀରକୁ ସୁସ୍ଥ ଓ ସତେଜ ରଖି କର୍ମ ପ୍ରେରଣା ଦେଇଥାଏ । କିନ୍ତୁ ବେଳେବେଳେ ଏ ମୋହ ତୁଟିଯିବାର ସମୟ ହୋଇନଥାଏ, ମାତ୍ର ପ୍ରାଣୀର ନିଦ୍ରାଭଙ୍ଗ ହୋଇଯାଏ । ନିଦ୍ରାଭଙ୍ଗ ମାତ୍ରେ ଶଯ୍ୟାତ୍ୟାଗ ନ କଲେ ତାକୁ କୁଣ୍ଡଳିନୀ ମୋହ ଗ୍ରାସ କରେ । ଏହି ମୋହର ଶିକାର ହୋଇ ପ୍ରାଣୀ ଜାଗ୍ରତ ଅବସ୍ଥାରେ ଶଯ୍ୟାରେ ହାତଗୋଡ଼ ଜାକିଜୁକି ଆଳସ୍ୟବଶରୁ ଶୋଇ ରହେ । ମୋହବଶତଃ ଛନଛନ ହୋଇ ଉଠିବାର ସମୟ ହେଲାଣି କି ନାହିଁ ଦେଖିବା ପାଇଁ ବାରମ୍ବାର ଗ୍ରୀବା ଟେକି ଚାହୁଁଥାଏ, ବେଳ ଦେଖି, ପକ୍ଷୀର ରାବ ଶୁଣି ମଧ୍ୟ ପୁଣି ଶୋଇ ରହେ । ଏହାହିଁ ଗ୍ରୀବା କୁଣ୍ଡଳିନୀ ମୋହର ଭାବ ଅଟେ । ଏହି ମୋହ କୁଣ୍ଡଳିନୀ, ବ୍ରହ୍ମଦଣ୍ଡ, ସ୍ନାୟୁକୋଷ ଆଦିରେ ଅନାବଶ୍ୟକ ଚାପ ପକାଇ ବିପରୀତ ପ୍ରତିକ୍ରିୟା ସୃଷ୍ଟି କରେ । ପ୍ରାଣୀ ଏହି ଗ୍ରୀବାକୁଣ୍ଡଳିନୀ ମୋହବଶରୁ ଶାରୀରିକ ଓ ମାନସିକ ରୋଗାକ୍ରାନ୍ତ ହୋଇଥାଏ । ଯୋଗଯୁକ୍ତ ଜୀବନ ଯାପନ ସମ୍ଭବ ନ ହେବାରୁ କ୍ରମଶଃ ବୁଦ୍ଧି ହ୍ରାସପାଏ, ସ୍ମରଣଶକ୍ତି ଲୋପପାଏ, କର୍ମପ୍ରତି ବୀତସ୍ପୃହ ହୁଏ ।

▲▼▲

# ଅନୁଚିନ୍ତନ

*'ଚରମ' ପୃଷ୍ଠାର ଏହା ଏକ ନିୟମିତ ଧାରାବାହିକ ଶୀର୍ଷକ । ଏହି ଶୀର୍ଷକରେ ବୁଦ୍ଧିଜିଜ୍ଞାସୁ ଅଗଣିତ ପାଠକ/ପାଠିକାମାନଙ୍କୁ ପରମାର୍ଥିକ ମାର୍ଗର ଶାନ୍ତି ସନ୍ତୋଷ ପ୍ରଦାନ କରିବା ଆମର ଲକ୍ଷ୍ୟ । ଏହି ଉଦ୍ଦେଶ୍ୟକୁ ସମ୍ମାନ ଦେଇ ଶୀର୍ଷକର ବିଭିନ୍ନ ସଂଖ୍ୟାରେ ଭିନ୍ନ ଭିନ୍ନ ରୁଚିର ଆଧ୍ୟାତ୍ମିକ ଅନୁଚିନ୍ତନ ପରିବେଷିତ ହେଉଛି । ଏହି ସଂଖ୍ୟାରେ ଶ୍ରୀଗୁରୁଙ୍କ ଶ୍ରୀ ଚରଣାଶ୍ରିତ ହୋଇ ସୁସ୍ଥ ସାର୍ଥକ ଜୀବନଲାଭର ପଥ ନିର୍ଦ୍ଦେଶିତ ହୋଇଛି ବନ୍ଦେ ଗୁରୁଦେବ ! ତବ ଚରଣାରବିନ୍ଦମ୍ ରେ ॥*

## ବନ୍ଦେ ଗୁରୁଦେବ ! ତବ ଚରଣାରବିନ୍ଦମ୍

ସଚ୍ଚିଦାନନ୍ଦଙ୍କୁ ପାଇବାକୁ ହେଲେ ଅନେକ ପଥ ପଡ଼ିଛି । ଯେତେ ମତ, ସେତେ ପଥ, ସବୁ ପଥ ଯାଇ ମିଶିଛନ୍ତି ଈଶ୍ୱରଙ୍କଠାରେ । କେଉଁଟା ସିଧା କେଉଁଟା ବଙ୍କା, କେଉଁଟା ଉଠାପକା ତ କେଉଁଟା ବୁଲା । ହେଲେ ଆମେ କେଉଁପଥ ଧରିବା, କେଉଁଟା ଆମପାଇଁ ସହଜ ତାହା ହିଁ ବଡ଼ କଥା । ବାଟ ଖୋଜୁ ଖୋଜୁ ବେଳ ବୁଡ଼ିଯିବ । ଆଖି ଆଗରେ ଅନ୍ଧାର ଛାଇ ଯିବ । ହା-ହତାଶରେ ପ୍ରାଣବାୟୁ ଉଡ଼ିଯିବ । ମାଟିର ଘଟ ମାଟିରେ ମିଶିଯିବ । ଈଶ୍ୱରଙ୍କୁ ପାଇବାର ଆଶା, ଆଶାରେ ହିଁ ରହିଯିବ । ଜୀବନ ବ୍ୟର୍ଥ ହୋଇଯିବ ।

ପଥ ଚାଲିବାକୁ ହେଲେ ପାଥେୟ ଲୋଡ଼ା । ଚାଲିବା ପାଇଁ ଦୃଢ଼ ଇଚ୍ଛାଶକ୍ତି ଦରକାର । ଖାଲି ଇଚ୍ଛାଶକ୍ତି ଥିଲେତ ହେବନାହିଁ, ନିଜର ସାମର୍ଥ୍ୟ ବି ଲୋଡ଼ା । ତେଣୁ ରାସ୍ତାକୁ ଓହ୍ଲେଇ ପଡ଼ିବା ଆଗରୁ ନିଜ ବଳ କଳି ନେବା ଭଲ । ଲକ୍ଷ୍ୟସ୍ଥଳ ଠିକ୍ କରି ନେବା ସହ ଚାଲିବା ପାଇଁ ଲୟ ଓ ଛନ୍ଦ ଦରକାର । ଛନ୍ଦ ଆଉ ଲୟ ଛାଡ଼ି ଗତି କରିବା ଅସମ୍ଭବ । ଏହାହିଁ ମୂଳ ସତ୍ୟ । ଏହି ସତ୍ୟ ହିଁ ମୂଳାଧାର । ଏହା ବିନା ସ୍ଥିତି କାହିଁ । ଏସବୁ ଛାଡ଼ି ପ୍ରଗତି କାହିଁ ? ଏ ଚରାଚର ବିଶ୍ୱବ୍ରହ୍ମ, ଜ୍ୟୋତିଷ୍କ, ଗ୍ରହାଣୁପଞ୍ଜ, ସୂର୍ଯ୍ୟ, ଚନ୍ଦ୍ର, ପୃଥିବୀ ସବୁକିଛି ଛନ୍ଦ ଆଉ ଲୟରେ ବନ୍ଧା । ଛନ୍ଦ ବିଚ୍ଛନ୍ଦ ହେଲେ ସଂସାରର ବିଲୟ ଘଟିବ ।

ମନୁଷ୍ୟ ଜୀବନ ମଧ୍ୟ ଛନ୍ଦ ଆଉ ଲୟରେ ବନ୍ଧା । ଧମନୀର ରକ୍ତ ବା ଛାତିର ନିଃଶ୍ୱାସପ୍ରଶ୍ୱାସ ହେଉ ଟିକିଏ ବିଛନ୍ଦ ହେଲେ ସବୁ ସରିଲା । ତେଣୁ ଚାଲିବା ଲୋକ ଛନ୍ଦ ଓ ଲୟରେ ଚାଲି ଶିଖିବା ଦରକାର । ନହେଲେ ଦୁର୍ଘଟଣା ଘଟିବା ଅନିବାର୍ଯ୍ୟ । ଏସବୁ ହେଲା ଚାଲିବାର ଉପାଦାନ ବା ଚଲାପଥର ପାଥେୟ । ପାଥେୟ ସଜାଡ଼ି ସାରି ପଥ ବାଛିବା ଦରକାର । ଅନେକ ମତରୁ ଗୋଟିଏ ମତ, ଅନେକ ପଥରୁ ଗୋଟିଏ ପଥ ମିଳିଗଲେ, ପାଥେୟ ନେଇ ଚାଲିବା ଦରକାର । ଛନ୍ଦରେ, ଲୟରେ ଲକ୍ଷ୍ୟସ୍ଥଳକୁ ଦୃଢ଼ ସଂକଳ୍ପ ହୋଇ ଆଗେଇଯିବା ଦରକାର । ସବୁ ମତର କିଛି ମହତ୍ତ୍ୱ ଓ କିଛି ଅସ୍ତିତ୍ୱ ଅଛି । କେତେ ମୁନି, ଋଷି, ସିଦ୍ଧ ସାଧକ, ମହାତ୍ମାମାନେ ଜନ୍ମନେଇ ଭିନ୍ନ ଭିନ୍ନ ଭାଷାରେ ଭିନ୍ନଭିନ୍ନ ପଥରେ ସେହି ଆଧ୍ୟାତ୍ମିକ ଅନ୍ୱେଷାର କଥା ହିଁ କହିଛନ୍ତି । ସେହି ଈଶ୍ୱରାନୁଭବର ଦିବ୍ୟ ସନ୍ଦେଶ ଦେଇଛନ୍ତି, ଆମେ କାହାକୁ ମିଥ୍ୟା ବା ଗୌଣ କହିବା ନାହିଁ ଅଥବା କାହାର ଦୋଷଗୁଣ ବାଛିବା ନାହିଁ । ଶାସ୍ତ୍ର ପୁରାଣ ନେଇ ଯୁକ୍ତି ବାଢ଼ିବା କିମ୍ବା ଅହଂକାର ଆଉ ଅଜ୍ଞତାରେ ଝୁଣ୍ଟିବା ନାହିଁ । ନିଜ ସଂକଳ୍ପରେ ଦୃଢ଼ ରହିବା । ନିଜ ମତ ଓ ପଥରେ ସ୍ଥିର ରହି ଗତିଶୀଳ ହେବା ପବିତ୍ର ସଂକଳ୍ପ । ସଂକଳ୍ପର ପୂର୍ଣ୍ଣତାହିଁ ମନୁଷ୍ୟ ଜୀବନର ଚରମ ପ୍ରାପ୍ତି, ଏହାହିଁ ଦିବ୍ୟ ଆକାଂକ୍ଷା । ଆଚରଣ ଓ ଉଚ୍ଚାରଣରେ ଶୁଦ୍ଧତା ହିଁ ଏହାର ଆଧାର ।

କୁରୁକ୍ଷେତ୍ରରେ ପୁରୁଷୋତ୍ତମ ଭଗବାନ ଶ୍ରୀକୃଷ୍ଣ ବିଷାଦ ଯୋଗରେ ଥିବା ଅର୍ଜୁନଙ୍କୁ ଶ୍ରୀମଦ୍‌ଭଗବଦ୍‌ଗୀତାର ସମସ୍ତ ତତ୍ତ୍ୱ ବୟାନ କରିସାରିଥିଲେ ହେଁ କେଉଁଟା ସର୍ବଶ୍ରେଷ୍ଠ ମାର୍ଗ, କେଉଁମାର୍ଗ ଅନୁସରଣ କରି କର୍ତ୍ତବ୍ୟ ସମ୍ପାଦନ କରିବା ଉଚିତ୍‌-ଏକଥା ଉଲ୍ଲେଖ କଲେ ନାହିଁ । ସବୁ ଶୁଣିସାରି ଅର୍ଜୁନ କହିଲେ ପ୍ରଭୁ ! ଆପଣ ଭକ୍ତିଯୋଗ, କର୍ମଯୋଗ, ଜ୍ଞାନଯୋଗ, ସାଂଖ୍ୟଯୋଗ, ରାଜଯୋଗ, କ୍ଷରାକ୍ଷର ଯୋଗ, ପୁରୁଷୋତ୍ତମ ଯୋଗ ଆଦି ଅଷ୍ଟାଦଶ ମାର୍ଗ କଥା କହିଲେ, କିନ୍ତୁ କେଉଁଟା ସର୍ବଶ୍ରେଷ୍ଠ ମାର୍ଗ, କେଉଁ ପଥ ମୁଁ ଅନୁସରଣ କରିବି ତାହା ତ ପ୍ରକାଶ କଲେ ନାହିଁ ? ଭଗବାନ ଶ୍ରୀକୃଷ୍ଣ ସ୍ମିତ ହସି କହିଲେ, **ମୁଁ ସବୁପଥ କଥା କହିଲି । ସବୁ ମାର୍ଗର ଦର୍ଶନ ବର୍ଣ୍ଣନା କଲି, ଏବେ ତୁମର ସାମର୍ଥ୍ୟ ନେଇ ତୁମେ ତୁମ ମାର୍ଗ ଚୟନକର ।** ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କେଉଁଟା ଶ୍ରେଷ୍ଠମାର୍ଗ ତାହା ଉଲ୍ଲେଖ କରିନାହାନ୍ତି କିମ୍ବା ଅନ୍ୟମାର୍ଗର ଗୌଣତା ପ୍ରତିପାଦନ କରିନାହାନ୍ତି । ଆମେ ତ ଛାର ମନୁଷ୍ୟ ମାତ୍ର ।

ଭଗବାନ ଶ୍ରୀକୃଷ୍ଣ ଯୋଗାରୂଢ଼ ଥିଲେ, ଭକ୍ତ ଅର୍ଜୁନ ଥିଲେ ଯୋଗାସୀନ । ତେଣୁ ଯୋଗର ମହତ୍ତ୍ୱ ବର୍ଣ୍ଣିତ ହୋଇପାରିଲା ଶ୍ରୀମଦ୍‌ଭାଗବଦ୍ ଗୀତାରେ । ଯୋଗ ଯୁକ୍ତ ନ ହେଲେ ଜୀବନର ଜଟିଳ ଦର୍ଶନ ବୁଝିବା କଣ ସହଜ ? ଆମକୁ ଯୁକ୍ତ ହେବାକୁ ପଡ଼ିବ । ଭାବ, ଜ୍ଞାନ, ଚିନ୍ତା, ଚେତନା ତଥା ସମୟ ସହିତ ଯୋଗଯୁକ୍ତ ଜୀବନ ହିଁ ଚରମକୁ ଲାଭ କରିପାରେ, ପରମ ପାଖରେ ପହଞ୍ଚିପାରେ, ଈଶ୍ୱରଙ୍କ ଅପାର କରୁଣା ପାଇପାରେ । ପଞ୍ଚମହାଭୂତରେ ଶରୀର ଗଢ଼ା । ଭୂମିଠାରୁ ସୂକ୍ଷ୍ମ ହେଉଛି ପାଣି, ପାଣିଠାରୁ ସୂକ୍ଷ୍ମ ହେଉଛି ବାୟୁ । ବାୟୁଠାରୁ ସୂକ୍ଷ୍ମ ଇଥର । ଇଥର ଠାରୁ ପ୍ରାଣ, ପ୍ରାଣଠାରୁ ସୂକ୍ଷ୍ମ ଚେତନା, ଚେତନା ଠାରୁ ସୂକ୍ଷ୍ମ ହେଉଛି ଆତ୍ମା । ଅଧ୍ୟାତ୍ମ ଜ୍ୟୋତିଷ ଶାସ୍ତ୍ରରେ ମନୁଷ୍ୟର ପିଣ୍ଡ ହେଉଛି ପୃଥିବୀ । ମନ ହେଉଛି ଚନ୍ଦ୍ର ଆଉ ସୂର୍ଯ୍ୟ ତାର ମସ୍ତିଷ୍କ । ମସ୍ତିଷ୍କର ଚୈତନ୍ୟରୂପୀ ସୂର୍ଯ୍ୟ ଓ ମନରୂପୀ ଚନ୍ଦ୍ର ପିଣ୍ଡରୂପକ ବ୍ରହ୍ମାଣ୍ଡରେ ଘୂର୍ଣ୍ଣାୟମାନ ଏବଂ କ୍ରିୟାଶୀଳ । ସୂର୍ଯ୍ୟ ଓ ଚନ୍ଦ୍ର କ୍ରିୟାଶୀଳ ହେବାପରେ ହିଁ ପିଣ୍ଡ ଗତିଶୀଳ । ଏହାହିଁ ଚେତନାଶୀଳତା ବା ଅନ୍ୟ ଅର୍ଥରେ ଜୀବନ ।

ଆମେ ଦେହ ଧାରଣ କରିଛୁ । ଆଖିରେ ଦେଖୁଛୁ, କାନରେ ଶୁଣୁଛୁ । ମୁହଁରେ ଭକ୍ଷଣ କରୁଛୁ, ପାଦରେ ଚାଲୁଛୁ, ହାତରେ କର୍ତ୍ତବ୍ୟ ସମ୍ପାଦନ କରୁଛୁ, ଏ ଦେହ ମୋର, ହାତ, ପାଦ, ଆଖି, କାନ, ଏସବୁ କିଛି ମୋର । ମୁଁ ହିଁ ଏ ଶରୀରର ଅଧିକର୍ତ୍ତା । କିନ୍ତୁ ଏହା କଣ ପ୍ରକୃତରେ ସତ୍ୟ ? ମୁଁ କଣ ମୋ ଶରୀରର ଅଧିକର୍ତ୍ତା ? ଏ ଇନ୍ଦ୍ରିୟମାନେ କଣ ମୋ ନିର୍ଦ୍ଦେଶରେ ପରିଚାଳିତ ? ତେବେ, ମୁଁ ମୋ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗକୁ ନିର୍ଦ୍ଦେଶ ଦେଇପାରିବି ମୋ ଇଚ୍ଛା ମୁତାବକ ଚଳପ୍ରଚଳ ହେବାକୁ । ହାତକୁ କହିବି କହୁଣୀଠାରୁ ପଛକୁ ଭାଙ୍ଗି ଯା, ଆଖିକୁ କହିବି ମୋ ପଛରେ କଣ ଦେଖ-ସେ ସବୁ ଅଂଗ ପ୍ରତ୍ୟଙ୍ଗ ମୋ କଥା ମାନି କାର୍ଯ୍ୟ କରିବେ କି ? ଯଦି ନୁହେଁ ତେବେ କାହିଁକି ? ଏ ଶରୀର ଓ ଅଙ୍ଗପ୍ରତ୍ୟଙ୍ଗ ମୋର, ତେବେ ମୋ ନିର୍ଦ୍ଦେଶରେ ସେମାନେ ଚଳପ୍ରଚଳ ହେବେ ନାହିଁ କାହିଁକି ? ତାର କାରଣ ହେଉଛି ଏ ଶରୀର ମୋର ନୁହେଁ କିମ୍ବା ମୁଁ ମୋ ଅଙ୍ଗପ୍ରତ୍ୟଙ୍ଗର ଅଧିକର୍ତ୍ତା ନୁହେଁ ।

ଏ ଶରୀର ସୃଷ୍ଟିକର୍ତ୍ତା ପରମେଶ୍ୱରଙ୍କ ଦ୍ୱାରା ସୃଷ୍ଟ ଓ ପ୍ରଦତ୍ତ । ଯେପରି ବର୍ଣ୍ଣ, ଆକାର, ପ୍ରକାର ଯେପରି ଯାହା ମୋତେ ଦିଆଯାଇଛି, ମୁଁ ତାହାକୁ ସେହିପରି ଧାରଣା କରିଛି । ପ୍ରାଣ ଛାଡ଼ିଗଲେ ମାଟି ଘଟ ମାଟିରେ ହିଁ ମିଶିଯିବ । ତାକୁ ଧରି ରଖିବାର ଶକ୍ତି ମୋର ନାହିଁ । ନା ମୁଁ ପିଣ୍ଡକୁ ନା ପ୍ରାଣକୁ ଧରି ରଖିପାରିବି, କାହାକୁ ନୁହେଁ । ତେବେ ଅହଂଭାବରେ ମୋର ବୋଲି ଅଧିକାର ବାଢ଼ି ବସିବି କିପରି ? ଏସବୁ ଖାଲି ମିଥ୍ୟା ଅହମିକା । ଭଗବାନଙ୍କ ସୃଷ୍ଟିକୁ ମୋର ବୋଲି କହିବାର ଅଧିକାର ମୋର ନାହିଁ । ଏସବୁ କେବଳ ଅଜ୍ଞତା ହେତୁ ମୁଁ କହୁଛି ।

ଅସ୍ତ୍ରୋପଚାର କକ୍ଷକୁ ଗଲାବେଳେ ଡାକ୍ତର, ସେବିକା ଓ ବେହେରାକୁ ନିର୍ଦ୍ଦେଶ ଦିଅନ୍ତି ଅପରେସନ୍ ଟେବୁଲ୍ ଉପରକୁ ସେ ଭଦ୍ରଲୋକ ବା ଭଦ୍ର ମହିଳାଙ୍କୁ ନେଇଆସ । ସେବିକା ଓ ବେହେରା ଯତ୍ନର ସହିତ ରୋଗୀ

ବା ରୋଗିଣୀକୁ ନେଇଆସନ୍ତି । ଦୈବାତ୍ ଯଦି ରୋଗୀ ବା ରୋଗିଣୀଙ୍କର ଶଲ୍ୟଚିକିତ୍ସା ସମୟରେ ମୃତ୍ୟୁ ହୁଏ, ଡାକ୍ତର ଶବଟାକୁ ଫିଙ୍ଗି ଦେବାକୁ କହନ୍ତି । ଚିକିତ୍ସା ପୂର୍ବରୁ ଡାକ୍ତରବାବୁ ରୋଗୀ ବା ରୋଗିଣୀକୁ ଭଦ୍ରଲୋକ ବା ଭଦ୍ର ମହିଳା ବୋଲି ସମ୍ମାନର ସହ ସମ୍ବୋଧନ କରୁଥିଲେ, ମାତ୍ର ମୃତ୍ୟୁପରେ ଅବଜ୍ଞା ଓ ଅସମ୍ମାନ ସୂଚକ ଭାଷାରେ କହିଲେ ଏଇ ମଡ଼ାଟାକୁ ଫୋପାଡ଼ିଦିଅ । ଡାକ୍ତରଙ୍କ ସମ୍ବୋଧନରେ ଏ ବ୍ୟତିକ୍ରମ ହେଲା କାହିଁକି ? କାହିଁକି ଗୋଟିଏ ଚେତନଶୀଳ ମନୁଷ୍ୟ ଏକ ତୁଚ୍ଛ ଘୃଣ୍ୟ ପଦାର୍ଥରେ ସଂଗେ ସଂଗେ ପରିଣତ ହୋଇଗଲା ? ଜୀବ ଆଉ ବସ୍ତୁ ଭିତରେ ତେବେ ଫରକ କେଉଁଠି ? ଏଇ ପାର୍ଥକ୍ୟକୁ ବୁଝି ନପାରିଲେ, ଆମେ ଜ୍ଞାନୀ ବୋଲାଇବା କେମିତି ? ଆମ ଚେତନାର ବିକାଶ ଘଟିବ କେମିତି ? ଆଧ୍ୟାତ୍ମିକ ଅନ୍ୱେଷା ଆସିବ କେଉଁଠୁ ? ଈଶ୍ୱରାନୁଭବ ପାଇବା କିପରି ? ଚୈତନ୍ୟ ଜାଗ୍ରତ ନ ହେଲେ ଆନନ୍ଦ ଆସିବ କେଉଁଠୁ ? ଆନନ୍ଦ ନ ଆସିଲେ ବ୍ରହ୍ମର ନିକଟବର୍ତ୍ତୀ ହେବା କିପରି ? ବ୍ରହ୍ମର ନିକଟବର୍ତ୍ତୀ ନ ହେଲେ ଚରମ ପ୍ରାପ୍ତି ହେବ କିପରି ?

ଜଣେ ଭକ୍ତ ଭଗବାନଙ୍କ ପାଖକୁ ଗଲାବେଳେ ଭାବିଲେ ଯାଉଛି ଭଗବାନଙ୍କୁ କିଛି ମାଗିବି । ଅର୍ଥାତ୍ ମାଗିବା କଥା ଭାବିଲାବେଳକୁ ମନରେ ପ୍ରଶ୍ନ ଆସିଲା, କିଛି ପାଇବାକୁ ହେଲେ କିଛି ଦେବାକୁ ତ ହେବ । ନହେଲେ ବା ମିଳିବ କେଉଁଠୁ ? ଭାରତୀୟ ଦର୍ଶନ ଈଶ ଉପନିଷଦ୍‌ରେ କହିଛି -

''ଈଶା ବାସ୍ୟ ମିଦଂ ସର୍ବଂ ଯତ୍‌କିଞ୍ଚ ଜଗତ୍ୟାଂ ଜଗତ୍
ତେ୍ୟନ ତ୍ୟକ୍ତେନ ଭୁଂଜିଥା ମାଗ୍ରୀଧ କସ୍ୟିତ୍ ଧନମ୍ ।''

ତ୍ୟାଗ କରି ରିକ୍ତ ହୋଇ ନ ଗଲେ କିଛି ତ ପାଇ ହୁଏ ନାହିଁ । କିଛି ପାଇବା ପାଇଁ ଆଶା କଲେ କିଛି ଦେବାକୁ ହିଁ ପଡ଼ିବ । ଭକ୍ତ ମନେ ମନେ ଭାବିଲେ ଦାନ ଦେବା ମଧ୍ୟ ସହଜ କଥା ନୁହେଁ । ଦାନ ଦେବାପାଇଁ ମଧ୍ୟ ଯୋଗ୍ୟ ହେବା ଦରକାର । ପାତ୍ରକୁ ପୁଣି ଉପଯୁକ୍ତ ଦାନ ଦେବା ଆବଶ୍ୟକ । ଉପଯୁକ୍ତ ଦାନ ନଦେଲେ, ସେ ଦାନ ମଧ୍ୟ ବ୍ୟର୍ଥ ଯାଏ । ତେଣୁ ସେ ଭାବିଲେ ଭଗବାନଙ୍କ ଠାରେ ଯାହା ନଥିବ, ତାହାହିଁ ଦେଲେ ସେ ପ୍ରୀତ ହେବେ, ହେଲେ ଭଗବାନଙ୍କଠାରେ କ'ଣ ବା ନାହିଁ ? କ'ଣ ଭାବିବା ଆଗରୁ କଣ ଅଛି ଚିନ୍ତା କରାଯାଉ । ଭଗବାନଙ୍କ ଘର ହେଉଛି ରତ୍ନାକର, ସମସ୍ତ ରତ୍ନର ଆକାର ଅର୍ଥାତ୍ ସମୁଦ୍ର ହେଉଛି ତାଙ୍କର ବାସସ୍ଥାନ । ତେଣୁ ହୀରା, ନୀଳା, ମଣି ମୁକ୍ତା ଧନସମ୍ପଦର କୌଣସି ଅଭାବ ନାହିଁ ଭଗବାନଙ୍କଠାରେ । ପୁଣି ସମସ୍ତ ଶ୍ରୀ, ସମ୍ପଦ, ସୌଭାଗ୍ୟ, ପୁରୁଷାର୍ଥ ପ୍ରଦାନକାରିଣୀ ଶ୍ରୀଲକ୍ଷ୍ମୀ ହେଉଛନ୍ତି ତାଙ୍କ ଗୃହିଣୀ, ସେସବୁର ମଧ ଅଭାବ ନାହିଁ । ହଠାତ୍ ଭକ୍ତଙ୍କର ମନେ ପଡ଼ିଲା, ଦ୍ୱାପର ଯୁଗରେ ଷୋଳସହସ୍ର ଗୋପାଙ୍ଗନାମାନେ ନିର୍ମଳ ଶୁଦ୍ଧଭକ୍ତି ଦେଇ ପ୍ରଭୁଙ୍କର ମନଟିକୁ ଚୋରାଇ ନେଇଛନ୍ତି, ତେଣୁ ମନଟି ତାଙ୍କ ପାଖରେ ନାହିଁ । ଭକ୍ତ ସ୍ଥିର କଲେ, ସେ ତାଙ୍କର ମନଟି ହିଁ ଭଗବାନଙ୍କୁ ସମର୍ପଣ କରିବେ । କିନ୍ତୁ ମନଟିକୁ ସମର୍ପଣ କରିବା କ'ଣ ଏତେ ସହଜ କଥା ?

ଯାତ୍ରାରେ, ଲୀଳାରେ, ସୁଆଙ୍ଗରେ ନାରଦଙ୍କୁ ଦେଖି କିଏ କହୁଛି ନାରଦ ଋଷି, କିଏ ନାରଦ ମୁନି କହୁଛି । ସ୍ଥୂଳ ଦୃଷ୍ଟିରେ ମୁନି ଓ ଋଷି ହୁଏତ ଏକା କଥା । ମାତ୍ର, ତାତ୍ତ୍ୱିକ ଦୃଷ୍ଟିରୁ ବିଚାର କଲେ ଦେଖାଯିବ ମୁନି ଆଉ ଋଷି ମଧ୍ୟରେ ଅନେକ ଫରକ୍ । ଋଷି ହେଲେ ଜାତସ୍ମର ବା ତ୍ରିକାଳଜ୍ଞ, ଯିଏ କି ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସବୁ ଦେଖି ପାରନ୍ତି, ତାଙ୍କୁ କୁହାଯାଏ ତତ୍ତ୍ୱ ଦ୍ରଷ୍ଟା, ଦୂରଦ୍ରଷ୍ଟା । ତେଣୁ ଋଷିଙ୍କ ବଚନକୁ ସିଦ୍ଧ ବଚନ କୁହାଯାଏ । ହେଲେ ମୁନିର ଅର୍ଥ ଭିନ୍ନ । ପଚିଶି ପ୍ରକୃତିକୁ ନିୟନ୍ତ୍ରଣ କରେ ଷଡ଼ରିପୁ, ଷଡ଼ରିପୁକୁ ପଞ୍ଚଇନ୍ଦ୍ରିୟ, ପଞ୍ଚଇନ୍ଦ୍ରିୟକୁ ତ୍ରିଶାଖ ବା ସତ୍ତ୍ୱ, ରଜ ଓ ତମ । ତ୍ରିଶାଖକୁ ନିୟନ୍ତ୍ରଣ କରେ ମନ, ମନକୁ ଯିଏ ନିୟନ୍ତ୍ରଣ କରେ ସେ

ହେଲେ ମୁନି । ତେଣୁ ମୁନି ହେବା ସହଜ କଥା ନୁହେଁ । ମନକୁ ନିୟନ୍ତ୍ରଣରେ ରଖିବା ବଡ଼ ଦୁରୂହ । ନିଜ ନିୟନ୍ତ୍ରଣରେ ନ ରଖିଲେ ମନକୁ ଦେଇ ହେବ ବା କିପରି ।

ସେଇଥିପାଇଁ ତ ଭଗବାନଙ୍କର ଅନ୍ୟ ଏକ ନାମ ହେଲା ହୃଷୀକେଶ । 'ହୃଷୀକ' ଅର୍ଥାତ୍ ଇନ୍ଦ୍ରିୟ । 'ଈଶ' ଅର୍ଥ ଅଧିକର୍ତ୍ତା ଅର୍ଥାତ୍ ଇନ୍ଦ୍ରିୟଙ୍କ ଅଧିକର୍ତ୍ତା ହେଲେ, ସ୍ୱୟଂ ଭଗବାନ । ତେଣୁ ଭଗବାନଙ୍କୁ ପାଇବାକୁ ହେଲେ ଅଭାବରୁ ଭାବ ଆଡ଼କୁ, ଅଜ୍ଞାନରୁ ଜ୍ଞାନ ଆଡ଼କୁ, ଅନ୍ଧକାରରୁ ଆଲୋକ, ସ୍ଥୂଳରୁ ସୂକ୍ଷ୍ମ, ସସୀମରୁ ଅସୀମକୁ, ପିଣ୍ଡରୁ ପ୍ରାଣକୁ, ପ୍ରାଣରୁ ଚେତନାକୁ, ଚେତନାରୁ ଆନନ୍ଦକୁ, ପ୍ରବୃତ୍ତିରୁ ନିବୃତ୍ତି ଆଡ଼କୁ ପାଦ ବଢ଼ାଇବାକୁ ହେବ ।

ବ୍ୟକ୍ତି ଚରିତ୍ରରେ ସଂଯମ, ଶୃଙ୍ଖଳା ଓ ଶୁଦ୍ଧତା ଆଣି ଆଚରଣ ଓ ଉଚ୍ଚାରଣରେ ସମନ୍ୱୟ ରକ୍ଷା କରିବାକୁ ହେବ । ସତ୍ୟଧାରଣ, ସତ୍ୟପାଳନ, ସତ୍ୟ ଦର୍ଶନ, ସତ୍ୟକଥନ ମାଧ୍ୟମରେ ଆପଣା ଭିତରେ ସୁପ୍ତଥିବା ଚୈତନ୍ୟକୁ ଜାଗ୍ରତ କରିବାକୁ ହେବ । ଆନନ୍ଦର ମହାକଳନାକୁ ସ୍ପର୍ଶ ବ୍ରହ୍ମରୂପୀ ଜଗଦ୍-ସବିତାଙ୍କ ନିକଟବର୍ତ୍ତୀ ହେବାକୁ ପଡ଼ିବ । ଏହାହିଁ ଅମର ଆଧ୍ୟାତ୍ମିକ ଜିଜ୍ଞାସା ଓ ଅନ୍ୱେଷା । ଏହାହିଁ ଆମର ଚରମ ଲକ୍ଷ୍ୟ, ପରମ ପ୍ରାପ୍ତି ଓ ଈଶ୍ୱରାନୁଭବ ।

ତେଣୁ ଆସ ଭାଇମାନେ, ଗୁରୁଙ୍କର ଶରଣାପନ୍ନ ହେବା । ତାଙ୍କରି ପଦାରବିନ୍ଦରେ ସମର୍ପିତ ହେବା, ଗୁରୁ ହିଁ ଆମକୁ ପଥ ଦେଖାଇବେ, ପାଥେୟ ଦେବେ । ପାନ୍ଥଜନର ସାଥୀ ହୋଇ ବାଟ କଢ଼ାଇ ନେବେ । ତାଙ୍କରି ପାଦପଦ୍ମରେ ଆମର ଗତି ଆଉ ମୁକ୍ତି । ଗୁରୁକୃପା ହିଁ କେବଳମ୍ । ''ବନ୍ଦେ କେଶବ ଜଗଦ୍‌ଗୁରୁ ।''

(କ୍ରମଶଃ....)

▲▼▲

ଅର୍ଥ ବ୍ୟବସ୍ଥାକୁ ଧର ସଜାଡ଼ି
ଖିଆଲରେ ଦିଅ ନାହିଁ ଉଜାଡ଼ି ॥
ଉଜୁଡ଼ା କ୍ଷେତକୁ ସଜାଡ଼ି ନିଅ ।
ଅସଜଡ଼ା ହେଲେ ଅଗାଡ଼ି ହୁଅ ॥

ମଁୁ ବଡ଼ ପଣ କରରେ ଦୂର ।
ଅହଂକାର ଅଟେ ନରକ ଦ୍ୱାର ॥
ପାଗ ବାନ୍ଧିଲୁ କି ହେବାକୁ ବଡ଼ ।
ଝଡ଼ିଯିବୁ ଆସିଯାଉଛି ଝଡ଼ ॥

ଦେହଭାବ ଦୂରକର ତୁ ଆଗେ ॥
ସାଧନାର ପଥ ଧର ତୁ ବାଗେ ॥
ଦେହାତୀତ ଭାବ ଆସିଲେ ଯାଇ ।
ମୁକ୍ତିମୋକ୍ଷ ଆସେ ପଛେ ଗୋଡ଼ାଇ ॥

# ଆମର ଲକ୍ଷ୍ୟ : ଚରମପ୍ରାପ୍ତି


*(ପ୍ରଭୁପାଦ ଗୁରୁସ୍ୱାମୀ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କର ଅପାର କରୁଣାରୁ 'ଚରମ'ର ପ୍ରଥମ ସଂଖ୍ୟାରୁ ଏଯାବତ୍ ''ଆମର ଲକ୍ଷ୍ୟ : ଚରମପ୍ରାପ୍ତି'' ଏକ ନିୟମିତ ଧାରାବାହିକ ସ୍ତମ୍ଭ ଭାବରେ ଏହାର ପୃଷ୍ଠା ମଣ୍ଡନ କରିଆସୁଛି । ଏହି ସ୍ତମ୍ଭରେ ବିଭିନ୍ନ ସଂଖ୍ୟାରେ ଭିନ୍ନଭିନ୍ନ ରୁଚିର ବିଭିନ୍ନ ପ୍ରବନ୍ଧମାନ ପ୍ରକାଶ ପାଇ ନିତ୍ୟସତ୍ୟ ସନାତନ ମାନବିକ ଧର୍ମର ନିଗମ ତତ୍ତ୍ୱମାନ ଅଗଣିତ ବ୍ରହ୍ମଜିଜ୍ଞାସୁ ଓ ମୁମୁକ୍ଷୁ ଅନୁଗତ ଭକ୍ତଶିଷ୍ୟ, ଗ୍ରାହକଗ୍ରାହିକା, ପାଠକପାଠିକା ଭାଇଭଉଣୀମାନଙ୍କର ଆଧ୍ୟାତ୍ମିକ ଶିକ୍ଷା ଓ ଧାର୍ମିକ ଜୀବନକୁ ପରିପୁଷ୍ଟ କରିପାରୁଛି । ଏଥରକ ଆସନ୍ତୁ ପଢ଼ିବା ସନ୍ଦେଶପତ୍ରର ସମ୍ମୁଖଭାଗର ପ୍ରତୀକ : ଚତୁର୍ବିଂଶତି ତତ୍ତ୍ୱ ଏବଂ କର୍ମଯୋଗର ପ୍ରତୀକାତ୍ମକ ଭାବଧାରା ସମ୍ବଳିତ ପ୍ରବନ୍ଧ :)*

## ସନ୍ଦେଶ ପତ୍ରର ସମ୍ମୁଖ ଚିତ୍ର : କର୍ମଯୋଗର ପ୍ରତୀକ

ଶ୍ରୀମଦ୍‌ଭଗବଦ୍ ଗୀତାର ପଞ୍ଚଦଶ ଅଧ୍ୟାୟ (ଶ୍ରୀ ପୁରୁଷୋତ୍ତମ ଯୋଗ)ର ସପ୍ତମ, ଅଷ୍ଟମ, ନବମ ଏବଂ ଦଶମ ଶ୍ଳୋକର ଭାବାର୍ଥକୁ ଲକ୍ଷ୍ୟ କଲେ ଜୀବର ସ୍ୱରୂପ, ସ୍ଥିତି ଓ ଗତି ସମ୍ପର୍କରେ ଏକ ମୋଟାମୋଟି ଧାରଣା କରିହୁଏ । ଶ୍ରୀମଦ୍‌ଭଗବଦ୍ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହନ୍ତି: ଏହି ସଂସାରରେ ମୋର ହିଁ ସନାତନ ଜୀବରୂପକ ଅଂଶ ପ୍ରକୃତିସ୍ଥିତ ମନ ଓ ପଞ୍ଚଇନ୍ଦ୍ରିୟକୁ ଏହି ସଂସାର ରୂପକ୍ କର୍ମଭୂମିରେ ଆକର୍ଷଣ କରିଥାଏ । ୭। ବାୟୁ ଯେପରି ପୁଷ୍ପାଦିରୁ ଗନ୍ଧ ଆହରଣ କରେ, ସେହିପରି ଜୀବ (ଜୀବାତ୍ମା) ଯେତେବେଳେ ଗୋଟିଏ ଦେହ ପରିତ୍ୟାଗ କରି ଅନ୍ୟ ଦେହରେ ପ୍ରବେଶ କରନ୍ତି, ସେତେବେଳେ ଏହି ପଞ୍ଚଇନ୍ଦ୍ରିୟ ଓ ମନକୁ ସଙ୍ଗରେ ନେଇ ଯାଆନ୍ତି ।୮। ଦେହସ୍ଥିତ ଜୀବାତ୍ମା ଚକ୍ଷୁ, କର୍ଣ୍ଣ, ନାସିକା, ଜିହ୍ୱା, ତ୍ୱକ୍ ଓ ମନକୁ ଆଶ୍ରୟ କରି ଶବ୍ଦାଦିବିଷୟକୁ ଉପଭୋଗ କରନ୍ତି । ୯। ଜୀବାତ୍ମା କିପରି ଭାବରେ ସତ୍ତ୍ୱାଦି ଗୁଣ ଯୁକ୍ତ ହୋଇ ଦେହରେ ଅବସ୍ଥାନ କରି ବିଷୟ ସମୂହ ଭୋଗ କରନ୍ତି ଅଥବା କିପରି ଭାବରେ ଦେହରୁ ଉତ୍‌କ୍ରାନ୍ତ ହୁଅନ୍ତି, ତାହା ଅବିବେକୀଗଣ ଜାଣି ପାରନ୍ତି ନାହିଁ ( କାରଣ ସେମାନଙ୍କର ମନ ବିଷୟାକର୍ଷଣରେ ବହିର୍ମୁଖ ହୋଇଥାଏ), କିନ୍ତୁ (ଅନ୍ତର୍ମୁଖ) ଜ୍ଞାନୀଗଣ ଜ୍ଞାନନେତ୍ର ଦ୍ୱାରା ସେହି ଆତ୍ମାକୁ ଦର୍ଶନ କରିଥାଆନ୍ତି ।୧୦।

ଜୀବ ଓ ବ୍ରହ୍ମ ସ୍ୱରୂପତଃ ଏକ ଓ ଅଭିନ୍ନ, ତାହା ଚାରିବେଦ ହିଁ କହିଅଛନ୍ତି । 'ତତ୍ତ୍ୱମସି', 'ପ୍ରଜ୍ଞାନଂ ବ୍ରହ୍ମ', 'ଅହଂ ବ୍ରହ୍ମାସ୍ମି' ଏବଂ 'ଅୟମାତ୍ମା ବ୍ରହ୍ମ' - ଚାରିବେଦର ଏହି ଚାରୋଟି ମହାକାବ୍ୟ ସତ୍ୟ ହିଁ ପ୍ରଚାର କରୁଛନ୍ତି । କିନ୍ତୁ କେବଳ ବେଦବାକ୍ୟ ପ୍ରଚାର କରିଦେଲେ, ଜୀବର ମୁକ୍ତି, ମୋକ୍ଷ, ନିର୍ବାଣ ବା ଚରମ ପ୍ରାପ୍ତି ହୋଇଯାଏ ନାହିଁ । 'ନାୟଂ ଆତ୍ମା ପ୍ରବଚନେନ ଲଭ୍ୟ' । ମିଠା ବୋଲି ଉଚ୍ଚାରଣ କଲେ ଯେପରି ପାଟି ମିଠା ହୋଇଯାଏ ନାହିଁ, ସେହିପରି 'ତତ୍ତ୍ୱମସି' ବୋଲି ଉଚ୍ଚାରଣ କଲେ ଜୀବ ଓ ବ୍ରହ୍ମ ଏକ ବୋଲି ପ୍ରତୀୟମାନ ହୁଏ ନାହିଁ । ଏଥି ନିମନ୍ତେ ପ୍ରକୃଷ୍ଟ ସାଧନାମାର୍ଗରେ ନିଜକୁ ଚଳାଇନେଇ ପୁରୁଷାର୍ଥ ବଳରେ ଦୈବୀକୃପା ଲାଭ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହୁଏ । ସେ ସ୍ତରରେ ଉପନୀତ ନହେବା ପର୍ଯ୍ୟନ୍ତ ମୂଳତଃ ଜୀବ ଓ ବ୍ରହ୍ମ ଏକ ବୋଲି କହିବା ଭ୍ରମାତ୍ମକ ହେବ । ଯେପରି ଅବିବାହିତା ବାଳିକା ମୁଖରେ ପ୍ରସବକାଳୀନ ବେଦନାର ଅନୁଭୂତି ପ୍ରକାଶ ଅର୍ଥହୀନ ଏବଂ ଅସ୍ୱାଭାବିକ, ସେହିପରି ସାଧନ ସ୍ତରରେ ଉପନୀତ ହୋଇନଥିବା ବ୍ୟକ୍ତି ପକ୍ଷରେ ଅହଂ ବ୍ରହ୍ମାସ୍ମି ଉଚ୍ଚାରଣ କରିବା ମଧ୍ୟ ହାସ୍ୟାସ୍ପଦ ବ୍ୟାପାର ଅଟେ ।

# ସନ୍ଦେଶପତ୍ରର ସମ୍ମୁଖଚିତ୍ର
## ଚତୁର୍ବିଂଶତି ତତ୍ତ୍ୱ
## କର୍ମଯୋଗର ପ୍ରତୀକ





| | | |
|---|---|---|
| ପଞ୍ଚଭୂତ | = ୫ | |
| ପଞ୍ଚକର୍ମେନ୍ଦ୍ରିୟ | = ୫ | |
| ପଞ୍ଚବିଷୟ | = ୫ | |
| ପଞ୍ଚ ଜ୍ଞାନେନ୍ଦ୍ରିୟ | = ୫ | |
| ୪ ମନ, ବୁଦ୍ଧି, ଆତ୍ମା, ଅହଂ | = ୪ | |
| | ୨୪ | |
| + (୧) କାଳ(ବ୍ରହ୍ମ) | = ୧ | |
| ସର୍ବମୋଟ | =୨୫ ପ୍ରକୃତି | |

ଅସତ୍ (୧)ସଂସ୍କାର (୨)ସିଦ୍ଧ (୩)ସମାଧି (୪)ବିଜ୍ଞାନ (ପର୍ଯ୍ୟାୟ) ସତ୍

୪+୪=୮ (ଅଷ୍ଟାଙ୍ଗ ଯୋଗ)

୮+୧ (ପୃଥକୀକରଣ)=୯ (ନବଧାଭକ୍ତି)



ବାୟୁ ଯେପରି ପୁଷ୍ପାଦିରୁ ଗନ୍ଧକୁ ବହନ କରି ନେଇଯାଏ ଅଥଚ ପୁଷ୍ପଗୁଡ଼ିକ ବୃନ୍ତରେ ଯଥାବତ୍ ରହିଥାନ୍ତି, ଠିକ୍ ସେହିପରି ଜୀବାତ୍ମା ମଧ୍ୟ ଏକ ଦେହରୁ ଦେହାନ୍ତରକୁ ଯିବା ସମୟରେ ସ୍ଥୂଳଦେହ ତ୍ୟାଗ କରି ଗଲେ ମଧ୍ୟ ଅନ୍ତଃକରଣରୁ ଇନ୍ଦ୍ରିୟ ଏବଂ ମନକୁ ସଙ୍ଗରେ ନେଇ ଯାଆନ୍ତି । ବେଦାନ୍ତ ମତରେ ପଞ୍ଚଜ୍ଞାନେନ୍ଦ୍ରିୟ, ପଞ୍ଚକର୍ମେନ୍ଦ୍ରିୟ, ପଞ୍ଚପ୍ରାଣ ଏବଂ ବୁଦ୍ଧି, ମନ ଏହି ସପ୍ତଦଶ ଅବୟବରେ ସୂକ୍ଷ୍ମ ଶରୀର ଗଠିତ । ଆତ୍ମାର ଏହି ବିଭିନ୍ନ ଆବରଣ ବା ଶରୀରକୁ କୋଷ କୁହାଯାଏ । କୋଷ ପାଞ୍ଚଗୋଟି-ଅନ୍ନମୟ କୋଷ (ପଞ୍ଚଭୂତାତ୍ମକ ସ୍ଥୂଳ ଶରୀର), ମନୋମୟ କୋଷ (ମନ ଏବଂ ପଞ୍ଚ ଜ୍ଞାନେନ୍ଦ୍ରିୟ), ପ୍ରାଣମୟ କୋଷ (ପ୍ରାଣ ଓ ପଞ୍ଚ କର୍ମେନ୍ଦ୍ରିୟ), ବିଜ୍ଞାନମୟ କୋଷ (ବୁଦ୍ଧି ଓ ପଞ୍ଚ ଜ୍ଞାନେନ୍ଦ୍ରିୟ) ଏବଂ ଆନନ୍ଦମୟ କୋଷ (କାରଣ ଶରୀର) ।

ମୈତ୍ରେୟୀ ଉପନିଷଦ୍‌ରେ ଅଛି : କର୍ମତ୍ୟାଗାନ୍ନ ସନ୍ନ୍ୟାସୋ ନପ୍ରେଷୋଚ୍ଚାରଣେ ତୁ ।
ସଂଧୌ ଜୀବାତ୍ମନୈରୈକ୍ୟଂ ସନ୍ନ୍ୟାସଃ ପରିକୀର୍ତ୍ତିତଃ ॥

ଅର୍ଥାତ୍, ସାଂସାରିକ କର୍ମତ୍ୟାଗ କଲେ ବା ନିଜକୁ ସନ୍ନ୍ୟାସୀ ବୋଲି ଘୋଷଣା କଲେ, କେହି ସନ୍ନ୍ୟାସୀ ବୋଲାଏ ନାହିଁ । ଯେ ସମାଧି ସ୍ତରରେ ଉପନୀତ ହୋଇ ଜୀବ ଓ ବ୍ରହ୍ମକୁ ଏକକ ବୋଲି ଅନୁଭବ କରିଛନ୍ତି, ତାହାଙ୍କୁ ସନ୍ନ୍ୟାସୀ ବୋଲାଯାଏ । ଏବଂବିଧ ଅନୁଭବୀ ସାଧକ ହିଁ ଜୀବ ଓ ବ୍ରହ୍ମ ଏକ ବୋଲି କହିବା ସୁନ୍ଦର ଓ ଶ୍ରୁତିସମ୍ମତ ।

ଶ୍ରୀମଦ୍‌ଭଗବତ୍ ଗୀତାତତ୍ତ୍ୱକୁ ଆଶ୍ରୟ କରି ଆଲୋଚନା କଲେ ଜୀବର ପୁନର୍ଜନ୍ମ ସମ୍ପର୍କରେ କୌଣସି ସନ୍ଦେହ ବା ସଂଶୟ ନକରିବା ସ୍ୱାଭାବିକ । ଜନ୍ମ ଓ ମୃତ୍ୟୁ ଯଦିଓ ଜୀବାତ୍ମା ନିମନ୍ତେ ସତ୍ୟସିଦ୍ଧ ନୁହେଁ, ତଥାପି ଆତ୍ମା ଯେଉଁ ପଞ୍ଚଭୂତାଶ୍ରୟୀ ସ୍ଥୂଳ ଶରୀର ପରିଗ୍ରହ କରେ, ସେହି ଶରୀର ନିଶ୍ଚିତ ଭାବରେ ବିନାଶଶୀଳ । ଆଜି ଜଡ଼ବିଜ୍ଞାନ ଏହି କ୍ଷୟଶୀଳ ଶରୀରର ସଂରକ୍ଷଣ କରି ତହିଁରେ ଅବିନାଶୀ ଶାଶ୍ୱତ ଆତ୍ମାର ପ୍ରବେଶ ନିମନ୍ତେ ସବୁପ୍ରକାର ଉଦ୍ୟମ ଜାରି ରଖିଥିବାର ସମ୍ବାଦ ଅବଶ୍ୟ ମିଳୁଛି । ଏହି ପ୍ରକ୍ରିୟାରେ ପାଶ୍ଚାତ୍ୟ ଜଡ଼ବିଜ୍ଞାନୀମାନେ କେତେଦୂର ସଫଳତା ଲାଭ କରିବେ, ତାହା ଭବିଷ୍ୟତ ସମୟ ହିଁ ନିର୍ଦ୍ଧାରଣ କରିବ । ଏବେ ସେ ସମ୍ବନ୍ଧରେ ସ୍ପଷ୍ଟ ମତଦାନ ଅପ୍ରାସଙ୍ଗିକ ଓ ଅଯୌକ୍ତିକ ହେବ ବୋଲି ମନେକରି ଆମେ ନୀରବରେ ଧୈର୍ଯ୍ୟଧରି ସମୟକୁ ହିଁ ଅପେକ୍ଷା କରି ରହୁଛୁ ।

ଜନ୍ମମୃତ୍ୟୁ ଚକ୍ରରେ ଜୀବାତ୍ମା ବାରମ୍ବାର ଘଟ ପରିବର୍ତ୍ତନ କରିବା ପ୍ରକ୍ରିୟାରେ ଗୋଟିଏ ଘଟାନ୍ତର ଲାଭ କରିବା ସମୟରେ ସ୍ୱବୈଶିଷ୍ଟ୍ୟ (ଆତ୍ମା, ମନ ଓ ପଞ୍ଚ ଜ୍ଞାନେନ୍ଦ୍ରିୟ-ଅର୍ଥାତ୍ ସୂକ୍ଷ୍ମ ଶରୀର) ବା ଆତ୍ମସ୍ୱରୂପ ବା ଜିନ୍ ଅନୁସାରେ ପୂର୍ବ ଜନ୍ମଜନ୍ମାନ୍ତର ଅର୍ଜିତ ଓ ସଞ୍ଚିତ ସଂସ୍କାର ସମୂହକୁ ଧର୍ମ କର୍ମଫଳ ଭୋଗ କରିବା ନିମନ୍ତେ ଧରାପୃଷ୍ଠରେ ଅବତୀର୍ଣ୍ଣ ହୁଏ । ପିତାମାତାଙ୍କର ସଂଯୋଗ କାଳୀନ ଗ୍ରହ, ନକ୍ଷତ୍ର, ରାଶିଚକ୍ରର ଚଳନ ବିଧି ଅନୁଯାୟୀ ଲଗ୍ନ ସ୍ଥିରରେ ବିନ୍ଦୁ ସ୍ଥାପନକାଳ ନିରୂପିତ ହୋଇଥାଏ ଓ ତତ୍କାଳୀନ ଲଗ୍ନାନୁଯାୟୀ ବୈଶିଷ୍ଟ୍ୟଧାରୀ ଆତ୍ମା ମାତୃ ଜରାୟୁରେ ସ୍ଥାନ ଲାଭ କରେ । ଫଳରେ ଗ୍ରହନକ୍ଷତ୍ର ରାଶି ଚକ୍ରାନୁପାତିକ କର୍ମଫଳ ତାହାକୁ ଭୋଗ କରିବାକୁ ପଡ଼େ ଓ ତତ୍ ସହିତ ପୂର୍ବ ଜନ୍ମଜନ୍ମାନ୍ତରର ପୁଞ୍ଜୀଭୂତ ସଞ୍ଚିତ କର୍ମଫଳ ମଧ୍ୟ ଭୋଗ କରେ । ଏତଦ୍‌ବ୍ୟତୀତ ଜୀବଦ୍ଦଶାରେ ପ୍ରତି ମୁହୂର୍ତ୍ତରେ କରୁଥିବା କର୍ମର ଫଳ ମଧ୍ୟ ଭୋଗହୁଏ । ଏହାକୁ କ୍ରିୟମାଣ କୁହାଯାଏ । ପର୍ଯ୍ୟାକ୍ରମରେ ଗୋଟିଏ ପରେ ଗୋଟିଏ କର୍ମଫଳ ଭୋଗକୁ ପ୍ରାରବ୍ଧ କୁହାଯାଏ ।

ସ୍ଥୂଳ ଶରୀରଧାରୀ ଜୀବ କର୍ମଫଳାନୁସାରେ ଭୋଗର ଅଧୀନ ହୁଏ । ଏହି କର୍ମଫଳ ଭୋଗରୁ ରକ୍ଷା ପାଇବାର ଉପାୟ ଅବଶ୍ୟ ନାହିଁ, ମାତ୍ର କର୍ମଯୋଗ ସାଧନା ବଳରୁ ଦୁର୍ଭାଗ୍ୟକୁ ଲାଘବ ବା ଉପଶମ କରାଯିବାର

ବ୍ୟବସ୍ଥା ଅଛି, ଏହି ବ୍ୟବସ୍ଥା ଜୀବର ଇଚ୍ଛାଧୀନ । ସ୍ୱତଃପ୍ରବୃତ୍ତ ଗୁରୁଗ୍ରହଣ କରିବା ସହିତ ନୀତିନିଷ୍ଠ ହୋଇ ଶ୍ରୀଗୁରୁ ପ୍ରଦତ୍ତ ଧର୍ମଧାରାନୁସାରେ କର୍ମଯୋଗ ସାଧନା କରିବା ଦ୍ୱାରା ଜୀବର କର୍ମଫଳ ଖଣ୍ଡନ ହୁଏ, ଲାଘବ ହୁଏ ବା/ଓ ଉପଶମ ମଧ୍ୟ ହୋଇଥାଏ । କର୍ମଫଳର ବନ୍ଧନରୁ ମୁକ୍ତି ପାଇବାର ପଥ ହିଁ ସନ୍ଦେଶପତ୍ର । ସନ୍ଦେଶପତ୍ରଧାରୀମାନଙ୍କର ପ୍ରଥମ ସୋପାନରେ ସାଧନା ହିଁ ସନ୍ଦେଶ ପଥ । ଏହାର ପ୍ରତୀକାତ୍ମକ ସ୍ୱରୂପ ହିଁ କର୍ମଯୋଗ । କର୍ମଯୋଗର ପ୍ରତୀକ ହିଁ ସନ୍ଦେଶପତ୍ରର ସମ୍ମୁଖ ଭାଗରେ ଦିଆଯାଇଥିବା ଚତୁର୍ବିଂଶତି ତତ୍ତ୍ୱ ସମ୍ବଳିତ ରେଖାଚିତ୍ର । ଏହି ରେଖାଚିତ୍ର ମାଧ୍ୟମରେ କର୍ମଯୋଗ ଓ ଧର୍ମଧାରାର ତତ୍ତ୍ୱ ଓ ସାଧନପ୍ରଣାଳୀ ପ୍ରତୀକଦ୍ୱାରା ଅନୁଗତ ଶରଣାଗତ ଭକ୍ତ ଶିଷ୍ୟଶିଷ୍ୟାମାନଙ୍କ ଅବଗତି ନିମନ୍ତେ ପ୍ରଦତ୍ତ ହୋଇଅଛି । ଜୀବ ମଧ୍ୟରେ ବ୍ରହ୍ମ ଗୋପନରେ ବିଦ୍ୟମାନ । ଏହି ବ୍ରହ୍ମର ପ୍ରତୀକ ହେଉଛି ସର୍ବନିମ୍ନରେ ଥିବା ତ୍ରିଭୁଜ ମଧ୍ୟସ୍ଥ ବଳୟ । ସେହି ବ୍ରହ୍ମ କାରଣଜଗତ ବା ଅନାଦିମଣ୍ଡଳ ମଧ୍ୟସ୍ଥ ଅବ୍ୟକ୍ତବ୍ରହ୍ମର ପ୍ରଥମ ବ୍ୟକ୍ତସ୍ୱରୂପ ହରିଦ୍ରାବିନ୍ଦୁ (ଚରମର ପ୍ରଚ୍ଛଦପଟ ଦ୍ରଷ୍ଟବ୍ୟ) । ବ୍ରହ୍ମକୁ ବେଢ଼ି ରହିଛନ୍ତି ତ୍ରିଗୁଣ-ସତ୍ତ୍ୱ, ରଜ ଓ ତମ । ଏହି ତ୍ରିଗୁଣର ପ୍ରତୀକ ହେଉଛି ନିମ୍ନସ୍ଥ ତ୍ରିଭୁଜ । ଜୀବ ତ୍ରିଗୁଣର ବୈଷମ୍ୟ/ବିଷମତା ହେତୁ ମାୟାଦ୍ୱାରା ପରିଚାଳିତ ହୋଇ ସ୍ଥୂଳଜଗତରେ ଲୀଳାଖେଳା କରିଥାଏ ।

ବ୍ରହ୍ମ ହିଁ ନିରାମୟ, ନିଷ୍କଳ, ନିରାକାର (ଅଣାକାର), ନିଷ୍କ୍ରିୟ । କ୍ରିୟା ସଂଜାତ ନିମନ୍ତେ ବ୍ରହ୍ମ ଦୁଇ ଅଂଶରେ ପ୍ରକୃତି ଓ ପୁରୁଷ ସ୍ୱରୂପରେ ପ୍ରକାଶମାନ । ପ୍ରକୃତି କ୍ରିୟାତ୍ମିକା, କ୍ରିୟାଶୀଳା ଓ କ୍ରିୟାସମ୍ପନ୍ନା । ଏହା ଜୀବ ମଧ୍ୟରେ ଅବସ୍ଥାନ କରି ସକଳ କର୍ମରେ ଜୀବକୁ ନିୟୋଜିତ କରିଥାଏ । ପ୍ରକୃତି ଓ ପୁରୁଷର ପ୍ରତୀକ ରୂପେ ବ୍ରହ୍ମଦଣ୍ଡର ଉଭୟ ପାର୍ଶ୍ୱରେ ନିମ୍ନସ୍ଥ ତ୍ରିଭୁଜର ଉପରିଭାଗରେ ଦୁଇଗୋଟି ପତ୍ରସ୍ୱରୂପର ଚିତ୍ର ଅଛି । ବାମ ପାର୍ଶ୍ୱରେ ପ୍ରକୃତି ଓ ଦକ୍ଷିଣ ପାର୍ଶ୍ୱରେ ପୁରୁଷ । ଅନ୍ୟ ଭାଷାରେ ବାମପାର୍ଶ୍ୱରେ ଜୀବ ଏବଂ ଦକ୍ଷିଣପାର୍ଶ୍ୱରେ ପରମ ବିଦ୍ୟମାନ । ଏହିଠାରେ ୧. କାମ, ୨. କ୍ରୋଧ, ୩. ଲୋଭ, ୪. ମୋହ, ୫. ମଦ, ୬. ମାତ୍ସର୍ଯ୍ୟ ଷଡ଼ରିପୁ ଉପସ୍ଥିତ ହୋଇ ଜୀବକୁ ଜଞ୍ଜାଳ ଜାଲ ମଧ୍ୟରେ ନିରନ୍ତର ଛନ୍ଦି ରଖନ୍ତି । ବନ୍ଧନରୁ ମୁକ୍ତି ପାଇବା ପାଇଁ ଜୀବାତ୍ମା ଅନ୍ତଃକରଣରେ ଡହଳବିକଳ, ଆକୁଳବ୍ୟାକୁଳ ହେଲେ ମଧ୍ୟ କର୍ମଯୋଗ ସାଧନା ବିନା ବନ୍ଧନରୁ ମୁକ୍ତି ପାଇପାରେନା ।

ଶ୍ରୀଗୁରୁଙ୍କ ଦତ୍ତ ଧର୍ମଧାରା ଧରି ନିତ୍ୟ ଅଭ୍ୟାସଯୁକ୍ତ କର୍ମଯୋଗ ସାଧନ କଲେ, ଗୁପ୍ତରେ ଥିବା ଅନ୍ତଃସ୍ଥ ବ୍ରହ୍ମ, ବ୍ରହ୍ମଦଣ୍ଡଦ୍ୱାରା ଆତ୍ମା (ଜୀବାତ୍ମା) ସହିତ ସଂଯୋଗ ସ୍ଥାପନ କରି ଷଡ଼ଚକ୍ର ଭେଦ କରାଇ ମୁକ୍ତି, ମୋକ୍ଷ, ନିର୍ବାଣ ଏବଂ ଚରମ ପ୍ରାପ୍ତି ନିମନ୍ତେ କୃପା କରିଥାଆନ୍ତି । ନିମ୍ନସ୍ଥ ତ୍ରିଭୁଜ ମଧ୍ୟସ୍ଥ ବଳୟ (ବ୍ରହ୍ମ) ଠାରୁ ବ୍ରହ୍ମଦଣ୍ଡ ଉନ୍ନୀତ ହୋଇ ଦଣ୍ଡ ଅଗ୍ରଭାଗସ୍ଥ ବିନ୍ଦୁ (ଆତ୍ମା) ସହିତ ସଂଯୁକ୍ତ ହୋଇ ଥିବାର ଲକ୍ଷ୍ୟକର ।

ପତ୍ରପ୍ରାୟ ଦୃଶ୍ୟମାନ ଜୀବପରମ (ପୁରୁଷ ପ୍ରକୃତି)ର ଉପରିଭାଗରେ ଶ୍ରୀପଦଯୁଗଳର ଚତୁଃପାର୍ଶ୍ୱରେ ରଶ୍ମିସଦୃଶ ତରଙ୍ଗାୟିତ ସୂକ୍ଷ୍ମାତିସୂକ୍ଷ୍ମ କ୍ଷୁଦ୍ର ରେଖାସଜ୍ଜିତ ଅଂଶ ହିଁ ପ୍ରକୃତି ତରଙ୍ଗ । ଏହି ପ୍ରକୃତି ତରଙ୍ଗରେ ପଞ୍ଚଭୂତ, ପଞ୍ଚତନ୍ମାତ୍ରା, ପଞ୍ଚକର୍ମେନ୍ଦ୍ରିୟ, ପଞ୍ଚଜ୍ଞାନେନ୍ଦ୍ରିୟ ଏବଂ ପଞ୍ଚପ୍ରାଣ ତରଙ୍ଗାୟିତ ଅବସ୍ଥାରେ ରହିଅଛନ୍ତି । ବ୍ରହ୍ମଦଣ୍ଡର ଦୁଇପାର୍ଶ୍ୱରେ ଏବଂ ପ୍ରକୃତି ତରଙ୍ଗ ମଧ୍ୟରେ ଦୁଇ ପାଦପଦ୍ମ ହିଁ ପଥ ସ୍ୱରୂପ ପ୍ରତୀକଭାବେ ବିଦ୍ୟମାନ । ବାମପାର୍ଶ୍ୱରେ ଅସତ୍‌ପଥ ଏବଂ ଦକ୍ଷିଣପାର୍ଶ୍ୱରେ ସତ୍‌ପଥ ନିର୍ଦ୍ଦେଶକ ଦୁଇପାଦପଦ୍ମ ହିଁ ଧ୍ୟାନର ମୂଳ । ଦୁଇପାଦର ମଧ୍ୟସ୍ଥ ଦୁଇଗୋଟି ବୃତ୍ତ ଜନ୍ମଚକ୍ର ଏବଂ ମୁକ୍ତିଚକ୍ରର ପ୍ରତୀକ ବହନ କରେ । ଧ୍ୟାନସ୍ଥ ସାଧକ/କର୍ମଯୋଗର ଯୋଗୀ ଆପଣାର ଦୁଇଚକ୍ଷୁକୁ ଲୟସ୍ଥ (କପାଳ ବା ନାସାଗ୍ର-ଗୁରୁଦତ୍ତ ସନ୍ଦେଶ ପଥାନୁଯାୟୀ) କରି ଉଭୟ ପାଦପଦ୍ମକୁ (ଧ୍ୟେୟ) ଲୟରେ ଦର୍ଶନ କଲେ, ଜନ୍ମଚକ୍ର ଛିନ୍ନ ହୋଇ ମୁକ୍ତିଚକ୍ରର ଦ୍ୱାର ପର୍ଯ୍ୟାୟକ୍ରମରେ ଉନ୍ମୋଚିତ ହୋଇଥାଏ ।

ଏହି ସ୍ତରରେ ବିଜେନ୍ଦ୍ରିୟ ପ୍ରକୋଷ୍ଠର ଦ୍ୱାର ଧୀରେ ଧୀରେ ବନ୍ଦ ହୋଇ ସତ୍ୟେନ୍ଦ୍ରିୟ ପ୍ରକୋଷ୍ଠର ଦ୍ୱାର ଖୋଲିବାକୁ ଆରମ୍ଭ କରେ । କଠୋର ସଂଯମତାର ସହିତ ଧାରା (ସନ୍ଦେଶପଥ) ଅନୁସାରେ କର୍ମଯୋଗ ସାଧନା କଲେ ଏବଂ ଥରେ ବିଜେନ୍ଦ୍ରିୟ ପ୍ରକୋଷ୍ଠର ଦ୍ୱାର ବନ୍ଦ ହୋଇଯାଇ ସତ୍ୟେନ୍ଦ୍ରିୟ ପ୍ରକୋଷ୍ଠର ଦ୍ୱାର ସଂପୂର୍ଣ୍ଣଭାବରେ ଖୋଲିଗଲେ, ମୁକ୍ତି ମୋକ୍ଷ ନିର୍ବାଣ ଓ ଚରମପ୍ରାପ୍ତି ଜୀବର ହାତମୁଠାକୁ ଚାଲିଆସେ । ଏହାହିଁ ଜୀବନ୍ମୁକ୍ତ ବା ବ୍ରାହ୍ମୀ ଅବସ୍ଥା । ଏହି ବ୍ରାହ୍ମୀସ୍ଥିତି ଜୀବଦ୍ଦଶାରେ ଭୋଗ ହୋଇଥାଏ ।

ଦୁଇପାଦପଦ୍ମର ଦୁଇ କନିଷ୍ଠାଙ୍ଗୁଳିକୁ ଯୋଗ କରି ଉପରିଭାଗରେ ଅର୍ଦ୍ଧବୃତ୍ତାକାରରେ ସଜ୍ଜିତ ନଅଗୋଟି ପଦ୍ମପାଖୁଡ଼ା ହିଁ ସତ୍ ଏବଂ ଅସତ୍ ପ୍ରବୃତ୍ତିର ସଂସ୍କାର, ସିଦ୍ଧି, ସମାଧି ଓ ଜ୍ଞାନର ପ୍ରତୀକ । (ସତ୍‌ର ଚାରିଗୋଟି, ଅସତ୍‌ର ମଧ୍ୟ ଚାରିଗୋଟି, ଏହିପରି ଆଠଗୋଟି) ମଧ୍ୟସ୍ଥ ପାଖୁଡ଼ାଟି ବ୍ରହ୍ମଦଣ୍ଡ ଦ୍ୱାରା ବିଭକ୍ତ । ଏହା ଅସତ୍ ଓ ସତ୍‌ର ପୃଥକୀକରଣର ପ୍ରତୀକ ରୂପେ ବିଦ୍ୟମାନ । ଜୀବ ଯେ ପର୍ଯ୍ୟନ୍ତ ସାଧନସିଦ୍ଧ ହୋଇନଥାଏ, ସେ ପର୍ଯ୍ୟନ୍ତ ସେ ସତ୍ ଓ ଅସତ୍‌ର ନ୍ୟାୟଗୁଡ଼ିକ ମଧ୍ୟରେ ପୃଥକତା ବା ପାର୍ଥକ୍ୟ ଅନୁଭବ କରିପାରେ ନାହିଁ । ଯେ ପର୍ଯ୍ୟନ୍ତ ଜୀବ ଓ ପରମ ଏକ ବୋଲି ଗୋଟିଏ ବିନ୍ଦୁରେ ଅନୁଭବ କରିପାରେ ନାହିଁ, ସେ ପର୍ଯ୍ୟନ୍ତ ସେ କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟର ଅଧୀନସ୍ଥ ହୋଇ ନାନା ବିକାର ବିକୃତି ମଧ୍ୟରେ ଆଚ୍ଛନ୍ନ ହୋଇ ଛଳନା, ମିଥ୍ୟାଚାର, ଭ୍ରଷ୍ଟାଚାର, ବିଶୃଙ୍ଖଳା, ଉଚ୍ଛୃଙ୍ଖଳତା, ଦୁର୍ନୀତି, ଅନୀତି, ଈର୍ଷା, ହିଂସା, ପରଶ୍ରୀକାତରତା ଇତ୍ୟାଦି ଆସୁରିକ ଆଚରଣ ଦେଖାଇଥାଏ । ସେହି କାରଣରୁ ସେ ପ୍ରକୃତ ଆନନ୍ଦ ଓ ଶାନ୍ତି ଲେଶ ମାତ୍ର ଉପଭୋଗ କରିପାରେ ନାହିଁ । ଲୋକ ଦେଖାଣିଆ ଭାବରେ କପଟାଚାର କରି ଧାର୍ମିକ ସ୍ୱଭାବ, ଆଚରଣ ଓ କ୍ରିୟାକର୍ମ ଦେଖାଇ ହେଉଥିଲେ ହେଁ, ବାସ୍ତବ ପକ୍ଷରେ ସେ ଆଧ୍ୟାତ୍ମିକ ଉନ୍ନତିର ସୀମା ସୁଦ୍ଧା ସ୍ପର୍ଶ କରିପାରି ନ ଥାଏ ।

ପ୍ରକୃତି ତରଙ୍ଗର ଯେଉଁଠାରେ ବ୍ରହ୍ମଦଣ୍ଡ ଭେଦ କରିଛି ସେଠାରେ ଜୀବ ଚୈତନ୍ୟ (ଅହଂ)ର ସ୍ଥାନ ଏବଂ ତତ୍‌ପାର୍ଶ୍ୱରେ ମନର ସ୍ଥାନ । ମନ ଏବଂ ଚେତନ୍ୟ ସହିତ ପରସ୍ପରର ନିକଟବର୍ତ୍ତୀ ହୋଇଥିଲେ ମଧ୍ୟ ପ୍ରକୃତିତରଙ୍ଗ ବା ମାୟାଜାଲରେ ମନ ମୀନ ସଦୃଶ ଛନ୍ଦି ହୋଇ ଚୈତନ୍ୟ ସହିତ ସଂଯୁକ୍ତ ହୋଇପାରେ ନାହିଁ । ଫଳରେ ଜୀବ ମନକୁ ନିୟନ୍ତ୍ରଣ କରିପାରେ ନାହିଁ । ମନ ସହଜାତ ପ୍ରବୃତ୍ତିଗୁଡ଼ିକ ଦ୍ୱାରା ପରିଚାଳିତ ହୋଇ ଇନ୍ଦ୍ରିୟମାନଙ୍କ ଆହ୍ୱାନରେ ବିଷୟଭୋଗରେ ଲିପ୍ତ ରହେ । ବିଷୟାବିଷକୁ ଅମୃତତୁଲ୍ୟ ପାନ କରି ଅନ୍ତଃକରଣସ୍ଥ ବ୍ରହ୍ମକୁ ନାନାଦି କଷ୍ଟରେ ଜର୍ଜରିତ କରିଥାଏ । ଅନ୍ତରାତ୍ମା ତହଳବିକଳ ହୋଇ ଘଟକୁ ଛାଡ଼ି ଯିବାପାଇଁ ବ୍ୟାକୁଳ ହୁଏ । ଏପରି ସ୍ଥିତିରେ ପରମାୟୁ ଥାଉଁ ଥାଉଁ ଆୟୁ ଅଚାନକ ଶେଷ ହେବାକୁ ବାଧ୍ୟ ହୁଏ ଓ ଅକାଳରେ ଅସ୍ୱାଭାବିକ ମୃତ୍ୟୁ ଘଟିଥାଏ ।

ପୂର୍ବରୁ କୁହାଯାଇଛି ଯେ, ବହ୍ମଦଣ୍ଡର ଉପରିଭାଗସ୍ଥ ବିନ୍ଦୁ ହିଁ ଆତ୍ମା । ବ୍ରହ୍ମଦଣ୍ଡ ଅଗ୍ରଭାଗସ୍ଥ ଧ୍ୱଜା ବା କେତନ (ପତାକା) ହିଁ ଆତ୍ମାର ବିସ୍ତୃତି ବା ପ୍ରକାଶ । ଏହା ସ୍ଥୂଳତଃ ପ୍ରକାଶମାନ ନୁହେଁ । ସୂକ୍ଷ୍ମସ୍ତରରେ ଆତ୍ମୋନ୍ନତିର ପର୍ଯ୍ୟାୟ ଅନୁସାରେ ସାଧକ/ଯୋଗୀର ଆଧ୍ୟାତ୍ମିକ ପ୍ରଗତି ହୋଇଥାଏ । ଏହି ସୂକ୍ଷ୍ମ ବିକାଶ ତାହାର ସ୍ଥୂଳଚରିତ୍ର, ଶୃଙ୍ଖଳା, ଆଚରଣ ଏବଂ ସତ୍ୟନିଷ୍ଠା, ତ୍ୟାଗବ୍ରତ ଇତ୍ୟାଦିରେ ବାସ୍ତବରୂପେ ପ୍ରକାଶିତ ହୋଇଥାଏ । ସେ କେବଳ ବାକ୍ୟବୀର ବା ବଚନସର୍ବସ୍ୱ ହୋଇନଥାଏ । ପତାକାର ଶେଷ ସୀମାସ୍ଥ ବିନ୍ଦୁ ହିଁ ବୁଦ୍ଧି । ଏହାହିଁ ଆତ୍ମବୁଦ୍ଧି ଅହଂବୁଦ୍ଧି ନୁହେଁ । ସାଧକ ସିଦ୍ଧି ଲାଭକଲେ ଆତ୍ମବୁଦ୍ଧି ବା ଆତ୍ମଜ୍ଞାନ ଉଦୟ ହୁଏ । ଆତ୍ମଜ୍ଞାନୀ ଓ ଆତ୍ମଦର୍ଶନକାରୀମାନେ ଅହଂ ବ୍ରହ୍ମାସ୍ମି ବା ତତ୍ତ୍ୱମସି ଇତ୍ୟାଦି ଅନୁଭବରେ ଆଣି ଜନସମାଜରେ ପ୍ରଚାର ପ୍ରସାର କରି କହନ୍ତି ଜୀବ ଓ ପରମ ଅଭିନ୍ନ ଏବଂ ଏକ ।

# ଚରମର ପ୍ରଚ୍ଛଦପଟ ସମ୍ପର୍କରେ

*ଯେଉଁଠି ସୃଷ୍ଟି ରହିଛି, ସେଠାରେ ସ୍ଥିତି ମଧ୍ୟ ଅଛି । ଅବଶେଷରେ ତାର ବିନାଶ ମଧ୍ୟ ଅବଶ୍ୟମ୍ଭାବୀ । ସ୍ଥୂଳ ଜଗତର ଏହାହିଁ ରହସ୍ୟ, ଏହାହିଁ ଅନନ୍ତଲୀଳା । ଏ ଲୀଳା ରହସ୍ୟମୟ । ଆମେ ସମସ୍ତେ ପ୍ରତିଟି ମୁହୂର୍ତ୍ତରେ ବିନାଶ ଦିଗରେ ଦ୍ରୁତଗତିରେ ଧାବମାନ । ନୁହେଁ କି । ତଥାପି ଆମ୍ଭମାନଙ୍କର ମାୟାମୋହର ଅନ୍ତନାହିଁ, ଲାଳସାର ଶେଷ ନାହିଁ । ଇନ୍ଦ୍ରିୟପରାୟଣତାର ସୀମା ହିଁ ନାହିଁ, ଏହା ହିଁ ସର୍ବଶ୍ରେଷ୍ଠ ବିଡ଼ମ୍ବନା । ଚରମ ର ପ୍ରଚ୍ଛଦପଟ ଏକାଧାରରେ ସୃଷ୍ଟି, ସ୍ଥିତି, ପ୍ରଳୟର ଦ୍ୟୋତକ । ଏହି ଉତ୍ପତ୍ତି, ସ୍ଥିତି ଓ ହେତିର ପ୍ରତୀକ । ଚରମର ଏହି ସଂଖ୍ୟାରେ ବହୁ ଆକାଂକ୍ଷିତ ପ୍ରଳୟଙ୍କରୀ ପ୍ରଳୟ ବିଭୀଷିକା ଉପରେ ଆଲୋକପାତ କରିଛି ଏହି ପ୍ରବନ୍ଧ :*

## ପ୍ରଳୟର ବିଭୀଷିକା

ଭାରତ ଭଳି ପୃଥିବୀର ଅନ୍ୟାନ୍ୟ ବହୁ ଦେଶର ବିଭିନ୍ନ **ପୁସ୍ତକ-ପୁସ୍ତିକାରେ ବିଶ୍ୱର ପ୍ରଳୟ** ସମ୍ବନ୍ଧରେ ଅନେକ ପ୍ରଖ୍ୟାତନାମା ମହାପୁରୁଷ ଓ ସିଦ୍ଧସାଧକଙ୍କର ବିଭିନ୍ନ ମତ ପ୍ରକାଶ **ପାଇସାରିଛି । କଳିଯୁଗର** ପତନ ଓ ବିଶ୍ୱ ପ୍ରଳୟକୁ ଉପଜୀବ୍ୟ କରି ଆମେରିକା, ଇଂଲଣ୍ଡ, ଜର୍ମାନୀ, ଫ୍ରାନ୍ସ, ଇଜିପ୍ଟ, ଆରବୀୟ ରାଷ୍ଟ୍ର ସମୂହ, ଇରାନ୍ ଏବଂ କେତେକ ଖ୍ରୀଷ୍ଟିୟାନ୍ ସମ୍ପ୍ରଦାୟର ମୁଖ୍ୟ ନିଜନିଜର **ସ୍ୱଚ୍ଛ** ମତ ଦେଇସାରିଛନ୍ତି । ଏ ସମସ୍ତ ମତ ଓ ତଥ୍ୟର ଯଥେଷ୍ଟ ପ୍ରଚାର ପ୍ରସାର ମଧ୍ୟ ହୋଇଗଲାଣି । ଆମ ଭାରତର ପୋଥି ପୁରାଣରୁ ମଧ୍ୟ ପୃଥିବୀର ଅତୀତ ଏବଂ ଭବିଷ୍ୟତ ସମ୍ବନ୍ଧରେ ସମ୍ୟକ୍ ଜ୍ଞାନ ଲାଭ ହୋଇଥାଏ । ଦିବ୍ୟଦ୍ରଷ୍ଟା **ସ୍ରଷ୍ଟାପୁରୁଷ** ମହର୍ଷି ବେଦବ୍ୟାସଙ୍କ କୃତ ମହାଭାରତର ଶାନ୍ତିପର୍ବରେ ସ୍ୱଚ୍ଛ ଉଲ୍ଲେଖ ରହିଛି-

ନ ବୈ ରାଜ୍ୟଂ ନ ରାଜସୀନ୍ନ ଚ ଦଣ୍ଡୋ ନ ଦାଣ୍ଡିକଃ ।
ଧର୍ମେଣୈବ ପ୍ରଜାଃ ସର୍ବା ରକ୍ଷନ୍ତି ସ୍ମ ପରସ୍ପରମ୍ ।
ପାଲ୍ୟମାନା ସ୍ତଥାନୋନ୍ଧନ୍ୟଂ ନରାଃ ଧର୍ମେଣ ଭାରତ ॥

ଏହାହିଁ **ପୃଥିବୀର ଅତୀତ ସମ୍ବନ୍ଧରେ** ସମ୍ୟକ୍ ଆଲୋକପାତ କରେ । ଏହାର ଭାବାର୍ଥ:ପୃଥିବୀ ପୃଷ୍ଠରେ ମାନବ ସମାଜର ପ୍ରଥମ ଅବସ୍ଥାରେ **କୌଣସି ଭୌଗୋଳିକ ସୀମାରେଖା** ନିର୍ଦ୍ଦିଷ୍ଟ ହୋଇଥିବା ରାଜ୍ୟ ବା ରାଷ୍ଟ୍ର ନଥିଲା । କୌଣସି ରାଜା ମହାରାଜା ମଧ୍ୟ ଶାସନ ପାଇଁ ନଥିଲେ । **ଦଣ୍ଡ ନଥିଲା** ବା ଦଣ୍ଡ ଦେବାପାଇଁ ମଧ୍ୟ କେହି ନଥିଲେ । ସମସ୍ତେ ଥିଲେ ଏକଶ୍ରେଣୀୟ ପ୍ରଜା । ପ୍ରତ୍ୟେକେ **ଆପଣା ଧର୍ମବଳରେ** ନିଜନିଜକୁ ରକ୍ଷା କରୁଥିଲେ । କହିବାକୁ ଗଲେ, ଗଣତନ୍ତ୍ର ଶାସନ ପଦ୍ଧତିରେ ମାନବିକ ସନାତନ **ଧର୍ମ** ଦ୍ୱାରା **ହିଁ ପରସ୍ପର** ପରିପାଳିତ ହେଉଥିଲେ ଏବଂ ଶାନ୍ତିରେ ଜୀବନଯାତ୍ରା ନିର୍ବାହ କରୁଥିଲେ ।

ତ୍ରିକାଳଦର୍ଶୀ ମହର୍ଷି ବ୍ୟାସଦେବ ପୃଥିବୀର ଭବିଷ୍ୟତ ସମ୍ବନ୍ଧରେ ପୁଣି ନିଜର ଦିବ୍ୟଦର୍ଶନକୁ ଶ୍ଳୋକାକାରରେ ଲିପିବଦ୍ଧ କଲେ-

'ତତୋ ଯୋଜନ ବିଂଶାନାଂ ସହସ୍ରାଣି ଶତାନି ଚ । ନିର୍ଦ୍ଦହତ୍ୟଣିବୋ ବାୟୁଃ ସ ଚ ସଂବର୍ତ୍ତକୋବନଳଃ ॥
ତତଃ ସମୁଦ୍ରଃ ସ୍ୱାଂ ବେଳାମତିକ୍ରାମତି ଭାରତ । ପର୍ବତାଶ୍ଚ ବିଦୀର୍ଯ୍ୟନ୍ତେ ମହୀ ଚାପ୍ ସୁ ନିମଜ୍ଜତି ॥'

**ଅର୍ଥାତ୍** ଭବିଷ୍ୟତରେ **ପୃଥିବୀ** ପୃଷ୍ଠରେ କୋଡ଼ିଏ ହଜାର ଶହ **ଯୋଜନର ଅଗ୍ନି ପ୍ରଜ୍ୱଳିତ** ହେବ ଏବଂ ତଜ୍ଜନିତ ପ୍ରଚଣ୍ଡ ଅସହ୍ୟ ଗରମବାୟୁ ପ୍ରବାହିତ ହୋଇ ସମସ୍ତଙ୍କୁ **ଭସ୍ମୀଭୂତ** କରିଦେବ । ବର୍ଷା ଯଥାରୀତି ହେବ ନାହିଁ । ଅକାଳରେ ଅତିବୃଷ୍ଟି ଏବଂ ବର୍ଷାଋତୁରେ ଅନାବୃଷ୍ଟି ହେବ । ସମୁଦ୍ର ସୀମା ଲଙ୍ଘନ କରି ସ୍ଥଳଭାଗକୁ ତୀବ୍ର ଗତିରେ ମାଡ଼ି ଆସିବ । ପର୍ବତ ବିଦୀର୍ଣ୍ଣ ହୋଇ ଆଗ୍ନେୟଗିରିରୁ ଅଗ୍ନି ଉଦ୍‌ଗୀରଣ ହେବ । ପୃଥିବୀରେ ମହାପ୍ରଳୟର ବିଭୀଷିକା ଘୋଟିଯିବ । ବିଗତ ହଜାର ହଜାର, ଶହଶହ ବର୍ଷ ପୂର୍ବରୁ ଆଜି ପର୍ଯ୍ୟନ୍ତ ପୃଥିବୀର ପୁରାତନ କାଳରୁ ବହୁ ମୁନିଋଷି, ସିଦ୍ଧସାଧକ, ମହାପୁରୁଷ, **ଜ୍ୟୋତିଷଶାସ୍ତ୍ରବିଦ୍** ପଣ୍ଡିତଗଣ ସୃଷ୍ଟିର ବିଲୟ ଏବଂ ପୃଥିବୀର ପ୍ରଳୟ ସମ୍ପର୍କରେ ଯେଉଁସବୁ ମତ ବ୍ୟକ୍ତ କରି ଯାଇଛନ୍ତି, ସେ ସବୁର **ଅନୁଧ୍ୟାନ** ଓ **ଅନୁଶୀଳନ** କରି ଆଜିର ପୃଥିବୀର ପ୍ରଳୟ ସମ୍ପର୍କରେ ଯେଉଁସବୁ ମତ **ବ୍ୟକ୍ତ କରି ଯାଇଛନ୍ତି,** ସେ

ସବୁର ଅନୁଧ୍ୟାନ ଓ ଅନୁଶୀଳନ କରି ଆଜିର ପୃଥିବୀର ସାମ୍ପ୍ରତିକ ଅବସ୍ଥାକୁ ଲକ୍ଷ୍ୟ କଲେ, ଏ ସକଳ ଭବିଷ୍ୟତବାଣୀ ଯେ ସତ୍ୟ ହେବାକୁ ଯାଉଛି, ତାହା ଉପଲବ୍ଧି ହୁଏ ।

ଆମ ସମସ୍ତଙ୍କର ଅଜ୍ଞାତସାରରେ ସମଗ୍ର ପୃଥିବୀ ଏକ ଅଜଣା ଆତଙ୍କମୟ ଭବିଷ୍ୟତ ଦିଗରେ ଦ୍ରୁତ ଧାବମାନ । ହଜାର ହଜାର ବର୍ଷ ଅତୀତରେ ଦ୍ରଷ୍ଟାପୁରୁଷ ମହର୍ଷି ବ୍ୟାସଦେବ ବ୍ୟକ୍ତ କରିଥିବା ଭବିଷ୍ୟତ ବାଣୀକୁ ସତ୍ୟ ପ୍ରତିପାଦନ କରିବା ପ୍ରୟାସରେ ସତେ ଯେପରି ବର୍ତ୍ତମାନ ସପ୍ତମହାସାଗର କୂଳ ଲଙ୍ଘନ କରି ସ୍ଥଳଭାଗ ଦିଗକୁ ତୀବ୍ରଗତିରେ ଛୁଟି ଆସିବା ଅବସ୍ଥାରେ ପହଞ୍ଚିଯାଇଛି । ମୃତ୍ତିକା ଅନୁର୍ବର ହେଲାଣି । ଜଳ, ସ୍ଥଳ, ଆକାଶ, ବାୟୁ ଇତ୍ୟାଦି ପ୍ରଦୂଷଣ ପ୍ରଭାବରୁ ଦୂଷିତ ହେଲାଣି । ଉତ୍ପାଦନ କ୍ରମଶଃ ହ୍ରାସ ପାଇଲାଣି । ଜଙ୍ଗଲ ପରିବେଶ ନଷ୍ଟଭ୍ରଷ୍ଟ ହୋଇ ସସାଗରାଧରା ଶୁଷ୍କ ନୀରସ ମରୁଭୂମିରେ ପରିଣତ ହେବାକୁ ଲାଗିଲାଣି । ବିଜ୍ଞାନର ଚରମ ଉତ୍କର୍ଷ ସତ୍ତ୍ୱେ ଧର୍ମ ବିଦ୍ୱେଷ ହେତୁ ଏହାର ଆଶୀର୍ବାଦ ଏବେ ମହା ଅଭିଶାପ ଓ ମାନବ ଶିକ୍ଷା, ସଭ୍ୟତା, ସଂସ୍କୃତିର ଧ୍ୱଂସର କାରଣ ରୂପେ ଦୃଢ଼ତାର ସହିତ ଦଣ୍ଡାୟମାନ । ଚିକିତ୍ସା ଓ ଭେଷଜ ବିଜ୍ଞାନର ଚରମ ଉନ୍ନତି ସତ୍ତ୍ୱେ ପ୍ରଳୟଙ୍କରୀ ଅଜ୍ଞାତରୋଗ ଗୋଟିକ ପରେ ଗୋଟିଏ ମାନବଜାତିକୁ ସଂକ୍ରମଣ କରି ପଙ୍ଗୁ ଓ ଅଥର୍ବ କରିବାକୁ ବସିଲାଣି । ଏହି ପରିପ୍ରେକ୍ଷୀରେ ଓଡ଼ିଶାର ପଞ୍ଚଦଶ ଶତାବ୍ଦୀର ସିଦ୍ଧସାଧକ ମହାପୁରୁଷ ଅଚ୍ୟୁତାନନ୍ଦ ଦାସଙ୍କର ନିର୍ବିକଳ୍ପ ସମାଧି ଅବସ୍ଥାର ଭବିଷ୍ୟତବାଣୀ ତାଙ୍କ କୃତ ମାଳିକାରେ ଉଲ୍ଲେଖ ରହିଛି, ତାହା ଅତ୍ୟନ୍ତ ଆନ୍ତରିକ ବିଶ୍ୱାସର ସହିତ ପ୍ରଣିଧାନ ଯୋଗ୍ୟ ।

ବର୍ତ୍ତମାନ ଦୁର୍ନୀତି ଦୁରାଚାରଗ୍ରସ୍ତ ଏବଂ ଅବକ୍ଷୟପ୍ରାପ୍ତ ବିଂଶ ଶତାବ୍ଦୀର ଶେଷ ସମୟ ସମଗ୍ର ବିଶ୍ୱ ମାନବସମାଜ ନିମନ୍ତେ ଏକ ସନ୍ଧିକ୍ଷଣ । ଜଡ଼ବିଜ୍ଞାନର ଅଭୂତପୂର୍ବ ସାଫଲ୍ୟ ସହିତ ପାଦମିଳାଇ ସମତାଳରେ ବିଶ୍ୱ ମାନବ ସମାଜରେ ଚାଲିଛି ମୃତ୍ୟୁର ତାଣ୍ଡବ ଏବଂ ରଣସଜ୍ଜାର ଉତ୍ସବ । ଗୋଟିଏ ପଟେ ବୁଦ୍ଧିଜୀବୀମାନବ ପ୍ରକୃତିର ରହସ୍ୟ ଉଦ୍‌ଘାଟନ କରିବାକୁ ଯାଇ ନୂତନ ବୈଜ୍ଞାନିକ ଉଦ୍‌ଭାବନର ଉପହାର ଦେଇ ବିଜୟୋଲ୍ଲାସରେ ପ୍ରମତ୍ତ, ଅନ୍ୟପଟେ ଦୁରାଚାରୀ ଆତ୍ମମ୍ଭରୀ ଅହଂକାରୀ ମଣିଷ ପରମାଣୁ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ସମଗ୍ର ମାନବ ସମାଜକୁ ଶଙ୍କିତ ଆତଙ୍କିତ କରି ତୋଳୁଛି । ଦେଶଦେଶ, ଜାତିଜାତି, ବ୍ୟକ୍ତିବ୍ୟକ୍ତି ମଧ୍ୟରେ ମାନସିକ ସଂଘର୍ଷର ସୂତ୍ରପାତ ହେଉଛି । ହିଂସା, ଦ୍ୱେଷ, ଘୃଣା, ସଂଘର୍ଷ, ଅବିଶ୍ୱାସ, ସ୍ୱାର୍ଥପରତା ଅମୃତପୁତ୍ରମାନବର ବ୍ୟକ୍ତିଗତ, ସାମାଜିକ, ସମଷ୍ଟିଗତ ଜୀବନକୁ କଳୁଷିତ, କଳଙ୍କିତ ଏବଂ ବିପର୍ଯ୍ୟସ୍ତ କରି ଦେଉଛି । ସମଗ୍ର ପୃଥିବୀରେ ମିଥ୍ୟା, ଛଳନା, ଦୁରାଚାର, ଦାୟିତ୍ୱହୀନତା ଓ କର୍ତ୍ତବ୍ୟବୋଧର ଘୋର ଅବହେଳା ପରିଲକ୍ଷିତ । ସଭ୍ୟଶିକ୍ଷିତ ସମାଜରେ ନୈତିକତାର ଘୋର ଅଧଃପତନ ଘଟିଛି । ନିଃସହାୟ ନିଃସଙ୍ଗ ପ୍ରାୟ ମାନବ ନିଜକୁ ଅସହାୟ ମନେ କରୁଛି । କରୁଣତାର ବିକଟ ଚିତ୍କାରରେ ଜୀବନର ଚଲାପଥର ଉତ୍କଟ ମରୁବାଲି ତୀବ୍ର ପ୍ରତିଧ୍ୱନି ତୋଳୁଛି । ଏ ସମସ୍ତ ଦୃଷ୍ଟିରୁ ବିଚାର କଲେ ବୁଦ୍ଧିଜୀବୀ, ଶାନ୍ତିକାମୀ, ମୁମୁକ୍ଷୁ, ସଭ୍ୟ ଶିକ୍ଷିତ ଏବଂ ସଂସ୍କୃତ ମାନବ ସତେ ଯେପରି ଊର୍ଦ୍ଧ୍ୱଶ୍ୱାସ ହୋଇ ବିକଳରେ ଆକୁଳ ଚିତ୍କାର କରୁଛି ନିଷ୍ଠୁର ପରିବେଶ ପରିସ୍ଥିତିର ଅସହାୟ କ୍ରୀଡ଼ନକ ସାଜି ।

ବିବର୍ତ୍ତନବାଦରେ 'ଅବ୍ୟକ୍ତ'ରୁ ଯେପରି କ୍ରମପର୍ଯ୍ୟାୟରେ ସକଳ ତଥ୍ୟ ବ୍ୟକ୍ତ ହୋଇ ଚାଲିଛି କମ୍ପନର ସମତାଳରୁ, ଠିକ୍ ସେହିପରି କମ୍ପନର ବେତାଳରୁ ପୁଣି ସକଳ ବ୍ୟକ୍ତ ଦୃଶ୍ୟମାନ ସ୍ଥୂଳଜଗତ ପର୍ଯ୍ୟାୟକ୍ରମରେ ସେହି ମୂଳବସ୍ତୁ ଅବ୍ୟକ୍ତରେ ଅଦୃଶ୍ୟ ହୋଇଯିବା ସ୍ୱାଭାବିକ । ଏହା ଦିବାଲୋକ ପରି ସ୍ପଷ୍ଟ ପ୍ରତିଭାତ ହୋଇଯାଇଛି ପୃଥିବୀର ବହୁ ମହାପୁରୁଷଙ୍କର ଦିବ୍ୟ ଦୃଷ୍ଟିରେ । ଏହାକୁ ଆମେ କେତେଦୂର ଅସ୍ୱୀକାର କରିପାରିବା ? ଆମ ବିଶ୍ୱାସ ଅବିଶ୍ୱାସକୁ ବିଶ୍ୱନିୟନ୍ତାଙ୍କର କର୍ମକୁଶଳତା କଣ ଅପେକ୍ଷା କରେ ନା କରିବ ? ପୃଥିବୀର ଭବିଷ୍ୟତ ସମ୍ପର୍କରେ ସିଦ୍ଧସାଧକ ମହାପୁରୁଷଗଣଙ୍କର ଭବିଷ୍ୟତବାଣୀ ଦିନେ ନା ଦିନେ ସତ୍ୟରେ ପରିଣତ ହେବ ହିଁ ହେବ । ତାହାର ସୂଚନା ବହୁଭାବରେ ବହୁବାର ଆମେ ଅଙ୍ଗେ ନିଭେଇସାରିବା ପରେ ମଧ୍ୟ ଜଡ଼ବୁଦ୍ଧି ଯୋଗୁଁ ଯୁକ୍ତିତର୍କର ଆଳରେ ଅହଂସର୍ବସ୍ୱ ହୋଇ ଏଡ଼ାଇ ଦେଇ ଚାଲିଛୁ । ସାମ୍ପ୍ରତିକ ସମାଜ ଓ ସଭ୍ୟତାର ସୂର୍ଯ୍ୟାସ୍ତ ଅନିବାର୍ଯ୍ୟ । ଏହାକୁ କେହି ପ୍ରତିରୋଧ କରି ପାରେନା, କରି ପାରିବ ନାହିଁ ମଧ୍ୟ ସେହି ଅବଶ୍ୟମ୍ଭାବୀ ଦୁର୍ଦ୍ଦିନ ସନ୍ନିକଟ ।

ଏହି ପରିପ୍ରେକ୍ଷୀରେ ସ୍ମରଣ କରାଯାଇପାରେ ଯେ, ଯାହାର ସୃଷ୍ଟି ଅଛି, ତାର ଧ୍ୱଂସ ମଧ୍ୟ ଅଛି । ଯଦି ଏ ଜଗତର ସୃଷ୍ଟି ସତ୍ୟ, ତେବେ ଏହାର ଧ୍ୱଂସ ମଧ୍ୟ ନିଶ୍ଚିତ ଭାବରେ ସତ୍ୟ । ସୃଷ୍ଟି, ସ୍ଥିତି, ବିଲୟର ରହସ୍ୟକୁ ଉନ୍ମୋଚନ କଲେ ଏହି ଶାଶ୍ୱତ ସତ୍ୟ ସୂକ୍ଷ୍ମଦୃଷ୍ଟିରେ ସ୍ପଷ୍ଟ ଦୃଶ୍ୟମାନ ହୁଏ । ସେହି ନ୍ୟାୟରେ ଜଳ କଣାଟିରୁ ଦୁଇଗୋଟି ଉଦ୍‌ଜାନ ଅଣୁ ଓ ଗୋଟିଏ ଅମ୍ଳଜାନ ଅଣୁ ଅବଶ୍ୟ ମିଳିବ ହିଁ ମିଳିବ । ଏହା ଅନ୍ୟଥା ହେବାର ନୁହେଁ କିମ୍ବା ମିଥ୍ୟା ପ୍ରତିପାଦିତ ହୁଏନା, ହୋଇପାରେନା ।



## ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ

*ମାତୃତ୍ୱ ଏକ ଦିବ୍ୟସୁମନର ସୁରଭି । ଏହି ସୌରଭ ହିଁ ମାତୃତ୍ୱର ସୂକ୍ଷ୍ମସ୍ୱରୂପ । ମାତୃସ୍ୱରୂପର ପ୍ରତୀକ ଯୋଗମାୟା ଦୁର୍ଗାଦେବୀ, କରାଳୀ କାଳି, ବରଦା ଶାରଦା, ଅଭୟା ମହାମାୟା, ବାକ୍‌ଦେବୀ ବୀଣାପାଣୀ, ଶୁଭଦ୍ରା ଜଗଦ୍ଧାତ୍ରୀ, ଯୁଗଶକ୍ତି ଗାୟତ୍ରୀ, ବ୍ରହ୍ମାଣୀ, ସାବିତ୍ରୀ, ମମତାମୟୀ ଉଦ୍ଧାରିକା, ମାତୃସ୍ୱରୂପା ଚଣ୍ଡିକା ଏବଂ ସକଳ ଦେବୀ, ସକଳ ମାନବୀ । ହେ ଦୁର୍ମଦ ମାନବ । ଏହି ମାତୃସ୍ୱରୂପିଣୀ ମାତୃତ୍ୱର ଜୟଗାନ କର, ଆହ୍ୱାନ ଓ ଉପାସନା କର । ମାତୃଜାତି ମୋର, ମାତୃତ୍ୱର ଜାଗୃତି କର, ଉପହାର ଦିଅ, ମାତୃତ୍ୱର ମହତ୍ତ୍ୱ ପ୍ରକଟ ଓ ସ୍ୱରୂପ ପ୍ରକାଶ କର । ଏତାଦୃଶ ଦ୍ୱିପାକ୍ଷିକ ମାନସିକ ବିକାଶରେ ସମାଜର ବିକାଶ ହୋଇଥାଏ । ଏହି ଉଦ୍ଦେଶ୍ୟରେ ପରିବେଶିତ :*

## ମାତୃତ୍ୱର ସ୍ୱରୂପ

ମହାମୂଲ୍ୟ ଦୁର୍ଲଭ ଜୀବନର ଶୋଚନୀୟ ଅପଚୟ ଘଟିଚି ଆଜିର ସମାଜରେ । ଏହି ଅପଚୟ ଜନିତ ବ୍ୟର୍ଥତାକୁ ଦୂର କରିବା ନିମନ୍ତେ ଏକାନ୍ତ ଭାବରେ ସର୍ବାଗ୍ରେ ଆବଶ୍ୟକ ନାରୀପୁରୁଷ ନିର୍ବିଶେଷରେ ପ୍ରତ୍ୟେକଙ୍କର ଉଚିତ ମାର୍ଗରେ ଶିକ୍ଷା ଏବଂ ଦୀକ୍ଷା । ବ୍ୟକ୍ତିଗତ, ଦାମ୍ପତ୍ୟ, ପାରିବାରିକ, ସାମାଜିକ, ଆଧ୍ୟାତ୍ମିକ, ବୌଦ୍ଧିକ, ନୈତିକ ଓ ତ୍ୟାଗପୂତ ପବିତ୍ର ଜୀବନର ଅଙ୍କୁରୋଦ୍ଗମ ହୁଏ ସମୁଚିତ ଦୀକ୍ଷା ଏବଂ ଉଚିତ ଶିକ୍ଷାଦ୍ୱାରା । ବାସ୍ତବ ପବିତ୍ର ଜୀବନଚର୍ଯ୍ୟାରେ ହୀନ କାମନାବାସନାର ମାୟାକୁହୁକ ମୋହାନ୍ଧତାର ପ୍ରହେଳିକା ସୃଷ୍ଟି କରିପାରେ ନାହିଁ । ଜୀବନାୟନ ପ୍ରେୟ ଦିଗରେ ବିସ୍ତୃତ ନହୋଇ, ଅଶ୍ରେୟକୁ ସର୍ବାଦୌ ପରିତ୍ୟାଗ କରି ନୀତିନିଷ୍ଠ ତ୍ୟାଗପୂତ ଶ୍ରେୟ ଦିଗରେ ପ୍ରସାରିତ ହୁଏ, ଦିଗନ୍ତ ବିସ୍ତାରୀ ହୋଇଯାଏ, ଅସୀମ ସନ୍ଧାନରେ ସୀମାହୀନ ହୋଇ ଶାଶ୍ୱତ ସନାତନ ହୋଇଯାଏ ଜୀବ । ବଦ୍ଧଜୀବ ସେହି ମହାର୍ଘ୍ୟ ଧନ ଲାଭ କରି ଦୀନ ହେଲେ ବି ଦୈନ୍ୟ ବା ଦରିଦ୍ରତା ତାକୁ ଲେଶ ମାତ୍ର ସ୍ପର୍ଶ ସୁଦ୍ଧା କରେନା, କରିପାରେନା । ସ୍ୱବୈଶିଷ୍ଟ୍ୟାନୁପାତିକ ସେବା, ତ୍ୟାଗ, ଦାନ ଧର୍ମ, ନିଷ୍ଠା, ଶୁଶ୍ରୂଷା, ସାହାଯ୍ୟ, ସହଯୋଗ, ସହାନୁଭୂତି, ସଂରକ୍ଷଣ, ପରିଚର୍ଯ୍ୟା, ଅତିଥି ପରାୟଣତା, ଚରିତ୍ରବତ୍ତା, ପ୍ରେରଣା, ଉତ୍ସାହ, ସ୍ନେହମମତା, ପ୍ରେମପ୍ରୀତିର ସାତତ୍ୟ ଉତ୍ସ ଜୀବର ଅନ୍ତଃକରଣରେ ପୁଞ୍ଜୀଭୂତ ହୋଇ ଅମୂଲ୍ୟ ମାନବ ଜୀବନକୁ ସଫଳ, ସାର୍ଥକ କରିତୋଳେ ନାରୀପୁରୁଷ ନିର୍ବିଶେଷରେ ।

'ହା-ହତୋଽସ୍ମି'ର ବିକଳ ଚିତ୍କାର ବିଶ୍ୱର ବାୟୁମଣ୍ଡଳକୁ ଆଜି ପ୍ରଦୂଷଣ କରି ତୋଳିଛି । ଦାମ୍ପତ୍ୟ ଜୀବନର ନିବିଡ଼ ପ୍ରେମାନୁରାଗ ଓ ପ୍ରଗାଢ଼ ବିଶ୍ୱାସ ଶତଧା ଚୂର୍ଣ୍ଣବିଚୂର୍ଣ୍ଣ । ପରିବାର ପରିବାର ମଧ୍ୟରେ ଅଶାନ୍ତିର ନିଆଁ ସତତ ଜୁହୁଳି ଉଠୁଛି । ସେହି କୁହେଳିକାରେ ଅନ୍ଧୀଭୂତ ନବଜାତକ ସନ୍ତାନସନ୍ତତିଗଣ ଯଥାର୍ଥ ସ୍ନେହସରାଗର ଅଭାବରୁ ଆଜନ୍ମରୁ କଠୋର-ହୃଦୟ ହୋଇ ସମାଜରେ ଅସାମାଜିକ ଓ ଅପାଙ୍‌କ୍ତେୟ ଜୀବନଯାପନ କରି ନିଜ

ନିଜକୁ ହେୟ, ଘୃଣ୍ୟ, ଅନାବଶ୍ୟକ ମନେ କରୁଛନ୍ତି । ସତେ ଯେପରି ସମଗ୍ର ମାନବ ସମାଜକୁ ଆଜି ଏତାଦୃଶ ବ୍ୟର୍ଥତାର ଦୀର୍ଘଶ୍ୱାସ ଏବଂ ଅବିଶ୍ୱାସର ବଳୟ ଆବୃତ୍ତ କରି ରଖିଛି । ସକଳ ଭୌତିକ ସମ୍ପତ୍ତି ଓ ପ୍ରତିପତ୍ତି ସତ୍ତ୍ୱେ ବ୍ୟକ୍ତି, ଦମ୍ପତି, ପରିବାର, ସମାଜ, ରାଷ୍ଟ୍ର ଏବଂ ସମଗ୍ର ବିଶ୍ୱ ଅଶାନ୍ତି, ନିରାନନ୍ଦ, ଅସୁଖର ତ୍ରିତାପରେ ସର୍ବଦା ଓ ସର୍ବଥା ଦଗ୍ଧୀଭୂତ । ହାହତାଶା ମଧ୍ୟରେ ଜୀବନ ଦୁର୍ବିସହ ହୋଇ ଉଠୁଛି । ଅନ୍ତରର ନିଭୃତ କୋଣରେ ଲହୁ ଢାଳି କାନ୍ଦୁଥିବା ଅସହାୟ ଜୀବଟିକୁ ନିରେଖି ଦେଖ, ସେ ହସୁଛି, ହସିବାର ଅଭିନୟ କରୁଛି ମାତ୍ର କି ବ୍ୟର୍ଥ ପ୍ରୟାସ । ଆଖିଲୁହକୁ ସିନା ସେ ଲୋକଚକ୍ଷୁରେ ସମ୍ବରଣ କରିପାରିଛି, ମାତ୍ର ସତରେ କଣ ତା ହୃଦୟରୁ ଯେଉଁ ଲୁହ ଧାରଧାର ଅନବରତ ନିଶିଦିନ ଝରୁଛି, ତାକୁ କଣ ସେ ସମ୍ବରଣ କରିପାରିଛି ନା ପାରୁଛି ? ଆଜିର ସାମାଜିକ, ପାରିବାରିକ, ଦାମ୍ପତ୍ୟ ଓ ବ୍ୟଷ୍ଟିଜୀବନର ଏହାହିଁ ଏକମାତ୍ର ସତ୍ୟ ଚିତ୍ର । ଏହି ଚିତ୍ରପଟରେ ଭରି ରହିଛି ଖେଦ, ଦୁଃଖ, ଶୋକ, ଅନୁତାପ, ପଶ୍ଚାତାପ, ହେୟଜ୍ଞାନ, ନ୍ୟୁନତାବୋଧର ବିବର୍ଣ୍ଣ ବର୍ଣ୍ଣବିଭାସ । ଛଳନାର ଅଭିନୟରେ ସଂସାର ରଙ୍ଗମଞ୍ଚ ଆଜି ଅନ୍ଧକାରମୟ । ମିଥ୍ୟା କପଟାଚାର ଓ କୁତ୍ସାର ବନ୍ୟାରାଗିଣୀରେ ଜୀବନ ସଂଗୀତ ଆଜି ସ୍ୱରହରା, ବେସୁରା ରାଗିଣୀରେ କଣ୍ଟକିତ । ସୌରଭ ନାହିଁ, ରଙ୍ଗ, ରସ ନାହିଁ, ନାହିଁ ହସ, ପରିପାଟୀ ବା ମାଦକତା ।

ପୁଞ୍ଜୀଭୂତ ଅଶାନ୍ତି ଅସନ୍ତୋଷର ଶିକାର ହୋଇଥିବା ଦେଶରେ ନିଃସହାୟ ଭଳି ଦଣ୍ଡାୟମାନ ଆଜିର ସ୍ଥାଣୁ ସମାଜକୁ ଅବଶ୍ୟମ୍ଭାବୀ ଧ୍ୱଂସମୁଖରୁ ରକ୍ଷା କରିବାର ଏକମାତ୍ର ଉପାୟ ହେଉଛି ମାତୃତ୍ୱର ସ୍ୱରୂପ ପ୍ରକଟ । ସଫଳ ଏବଂ ସାର୍ଥକ ମାତୃତ୍ୱର ଯଥାର୍ଥ ସ୍ୱରୂପ ଚିନ୍ତନ, ଧ୍ୟାନ, ଅନୁଶୀଳନ, ଆଚରଣ, ଉଚ୍ଚାରଣ, ସ୍ମରଣ ଏବଂ ଗ୍ରହଣ ଦ୍ୱାରା ହିଁ ହୃତଗୌରବ, ଅପହୃତ ସୁଖଶାନ୍ତି, ବିସ୍ମୃତ ଜୀବନଚର୍ଯ୍ୟା ଏବଂ ବିଗତ ଆନନ୍ଦର ଅବଶ୍ୟ ପୁନରୁଦ୍ଧାର ସମ୍ଭବ ହେବ ହିଁ ହେବ । ଏତଦ୍ ବ୍ୟତୀତ ଅନ୍ୟ ଉପାୟ ନାହିଁ : 'ନାନ୍ୟମ୍ ପନ୍ଥା ବିଦ୍ୟତେ ଅୟନା' । କନ୍ୟା, ଭଗିନୀ, ଜାୟା, ଜନନୀ, ଗୃହିଣୀ ଇତ୍ୟାଦି ବିଭିନ୍ନ ଭୂମିକାରେ ସେହି ଏକ ମାତୃସ୍ୱରୂପ ହିଁ ଜୀବନ ନାଟକର ବିଭିନ୍ନ ଅଙ୍କ ଏବଂ ଭିନ୍ନଭିନ୍ନ ଦୃଶ୍ୟରେ ବ୍ୟକ୍ତିଗତ, ଦାମ୍ପତ୍ୟ, ପାରିବାରିକ, ସାମାଜିକ, ଆଧ୍ୟାତ୍ମିକ, ନୈତିକ, ପରମାର୍ଥିକ, ବୌଦ୍ଧିକ, ରାଷ୍ଟ୍ରୀୟ ତଥା ବିଶ୍ୱର ପଟ୍ଟଭୂମିରେ ନାନାଦି ଅଭିନୟ କରିଚାଲିଛି । ନାରୀ ଜୀବନ ପୁସ୍ତକର ବିଭିନ୍ନ ଅଧ୍ୟାୟରେ ଭିନ୍ନ ଭିନ୍ନ ତତ୍ତ୍ୱ, ତଥ୍ୟ, ଜ୍ଞାନ, ମୀମାଂସା ଇତ୍ୟାଦି ଅତି ଯତ୍ନର ସହିତ ସଂରକ୍ଷିତ ହୋଇରହିଛି । ମାତୃତ୍ୱର ସ୍ୱରୂପକୁ ମନନ, ଚିନ୍ତନ ଓ ସ୍ମରଣ କାଳରେ ସେ ସକଳ ନିଗମ ତଥ୍ୟ ଓ ତତ୍ତ୍ୱର ନିର୍ଭୁଲ ତର୍ଜମା ଏବଂ ଅନୁଶୀଳନ ଅବଶ୍ୟ କର୍ତ୍ତବ୍ୟ । ଏହି ତଥ୍ୟ ଓ ତତ୍ତ୍ୱର ଯଥାର୍ଥ ବିନିଯୋଗ ବାସ୍ତବ ଜୀବନଚର୍ଯ୍ୟାରେ ରୂପପରିଗ୍ରହ କଲେ ଅକାଳରେ ଅସ୍ୱାଭାବିକ ମୃତ୍ୟୁର କରାଳ ମୁଖରୁ ରକ୍ଷା ମିଳିବ, ଏଥିରେ ସନ୍ଦେହ କି ଦ୍ୱିମତ ମଧ୍ୟ ନାହିଁ ।

ରୁଗ୍ଣ ସମାଜକୁ ଆରୋଗ୍ୟ କରି ପୁନର୍ଜୀବନ ଦେବା ନିମନ୍ତେ ମୃତସଂଜୀବନୀ ସୁଧା ପରିପୂର୍ଣ୍ଣ ହୋଇ ରହିଛି ପବିତ୍ର ମାତୃତ୍ୱର ସ୍ୱରୂପରେ । ଏହି ପବିତ୍ରତା ରକ୍ଷା କରିବା ସମାଜର ଦାୟିତ୍ୱ । ସମାଜରେ, ପରିବାରରେ, ଦାମ୍ପତ୍ୟ ଜୀବନରେ, ରାଷ୍ଟ୍ରରେ ଏବଂ ବିଶ୍ୱରେ ପ୍ରତ୍ୟେକେ ଏହି ଦାୟିତ୍ୱର ଗୁରୁତ୍ୱ ଉପଲବ୍ଧି କରି ସର୍ବକ୍ଷଣରେ ସର୍ବସ୍ଥାନରେ, ସକଳ ଅବସ୍ଥା ଓ ପରିସ୍ଥିତିରେ ନିଷ୍ଠା ତ୍ୟାଗ ଏବଂ ଆନ୍ତରିକତାର ସହିତ ମାତୃସ୍ୱରୂପର ପବିତ୍ରତା ରକ୍ଷା କରିବା ସର୍ବାଦୌ ବାଞ୍ଛନୀୟ । ଏହା ବାଞ୍ଛନୀୟ-ବ୍ୟକ୍ତି ତଥା ବିଶ୍ୱର କଲ୍ୟାଣ ନିମନ୍ତେ । ବୃକ୍ଷର ରକ୍ଷଣାବେକ୍ଷଣ କଲେ ପରିବେଶ ପ୍ରଦୂଷଣରୁ ମୁକ୍ତି, ଆହାର ନିମନ୍ତେ ଫଳ, ଗୃହ ନିର୍ମାଣର ଉପକରଣ ମିଳେ, ପଥଶ୍ରାନ୍ତ କ୍ଳାନ୍ତ ପଥିକ ଛାୟା ଲାଭକରେ, ରୋଗ ପ୍ରାଦୁର୍ଭାବରୁ ରକ୍ଷା ପାଇବା ପାଇଁ ଔଷଧ, ଶିକ୍ଷା ସଂସ୍କୃତିର ବିକାଶ ନିମନ୍ତେ କାଗଜ ଭଳି କେତେ ଉପକାରୀ ପଦାର୍ଥ ବୃକ୍ଷରୁ ମିଳିଥାଏ । ସେହିପରି ମାନବଜୀବନର ସଫଳ ରୂପାୟନ ନିମନ୍ତେ ମାତୃସ୍ୱରୂପରୁ ସ୍ନେହ, ଶ୍ରଦ୍ଧା, ମମତା, ପ୍ରେମ, ପ୍ରୀତି, ଉତ୍ସାହ, ପ୍ରେରଣା, ଅନୁରାଗ, ସେବାପରିଚର୍ଯ୍ୟା,

ସାହାଯ୍ୟସହଯୋଗ, ସହାନୁଭୂତି ଇତ୍ୟାଦି ଯାବତୀୟ ସ୍ୱର୍ଗୀୟ ଗୁଣାବଳୀ ମିଳିଥାଏ । ମାତୃସ୍ୱରୂପ ହିଁ ସେଗୁଡ଼ିକର ଉତ୍ସସ୍ୱରୂପ ।

ଷଡ଼ୈଶ୍ୱର୍ଯ୍ୟ (ପ୍ରଭୁତ୍ୱ, ପରାକ୍ରମ, ଯଶଃ, ସଂପଦ, ଜ୍ଞାନ ଏବଂ ବୈରାଗ୍ୟ)ର ଅଧିକାରୀ ହେବାର ଯୋଗ୍ୟତା ରହିଛି ଏହି ଦୁର୍ଲଭ ମାନବର । କିନ୍ତୁ ଐ ଷଡ଼ବିଧ ସାଂସାରିକ କାମ୍ୟବସ୍ତୁର ପ୍ରାପ୍ତି ନିମନ୍ତେ କେବଳ ମାତୃତ୍ୱର ସ୍ୱରୂପକୁ ଧ୍ୟାନ ଓ ସଂରକ୍ଷଣ କରିବାରେ ଜୀବନର ସାର୍ଥକତା ପର୍ଯ୍ୟବସିତ ନୁହେଁ । ସାଂସାରିକ କାମ୍ୟର ଊର୍ଦ୍ଧ୍ୱରେ ଆଧ୍ୟାତ୍ମିକ ଉନ୍ନତି, ଆତ୍ମୋନ୍ନତି ଓ ଈଶ୍ୱରୋପଲବ୍ଧି ବିଦ୍ୟମାନ । ଶାଶ୍ୱତ, ଚିରନ୍ତନ, ସନାତନର ସନ୍ଧାନ ନମନ୍ତେ ମାତୃସ୍ୱରୂପର ଆରାଧନା ଏକାନ୍ତ ଆବଶ୍ୟକ । ମନେ ରଖିବାକୁ ହେବ ଯେ, ସର୍ବୋପରି ମାତୃଜାତିର ଏକ ସ୍ୱବୈଶିଷ୍ଟ୍ୟ ରହିଛି । ଏହି ବୈଶିଷ୍ଟ୍ୟ ସମଗ୍ର ବିଶ୍ୱରେ ମାତା ବ୍ୟତୀତ ଅନ୍ୟ କେଉଁଠି ବା କାହାଠାରେ ନାହିଁ । ତାହାହିଁ ତାଙ୍କର ପ୍ରଜନନ ସାମର୍ଥ୍ୟ । ସାରା ବିଶ୍ୱରେ ଯେ କୌଣସି ପ୍ରାଣୀ ଧରାପୃଷ୍ଠରେ ଅବତରଣ କରିବା ନିମନ୍ତେ ମାତୃଜରାୟୁର ଆଶ୍ରୟ ଲୋଡ଼ିଥାଏ । ଜନନୀ, ଜଠର, ଜରାୟୁର ମହତ୍ତ୍ୱରେ ମାତୃତ୍ୱସ୍ୱରୂପ ଗରୀୟସୀ । ମାତୃଜାତିର ଉପାସନା ଏବଂ ମାତୃସ୍ୱରୂପର ଆରାଧନା ବଳରେ ଜୀବ ଜଣେ ସାର୍ଥକ ଜନନୀର ଜଠରସ୍ଥ ଜରାୟୁରେ ବିନ୍ଦୁରୂପରେ ସର୍ବପ୍ରଥମେ ସ୍ଥାପିତ ହୋଇଥାଏ । କାଳକ୍ରମେ ସେ ଭ୍ରୁଣରେ ପରିଣତ ହୁଏ ସେହି ଜରାୟୁର ଦିବ୍ୟଧାମରେ । ଅଙ୍ଗସୌଷ୍ଠବ ଲାଭକରି ଯଥାକାଳରେ ସେ ଜରାୟୁର ବନ୍ଧନରୁ ମୁକ୍ତି ଲାଭ କରି ବିଶ୍ୱର ଆଲୋକ ଦର୍ଶନକରେ । ମାତୃକୋଳରେ ସେ ଲାଳିତପାଳିତ ହୋଇ ମାତୃକ୍ଷୀର ପାନ କରି ପରିପୁଷ୍ଟ ହୁଏ । ଅସହାୟ ଶିଶୁଟିର ଏକମାତ୍ର ସହାୟ ଜନନୀ । ତେଣୁ ଜନନୀ ହିଁ ଜଗଦ୍ଧାତ୍ରୀ, ଦେବୀ, ଉପାସ୍ୟା । ସେ ହିଁ ତ୍ରାଣକର୍ତ୍ତାରୂପିଣୀ ହେଉ, ଜନନୀ ହେଉ, ଯାହା ବି ହେଉନା କାହିଁକି ସ୍ଥାନକାଳ ପାତ୍ର ବୟସ ନିର୍ବିଶେଷରେ ସେ ହିଁ ପ୍ରକୃତରେ ମାତୃତ୍ୱର ସ୍ୱରୂପ । ମାତୃସ୍ୱରୂପା ଦିବ୍ୟ ଦେବୀମୂର୍ତ୍ତିର ସନ୍ଧାନ ବୟସ ନିର୍ବିଶେଷରେ ପ୍ରତିଟି ନାରୀ ମଧ୍ୟରେ ଦର୍ଶନ କରିବା ହିଁ ଆଜିର ସାଧନା ହେଉ ସଂପ୍ରତି ବିଶ୍ୱମାନବ ସମାଜକୁ କାଳର କରାଳ ଧ୍ୱଂସ ମୁଖରୁ ରକ୍ଷା କରିବା ନିମିତ୍ତ ॥

▲▼▲

ଲେଖା ଲୟ କରି ଦିନ ଯାଉ ।
ଲାଖ ବିନ୍ଧା ଲକ୍ଷ୍ୟ ବଞ୍ଚି ରହୁ ॥

'ଚରମ' ଗାଭୀର ଗୋଟିଏ ଚୀର ।
ତା'କୁ ଦୋହୁଁଛନ୍ତି ଦେବତା ନର ॥

# ବାଲ୍ୟକାଳୁ ଧର୍ମ ଧନ ସଞ୍ଚିବି

*ଆସ, ଆସରେ ପିଲାଏ, ଧୀରସ୍ଥିର ହୋଇ ସାଥୀ ହୋଇବସ । ଆଜି ତମକୁ ଭଲ କଥାଟିଏ କହିବି । ମନ ଦେଇ ଶୁଣିବ, ମୂଳରୁ ଶେଷ ପର୍ଯ୍ୟନ୍ତ ଟିକିନିଖି ମନେ ରଖିବ । ସମୟ ସୁବିଧା ପାଇଲେ ଅନ୍ୟମାନଙ୍କୁ କହି ଶୁଣାଇବ । ଏ କଥାରୁ ଯାହା ଶିଖିବ, ସେହି ଅନୁସାରେ ଜୀବନଯାକ କାମ କରିଚାଲିବ । ଦେଖିବ, ସତରେ ତମର କିଛି ଅଭାବ ଅସୁବିଧା ହେବ ନାହିଁ । ସଭିଏଁ ତମକୁ ବିଶ୍ୱାସ, ଆଦର କରିବେ ଏବଂ ଆପଣାର ଲୋକ ବୋଲି ମନେ କରିବେ । ତେବେ ମଣିଷ ପରି ମଣିଷଟିଏ ହୋଇ ବଞ୍ଚିପାରିବ ।।*

## ବିଶ୍ୱାସ

ଆମ ଦେଶ ଭାରତର କୌଣସି ଏକ ଗାଁରେ ପିଲାଟିଏ ତା'ର ବାପାମା'ଙ୍କ ସହିତ ରହୁଥିଲା । ନାଁ ତାର କୃପାସିନ୍ଧୁ । ବାପାମା'ଙ୍କର ସେ ଏକମାତ୍ର ସନ୍ତାନ, ଗରିବ ପରିବାର । ଦିନେ ଜଣେ ବାବାଜୀ ତାଙ୍କ ଘରେ ରାତିକ ପାଇଁ ଅତିଥି ହେଲେ । ତା ପରଦିନ ସେ କୃପାସିନ୍ଧୁକୁ ନିଜ ସାଂଗରେ ନେଇ ଯିବା ପାଇଁ ପ୍ରସ୍ତାବ ଦେଲେ । କୃପାସିନ୍ଧୁର ବାପାମାଆ ମଧ୍ୟ ବାବାଜୀଙ୍କର ପ୍ରସ୍ତାବରେ ରାଜି ହୋଇଗଲେ । ସର୍ତ୍ତ ରହିଲା ଯେ, ବର୍ଷରେ ଥରେ ସପ୍ତାହକ ପାଇଁ ବାବାଜୀ କୃପାସିନ୍ଧୁକୁ ଧରି ତାଙ୍କ ଘରକୁ ଆସିବେ ।

ସାତବର୍ଷ ବୟସରୁ କୃପାସିନ୍ଧୁ ବାବାଜୀଙ୍କ ପାଖରେ ତାଙ୍କ ହିମାଳୟ ଆଶ୍ରମରେ ରହିଲା । ସେଠାରେ ଅନେକ ଛୋଟବଡ଼ ଶିଷ୍ୟ ଥାଆନ୍ତି । ବାବାଜୀ କ୍ରମଶଃ କୃପାସିନ୍ଧୁର ପଢ଼ାପଢ଼ି ବ୍ୟବସ୍ଥା କରିବା ସହିତ ଯୋଗଧ୍ୟାନ ମଧ୍ୟ ଶିକ୍ଷା ଦେଉଥାଆନ୍ତି । ପ୍ରତିବର୍ଷ ସପ୍ତାହକ ପାଇଁ ତାକୁ ନେଇ ଗାଁକୁ ଯାଇ ବାପାମା'ଙ୍କ ଦର୍ଶନ କରାଇ ଆଣନ୍ତି । ଏ ମଧ୍ୟରେ ପନ୍ଦର ବର୍ଷ ବିତିଗଲାଣି । କୃପାସିନ୍ଧୁ ବାବାଜୀଙ୍କ ଠାରୁ ଦୀକ୍ଷାଗ୍ରହଣ କରିସାରିଲାଣି । ଏବେ ତାର ଦୀକ୍ଷାନାମ କୃପାନନ୍ଦ । ଆଶ୍ରମରେ ଯୁବ ସନ୍ନ୍ୟାସୀ କୃପାନନ୍ଦର ସ୍ଥାନ ସ୍ୱତନ୍ତ୍ର । କୃପାନନ୍ଦର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଶ୍ରମ ପରିଚାଳିତ । ବାବାଜୀ କୃପାନନ୍ଦକୁ ଯଥେଷ୍ଟ ଗୁରୁତ୍ୱ ଦେଇ ବିଶ୍ୱାସ କରନ୍ତି । ଆଶ୍ରମବାସୀ ସକଳେ କୃପାନନ୍ଦକୁ ପ୍ରଗାଢ଼ ବିଶ୍ୱାସ କରନ୍ତି । କୃପାନନ୍ଦ ମଧ୍ୟ ବାବାଜୀ ତଥା ଅନ୍ୟ ସମସ୍ତଙ୍କୁ ସହୃଦୟତାର ସହିତ ବିଶ୍ୱାସ କରନ୍ତି । ଦିନ ଏହିପରି ଗଡ଼ିଚାଲିଥାଏ ।

ହଠାତ୍ ଦିନେ ଆଶ୍ରମରେ ବାର୍ତ୍ତାଟିଏ ପହଞ୍ଚିଲା । କୃପାସିନ୍ଧୁର ବାପାଙ୍କ ଦେହ ଭୀଷଣ ଅସୁସ୍ଥ । ତାକୁ ଘରକୁ ପଠାଇଦିଅ । ବାବାଜୀ କୃପାସିନ୍ଧୁକୁ ପାଖକୁ ଡାକି ସବୁକଥା ବୁଝାଇ କିଛି ଟଙ୍କା ଦେଇ ଘରକୁ ମାସକ ପାଇଁ ପଠାଇଦେଲେ । ମାସକ ପରେ ଆଶ୍ରମକୁ ଫେରିଆସିବାକୁ ବାରମ୍ବାର କହିଲେ । କୃପାସିନ୍ଧୁ ଗୁରୁଜୀଙ୍କର ପାଦ ଛୁଇଁ ହଁ ଭରି ଘରକୁ ଫେରିଲା । ଘରେ ପହଞ୍ଚି ବୃଦ୍ଧ ଓ ରୁଗ୍ଣ ବାପାଙ୍କର ଚିକିତ୍ସା ନିମନ୍ତେ ସବୁ ବ୍ୟବସ୍ଥା ମଧ୍ୟ କଲା । ମାତ୍ର ବିଧିରବିଧାନ ସ୍ୱତନ୍ତ୍ର । ବାପା ଚିରଦିନପାଇଁ ଆଖି ବୁଜିଲେ । ଦଶାହ କ୍ରିୟାପରେ କୃପାସିନ୍ଧୁ ଆଶ୍ରମକୁ ବାହୁଡ଼ି ଯିବାକୁ ବସିଲା । ବିଧବା ବୁଢ଼ୀ ମା ଏବଂ ସାଇପଡ଼ିଶା ବନ୍ଧୁବାନ୍ଧବ କୃପାସିନ୍ଧୁକୁ ବାରଣ କରି ଆଉ କିଛିଦିନ ଘରେ ରହି ମା'ର ସମସ୍ତ ବ୍ୟବସ୍ଥା କରିଯିବା ପାଇଁ ଅନୁରୋଧ କଲେ । ସେମାନଙ୍କର କଥାରେ ବିଶ୍ୱାସ କରି ବାଧ୍ୟ ଶିଶୁଟିଏ ଭଳି କୃପାସିନ୍ଧୁ ରହିଗଲା ।

ରହିଗଲା ସିନା, ହେଲେ ମନ ତାର ସବୁବେଳେ ଉଡ଼ିଯାଉଥାଏ ହିମାଳୟର ସେହି ଆଶ୍ରମକୁ । ଆଶ୍ରମ ପରିବେଶର ଆକର୍ଷଣ ସେ ପାଶୋରି ପାରୁନଥାଏ । ଗୁରୁଜୀଙ୍କ କଥା ସବୁବେଳେ ମନେ ପଡୁଥାଏ । ମା'ଙ୍କ ଜିଦିରୁ ପଡ଼ୋଶୀ ବ୍ୟବସାୟୀଙ୍କର ଏକମାତ୍ର ଅଲିଅଳୀ କନ୍ୟା ସହିତ କୃପାସିନ୍ଧୁର ବିବାହ ହୋଇଗଲା । ସନ୍ନ୍ୟାସୀ କୃପାନନ୍ଦ ଏଣେ ଜଣେ ପକ୍କା ଗୃହସ୍ଥରେ ପରିଣତ ହୋଇଗଲେଣି । ବିଧବା ମା'ଙ୍କର ମୃତ୍ୟୁପରେ ପରେ ଶାଶୁଶ୍ୱଶୁରଙ୍କର ମଧ୍ୟ ସ୍ୱର୍ଗାରୋହଣ ହୋଇଗଲାଣି ।

କୃପାସିନ୍ଧୁ ଶ୍ୱଶୁରଙ୍କର ସମସ୍ତ ସମ୍ପତ୍ତି ଓ ବ୍ୟବସାୟର ଏକମାତ୍ର ଉତ୍ତରାଧିକାରୀ ହୋଇ ବ୍ୟବସାୟ ବୁଝାବୁଝି କରୁଥାନ୍ତି । ସମସ୍ତଙ୍କୁ ନିବିଡ଼ ଭାବରେ ଭଲ ପାଆନ୍ତି, ପ୍ରଗାଢ଼ ବିଶ୍ୱାସ କରନ୍ତି ମଧ୍ୟ । ଭଲମନ୍ଦରେ ଅକୁଣ୍ଠିତ ଭାବରେ ହାତଖୋଲା ସାହାଯ୍ୟ ସହାନୁଭୂତି କରନ୍ତି । ପାଖ ପଡ଼ିଶା ସମସ୍ତେ କୃପାସିନ୍ଧୁ ଓ ତାର ପତ୍ନୀ ରାଗିଣୀକୁ ଅନ୍ତର ଦେଇ ଭଲପାଆନ୍ତି । ଏଣେ ଧୀରେ ଧୀରେ କୃପାସିନ୍ଧୁର ହିମାଳୟ ବାବାଜୀ ଓ ତାଙ୍କ ଆଶ୍ରମର ସ୍ମୃତି ମନରୁ ଝାପ୍‌ସାହୋଇ ଆସିଲାଣି । କୃପାସିନ୍ଧୁ ଏବେ ଜଣେ ପୋଖତ ସଂସାରୀ, ଗୃହସ୍ଥ । ବ୍ୟବସାୟର ଖବରଅନ୍ତର ହିସାବପତ୍ର ଭଲମନ୍ଦ ବୁଝିବାପାଇଁ ଜଣେ ବିଶ୍ୱାସୀ ଯୁବକକୁ ରଖିଛନ୍ତି । ସେହି ଯୁବ କର୍ମଚାରୀଙ୍କୁ କୃପାସିନ୍ଧୁ ନିଜ ମାଆ ପେଟର ଭାଇପରି ପ୍ରଗାଢ଼ ବିଶ୍ୱାସ କରନ୍ତି ।

ଦିନ ପରେ ଦିନ ବିତିଯାଉଥାଏ ସୁଖରେ । ଏ ମଧ୍ୟରେ କୃପାସିନ୍ଧୁର ଦୁଇପୁଅ ହୋଇସାରିଛନ୍ତି । ସେମାନେ ମଧ୍ୟ ବଡ଼ ହୋଇ ପାଠଶାଠ ପଢ଼ିଲେଣି । ଏପରି ସୁଖ ସଂସାରରେ ହଠାତ୍ ଦିନେ ଅକାଳ ଝଡ଼ ବତାସ ଦେଖାଦେଲା । କୃପାସିନ୍ଧୁର ବିଶ୍ୱାସୀ ଯୁବକର୍ମଚାରୀ ଜଣକ ବିଶ୍ୱାସରେ ବିଷଦେଇ ବହୁ ଟଙ୍କା ପଇସା, ଆୟଅଳଙ୍କାର ନେଇ ଚମ୍ପଟ ଦେଲା । ବିଶ୍ୱାସୀ କର୍ମଚାରୀର ଏପରି ବିଶ୍ୱାସଘାତକତାର ଆଘାତ କୃପାସିନ୍ଧୁ ସହି ପାରିଲେ ନାହିଁ । ସେ କେବେ ବି ସ୍ୱପ୍ନରେ କଳ୍ପନା କରିନଥିଲେ ଯେ, ସଂସାରରେ ଅବିଶ୍ୱାସୀ ଓ ବିଶ୍ୱାସଘାତକ ଅଛନ୍ତି ବୋଲି । କାରଣ ସେ କଦାପି କାହାକୁ ଅବିଶ୍ୱାସ କରୁନଥିଲେ ବା ଅନ୍ୟପ୍ରତି କେବେ ମଧ୍ୟ ବିଶ୍ୱାସଘାତକତା କରିନଥିଲେ । ଏହି ଆଘାତର ଧକ୍କାରେ କୃପାସିନ୍ଧୁ ଅନ୍ନଜଳ ନ ଛୁଇଁ ମୃତପ୍ରାୟ ଶଯ୍ୟାଶାୟୀ ହୋଇଗଲେ । ଦିନକୁଦିନ ତାଙ୍କର ଶାରୀରିକ ଓ ମାନସିକ ଅବସ୍ଥା ସଙ୍ଗୀନ୍ ହେବାକୁ ଲାଗିଲା । ଯିଏ ଯେତେ ବୁଝାଶୁଝା କଲେ ମଧ୍ୟ ସେ ବୋଧ ହେଲେ ନାହିଁ । ପାଗଳ ପ୍ରାୟ ପ୍ରଳାପ କରିବାକୁ ଲାଗିଲେ । ସ୍ତ୍ରୀ ରାଗିଣୀ ଏବଂ ଦୁଇପୁଅ ନୟନ ଓ ବିବେକ ଯେତେ ବୁଝାଇଲେ ସବୁ ବୃଥା ହେଲା ।

ଅକସ୍ମାତ୍ ଦିନେ ଜଣେ ସନ୍ନ୍ୟାସୀ କୃପାସିନ୍ଧୁଙ୍କ ଘରେ ଅତିଥି ହେଲେ । ରାଗିଣୀଦେବୀ ତାଙ୍କର ସମସ୍ତ ପରିଚର୍ଯ୍ୟା କଲେ । ସାଧୁ ସତ୍କାରରେ ସନ୍ତୁଷ୍ଟ ହେଲେ । ରାଗିଣୀଙ୍କ ଠାରୁ କୃପାସିନ୍ଧୁଙ୍କ ଅବସ୍ଥା ସମ୍ବନ୍ଧରେ ଶୁଣି ସନ୍ନ୍ୟାସୀ ଦୁଃଖ ପ୍ରକାଶ କରି ଏହାର ପ୍ରତିକାର କରିବାପାଇଁ ତାଙ୍କ ପରିବାରରେ କିଛିଦିନ ରହିଯିବାକୁ ଇଚ୍ଛା ପ୍ରକାଶ କଲେ । ରାଗିଣୀ, ନୟନ ଓ ବିବେକ ଏଥିରେ ଆନନ୍ଦ ପ୍ରକାଶ କରି ସାଧୁଙ୍କ ପ୍ରସ୍ତାବକୁ ସ୍ୱୀକାର କଲେ । ସାଧୁଙ୍କର ପ୍ରତିଦିନର କାମ ହେଲା ସକାଳେସଞ୍ଜେ ନିଭୃତ କୋଠରୀରେ କୃପାସିନ୍ଧୁଙ୍କ ସହିତ ଆଳାପ ଆଲୋଚନା କରିବା ଓ ତାଙ୍କର ପୂର୍ବସ୍ମୃତି ସେହି ହିମାଳୟ ବାବାଜୀଙ୍କର ଆଶ୍ରମର ଚିତ୍ର ତୋଳି ଧରିବା । ଏହିପରି କିଛିଦିନ ପରେ କୃପାସିନ୍ଧୁ ନିଜକୁ ଖୋଜି ପାଇଲେ ଯେ, ସେ ପ୍ରକୃତରେ କୃପାସିନ୍ଧୁ ନୁହନ୍ତି, ସେ ହେଉଛନ୍ତି କୃପାନନ୍ଦ । ହିମାଳୟ ବାବାଜୀଙ୍କର ସେ ପ୍ରିୟଶିଷ୍ୟ । ବାବାଜୀଙ୍କ ପରେ ହିଁ ଆଶ୍ରମର ପ୍ରକୃତ ତତ୍ତ୍ୱାବଧାରକ, ବାବାଜୀ ତାଙ୍କୁ ତାଙ୍କର ଉତ୍ତରାଧିକାରୀ ଭାବରେ ମନୋନୀତ କରିଛନ୍ତି ଓ ଏହି ସନ୍ନ୍ୟାସୀଙ୍କୁ କୃପାନନ୍ଦଙ୍କ ନିକଟକୁ ପଠାଇଛନ୍ତି ।

ସପ୍ତାହକ ପରେ ଦିନେ ସନ୍ଧ୍ୟାରେ କୃପାସିନ୍ଧୁ ସ୍ତ୍ରୀ ରାଗିଣୀ ଏବଂ ଦୁଇପୁଅ ନୟନ ଓ ବିବେକକୁ ପାଖକୁ ଡାକି ସନ୍ନ୍ୟାସୀଙ୍କ ଉପସ୍ଥିତିରେ ନିଜର ନିଷ୍ପତ୍ତି ଜଣାଇଦେଲେ । ସେ କହିଲେ ଯେ, ଆସନ୍ତାକାଲି ସୂର୍ଯ୍ୟୋଦୟ ପୂର୍ବରୁ ସେ ସନ୍ନ୍ୟାସୀଙ୍କ ସହିତ ସବୁଦିନପାଇଁ ହିମାଳୟର ଆଶ୍ରମକୁ ତାଙ୍କ ଗୁରୁଜୀ ଅଭୟାନନ୍ଦଙ୍କ ଚରଣତଳକୁ ଫେରିଯିବେ । ଏହାହିଁ ତାଙ୍କର ଶେଷ ନିଷ୍ପତ୍ତି । ଏଥିରେ ବାଧା ଦେଲେ ସେ ଜୀବନ ହରାଇ ଦେବେ ।

ରାଗିଣୀ ଦେବୀ ଓ ନୟନ ଏବଂ ବିବେକ କୃପାନନ୍ଦଙ୍କ ନିଷ୍ପତ୍ତି ଗ୍ରହଣ କରିନେଲେ । ସେମାନେ ହସି ହସି ସନ୍ନ୍ୟାସୀଙ୍କ ସହିତ କୃପାନନ୍ଦଙ୍କୁ ବିଦାୟ ଦେବା କଥା ମଧ୍ୟ ଜଣାଇଲେ । ତହୁଁ ସନ୍ନ୍ୟାସୀ ଜଣକ କହିଲେ, ବୁଝିଲ, ତୁମର ଟଙ୍କାପଇସା, ଧନସମ୍ପତ୍ତି, ଅଳଙ୍କାର କେହି ଠକି ନେଇ ଯାଇନାହିଁ । କେହି ତମର ନିର୍ମଳ ବିଶ୍ୱାସରେ ବିଷ ଦେଇ ନାହିଁ । ତମର ବିଷୟାଳଜଞ୍ଜାଳର ଜାଲ କାଟି ତମକୁ ମୁକ୍ତ କରି ଦେବାପାଇଁ ବାବା ଅଭୟାନନ୍ଦ ଏହି ନାଟକ ସୃଷ୍ଟି କରିଥିଲେ । ଦେଖିବ ଯାଅ, ତମ ଗାଈଗୁହାଳ ଆଟୁରେ ଗୋଟିଏ ବଡ଼ ବାଉଁଶପେଟରାରେ ସେ ସବୁ ତମପାଇଁ ଗଚ୍ଛିତ ଅଛି । ସେତକ ସମ୍ପତ୍ତିର ଯଥାର୍ଥ ରକ୍ଷଣାବେକ୍ଷଣ କଲେ, ତମେ ତିନିହେଁ ଭଲରେ ଚଳି ଅନ୍ୟମାନଙ୍କୁ ମଧ୍ୟ ଚଳାଇ ପାରିବ । ଦୁଇପୁଅ ଉପଯୁକ୍ତ ଭାବେ ବାହାସାହା ହୋଇ ସୁଖୀ ପରିବାର ଗଢ଼ି ତୋଳିବେ ।

ବୁଝିଲ ତ ପିଲା, ବିଶ୍ୱାସର ବଳ ଅନେକ ବେଶି । ଯେଉଁମାନେ ନିର୍ମଳ ବିଶ୍ୱାସର ଅଧିକାରୀ, ଅନ୍ତର୍ଯ୍ୟାମୀ ପୁରୁଷ ଈଶ୍ୱର ତାଙ୍କର ସୁରକ୍ଷାର ଦାୟିତ୍ୱ ନିଜେ ବହନ କରନ୍ତି । ତମେମାନେ ଏହିପରି ଅଟଳ ବିଶ୍ୱାସର ଅଧିକାରୀ ହୋଇ ମଣିଷ ପରି ମଣିଷ ହୁଅ । ଏତିକି ଆଶୀର୍ବାଦ ଆଜି ତମମାନଙ୍କୁ ।

# ଉତ୍ତିଷ୍ଠତଃ ! ଜାଗ୍ରତଃ !!

*ବିଶ୍ୱ ଯୁବ ସମାଜ ଆଜି ଉଦ୍‌ଭ୍ରାନ୍ତ, ପଥଭ୍ରଷ୍ଟ । ଅସୀମ ଶକ୍ତିଧର ଏହି ଯୁବଗୋଷ୍ଠୀ ହିଁ ବିଶ୍ୱକଲ୍ୟାଣ ପାଇଁ ଉପଯୁକ୍ତ । ଯୁବସମାଜକୁ ଶୃଙ୍ଖଳିତ କରି, ଉଚିତ ପଥରେ ପରିଚାଳିତ କରି ସେମାନଙ୍କ ଅନ୍ତଃକରଣରେ ଯୁଗଧର୍ମୀ ଧର୍ମବୀଜ ବପନ କରି ବିଶ୍ୱମାନସରେ ସେବା, ତ୍ୟାଗ, ଦାନ, ନିଷ୍ଠା ଇତ୍ୟାଦିର ମହନୀୟତା ତୋଳି ଧରିବା ଆମର ଉଦ୍ଦେଶ୍ୟ । ଆସନ୍ତୁ, ଏହି ଉଦ୍ଦେଶ୍ୟରେ ପଢ଼ିବା ଯୁଗଧର୍ମୀ ପ୍ରବନ୍ଧ ।*

## ଧର୍ମ

''ଯଦା ଯଦାହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ
ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍
ପରିତ୍ରାଣାୟ ସାଧୂନାଂ ବିନାଶାୟ ଚ ଦୁଷ୍କୃତାମ୍
ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେଯୁଗେ ।'' *(ଶ୍ରୀ.ଭ.ଗୀ. ୪/୭-୮)*

ଧର୍ମ, ଏହି ଶବ୍ଦର ନିର୍ଦ୍ଦିଷ୍ଟ ଗୋଟିଏ ବ୍ୟାଖ୍ୟା ବା ଅର୍ଥ କରାଯାଇ ପାରେନା । କାରଣ ଦେଶ, କାଳ, ବ୍ୟକ୍ତି, ବର୍ଣ୍ଣ ଓ ବସ୍ତୁଭେଦରେ ଧର୍ମର ସାମଞ୍ଜସ୍ୟ ଆଦୌ ନଥାଏ । ତଥାପି ଧର୍ମ ଏକ, ଅଦ୍ୱିତୀୟ, ଶାଶ୍ୱତ ଓ ସନାତନ, ଯାହା ଉପରେ ସଚରାଚର ବିଶ୍ୱ ନିର୍ଭର କରି ତିଷ୍ଠି ରହିଛି । ପୁଣି ସେହି ଧର୍ମ ହିଁ ସତ୍ୟ ଉପରେ ପ୍ରତିଷ୍ଠିତ । ଏଣୁ କଥାରେ କହିଥାନ୍ତି, ''ସତ୍ୟ ଧରେ ଧର୍ମକୁ, ଧର୍ମ ଧରି ରଖେ ସଂସାରକୁ'' ତାହେଲେ ସେ ଧର୍ମ କିଭଳି ଜିନିଷ ଯେ କି ସାରା ବିଶ୍ୱକୁ ଧରି ରଖିଛି ? ତାହା ବିଚାରିବାର କଥା ।

ଈଶ୍ୱରଙ୍କ ସୃଷ୍ଟି ଏ ଜଗତ ହିଁ ତାଙ୍କର ଲୀଳାକ୍ଷେତ୍ର । ତେଣୁ ତାଙ୍କର ସୃଷ୍ଟି ସୁରକ୍ଷିତ ଓ ସୁଶୃଙ୍ଖଳିତ ହେଲେ ଇଚ୍ଛାନୁଯାୟୀ ସେ ଅବାଧରେ ଲୀଳା କରିପାରିବେ । ସେ ଇଚ୍ଛାମୟ, ପୁଣି ଲୀଳାମୟ । ଲୀଳାରେ ହିଁ ତାଙ୍କର ଆନନ୍ଦ । ସେଥିପାଇଁ ତାଙ୍କର ପ୍ରତିନିଧି ରୂପେ ସୂର୍ଯ୍ୟ, ବରୁଣ, କୁବେର, ଇନ୍ଦ୍ର, ପବନ, ଗ୍ରହ, ତାରା ଆଦିକୁ ନିୟୋଜିତ କରିଛନ୍ତି ତାଙ୍କର ସୃଷ୍ଟିର ସୁରକ୍ଷା ପାଇଁ । ସେ ପ୍ରତ୍ୟେକକୁ ଅସୀମ ଶକ୍ତିର ଅଧିକାର ମଧ୍ୟ ଦେଇଛନ୍ତି । ସେମାନେ ପ୍ରତ୍ୟେକେ ଈଶ୍ୱରଙ୍କଠାରେ ସତ୍ୟଦ୍ୱାରା ଚୁକ୍ତିବଦ୍ଧ ଯେ, ସୃଷ୍ଟିର ସୁରକ୍ଷା ପାଇଁ ଯେତିକି ଦରକାର ତାଠୁଁ ବେଶୀ ଯେପରି କେହି ବିଭୁଦତ୍ତ କ୍ଷମତା ବା ଶକ୍ତିର ଅପପ୍ରୟୋଗ ନ କରନ୍ତି । ଶକ୍ତିର ଯଥେଚ୍ଛା ପ୍ରୟୋଗ ହିଁ ଈଶ୍ୱରଙ୍କ ସହ ଚୁକ୍ତିଭଙ୍ଗ ବା ତାଙ୍କର ସଂବିଧାନକୁ ଅମାନ୍ୟ କରିବା । ସେହିଠାରେ ହିଁ ଧର୍ମର ଗ୍ଲାନି ହୁଏ । ଚୁକ୍ତିଭଙ୍ଗକାରୀ ଯେତେ ପ୍ରିୟପାତ୍ର ହେଲେ ବି ତାଙ୍କଠାରୁ କ୍ଷମା ବା ନିଷ୍କୃତି ପାଏନା । ତାହାକୁ ସେ ସମୁଚିତ ଶାସ୍ତିବିଧାନ କରି ପୁଣି ଧର୍ମପଥରେ ବା ସଂବିଧାନ ଅନୁଯାୟୀ ପରିଚାଳିତ କରାନ୍ତି ଓ ଧର୍ମକୁ ପୁନଃ ପ୍ରତିଷ୍ଠିତ କରାନ୍ତି । ତାହା ସଂଗେ ଶକ୍ତିର ଅପପ୍ରୟୋଗ ଜନିତ ଯନ୍ତ୍ରଣା ଭୋଗୁଥିବା ନିରୀହ ଓ ତାଙ୍କର ଶରଣାଗତ ସାଧୁମାନଙ୍କର ସୁରକ୍ଷା ବିଧାନ କରିଥାନ୍ତି । ଯୁଗେ ଯୁଗେ ଯେତେବେଳେ ଏହିଭଳି ଶକ୍ତିର ଅପପ୍ରୟୋଗ ଦ୍ୱାରା ଧର୍ମର ଗ୍ଲାନି ହୁଏ ବା ତାଙ୍କ ସଂବିଧାନର ଖିଲାପ କରାହୁଏ ଏବଂ ଅଧର୍ମ ଚରମସୀମାରେ ପହଞ୍ଚେ (ଅର୍ଥାତ୍ ପ୍ରାୟ ପ୍ରତି ଯୁଗାନ୍ତ ସମୟରେ) ଧର୍ମରକ୍ଷା ନିମିତ୍ତ ଭଗବାନ ସ୍ୱୟଂ ଗୋଲୋକ ବିହାରୀ ବୈକୁଣ୍ଠର ଷଡ଼ୈଶ୍ୱର୍ଯ୍ୟକୁ ଛାଡ଼ି ରୋଗ, ଶୋକ, ଜରା

କବଳିତ ମାନବଶରୀରକୁ ଧରି ବିନା ଦ୍ୱିଧାରେ ମରଲୋକକୁ ଅବତରଣ କରିଆସନ୍ତି । ଏଣୁ ଧର୍ମ କହିଲେ ବିଧି ନିର୍ଦ୍ଦିଷ୍ଟ କର୍ମ ବା ସଂବିଧାନ ଧାରା ଅନ୍ତର୍ଗତ କର୍ମକୁ ବୁଝାଏ ।

ପ୍ରତ୍ୟେକ ଜୀବ ଈଶ୍ୱରଙ୍କ ଦ୍ୱାରା ଅନୁପ୍ରେରିତ ହୋଇ ତାଙ୍କର ଲୀଳାକ୍ଷେତ୍ର ଏହି ଧରାଧାମକୁ ଆସିଛି କିଛି ଜଗତର କଲ୍ୟାଣକର କାର୍ଯ୍ୟ ସମ୍ପାଦନ କରିବାକୁ । ସେଥିପାଇଁ ସେ ଜୀବକୁ ସକଳ ପ୍ରକାର ଶକ୍ତି ଓ ସହାୟତା ଯୋଗାଇ ଦେଇଛନ୍ତି ଏବଂ ବିଭୁ କାର୍ଯ୍ୟ ସମ୍ପାଦନ ପରେ ଜୀବକୁ ପୁଣି ତାହାର ଉତ୍ପତ୍ତିସ୍ଥଳ ଅର୍ଥାତ୍ ସେହି ନିତ୍ୟାନନ୍ଦଧାମକୁ ଫେରିବାକୁ ନିର୍ଦ୍ଦେଶ ଅଛି । ସେ ସ୍ଥଳେ ଜୀବ ଯଦି ଯୁକ୍ତି ଭଙ୍ଗ କରେ ତାହାର ଆଉ ରକ୍ଷା ନାହିଁ । ଜୀବମାତ୍ରେ ହିଁ ଈଶ୍ୱରଙ୍କର ସ୍ୱ ଅଂଶବିଶେଷ । ବିଭୁଙ୍କ କିଛି କାର୍ଯ୍ୟ ସମ୍ପାଦନ ପାଇଁ ସେ ଅନୁପ୍ରେରିତ । ଏଣୁ କହିଥାନ୍ତି ''ଜୀବ ନିତ୍ୟ କୃଷ୍ଣ ଦାସ'' । ଭଗବାନ ତାଙ୍କର କାର୍ଯ୍ୟ ସମ୍ପାଦନରେ ସହାୟତା କରିବା ପାଇଁ ଜୀବକୁ ଅସୀମ ଶକ୍ତିସମ୍ପନ୍ନ ଓ ଦଶଇନ୍ଦ୍ରିୟର ଅଧିକାରୀ ମନ ଓ ମନର ଉପଦେଷ୍ଟା ବା ମନ୍ତ୍ରଣାଦାତା ରୂପେ ବୁଦ୍ଧି ବା ବିବେକ, ତାର କର୍ମକ୍ଷେତ୍ରରୂପେ ଦୁର୍ଲ୍ଲଭ ମାନବ ଶରୀର, ମଧ୍ୟ ଦେଇଛନ୍ତି । ସେହି ମାନବ ଶରୀର ଧାରଣ କରି ମନ ଓ ବୁଦ୍ଧିର ସହାୟତାରେ ଜୀବ ଅନାୟସରେ ବିଭୁକାର୍ଯ୍ୟ ସମ୍ପାଦନ କରି ତାର ଉତ୍ପତ୍ତିସ୍ଥଳକୁ ଫେରି ପରମାତ୍ମାଙ୍କ ସଙ୍ଗତିଲାଭ ବା ଚରମ ପ୍ରାପ୍ତି କରିପାରେ ।

ଶ୍ରୀମଦ୍‌ଭାଗବତରେ ଅଛି :-

''ଦୁର୍ଲ୍ଲଭ ମାନବ ଶରୀର । ନରକ ନିସ୍ତାରଣ ଦ୍ୱାର ॥<br>
ମାନବ ଜନ୍ମର ଏ ଲାଭ । ଯେବେ ଗୋବିନ୍ଦେ କରେ ଭାବ ॥''

ତାହାହେଲେ ଅନେକ କ୍ଷେତ୍ରରେ ବ୍ୟତିକ୍ରମ ଦେଖାଯାଏ କାହିଁକି ? ଏହାର କାରଣ କଣ ?

ଶ୍ରୀମଦ୍ ଭଗବଦ୍ ଗୀତା (୧୩/୧୯):- ''ପ୍ରକୃତିଂ ପୁରୁଷଂ ଚୈବ ବିଦ୍ଧ୍ୟନାଦୀ ଉଭାବପି ।<br>
ବିକାରାଂଶ୍ଚ ଗୁଣାଂ ଶ୍ଚୈବ ବିଦ୍ଧି ପ୍ରକୃତି ସମ୍ଭବାନ୍ ॥''

ପ୍ରକୃତି ଓ ପୁରୁଷ ଉଭୟେ ଅନାଦିଙ୍କଠାରୁ ଉଦ୍ଭବ ହେତୁ ଉଭୟେ ଅନାଦି । ପୁରୁଷ ହେଉଛି ଅପାର୍ଥିବ ଜୀବସତ୍ତା ମାତ୍ର । ପ୍ରକୃତି ପାର୍ଥିବ ସ୍ୱଭାବଯୁକ୍ତ ହେତୁ ତାହାଠାରୁ ଗୁଣ ଓ ବିକାର ଜାତ ହୁଅନ୍ତି । ଏମାନଙ୍କର ରୂପାନ୍ତର ଓ ବୈଷୟିକ ରୀତି ହେଉଛି ପାର୍ଥିବ ସ୍ୱଭାବର ଗୁଣଫଳ । ପ୍ରକୃତି ସହ ଅତି ନିବିଡ଼ ଭାବରେ ଅବସ୍ଥାନ ହେତୁ ଜୀବସତ୍ତା ଓ ପ୍ରକୃତିର ମିଳନରେ ପ୍ରତିକ୍ରିୟା ସୃଷ୍ଟି ହୁଏ । ଯେପରି ଚୂନର ରଙ୍ଗ ଧଳା ଓ ଖଇରର ରଙ୍ଗ କଳା, ମାତ୍ର ଦୁଇଟି ଏକତ୍ର ଅବସ୍ଥାନ କଲେ ସ୍ୱରଙ୍ଗ ବିନାଶ ପ୍ରାପ୍ତ ହୋଇ ରକ୍ତବର୍ଣ୍ଣ ଧାରଣ କରନ୍ତି ।

ପାର୍ଥିବ କାମନାବାସନାର ଆକର୍ଷଣ ଶକ୍ତିସମ୍ପନ୍ନା ଓ ରୂପ, ରସ, ଶବ୍ଦ, ସ୍ପର୍ଶ, ଗନ୍ଧାଦିର ଉତ୍ସ ପ୍ରକୃତି ସହ ପୁରୁଷ ରୂପୀ ଜୀବସତ୍ତା ମିଳିତ ହୋଇ ବିଭୋର ହୁଏ । ଫଳରେ ସେ ଯେ ଅପାର୍ଥିବ ପରମସତ୍ତା ପରମାତ୍ମାଙ୍କ ସ୍ୱଅଂଶ ଏବଂ ତାଙ୍କର ଚରମ ଲକ୍ଷ୍ୟ ପରମାତ୍ମା, ଏହା ଭୁଲିଯାଏ । ଯଦିଚ ଏସବୁ କାର୍ଯ୍ୟର ମୂଳ ପ୍ରକୃତି ହିଁ ଏକମାତ୍ର କାରଣ ତଥାପି ପ୍ରତିକ୍ରିୟାଜନିତ ସୁଖ ଦୁଃଖ ଆଦି ଭୋଗର କାରଣ ଭ୍ରମବଶତଃ କର୍ତ୍ତାଜ୍ଞାନେ ପୁରୁଷ ବା ଜୀବ ହୋଇଥାଏ । ଜୀବାତ୍ମାର ଏହି ଭ୍ରମରୂପକ ଦୁର୍ଦ୍ଦଶାର କାରଣ ହେଉଛି ମନ ଯେ କି ଜୀବାତ୍ମା ସହିତ ସହଯୋଗ ରକ୍ଷା କରେନା ।

ବିଧି ନିର୍ଦ୍ଦେଶିତ କର୍ମକୁ ସୁଚାରୁରୂପେ ସମ୍ପନ୍ନ କରିବାକୁ ଏ ଶରୀର ରୂପକ କର୍ମକ୍ଷେତ୍ର ପ୍ରଧାନ ସହାୟକ ରୂପେ ଅସୀମ ଶକ୍ତିସମ୍ପନ୍ନ ମନ ଓ ତା ଅଧୀନସ୍ଥ ଦଶଇନ୍ଦ୍ରିୟ ରୂପକ ଯନ୍ତ୍ର ସମୂହ ତଥା ଯନ୍ତ୍ରୀରୂପେ ପ୍ରକୃତି ଆଦି

ଜୀବାତ୍ମାକୁ ଈଶ୍ୱର ଯୋଗାଇ ଦେଇଛନ୍ତି । ମାତ୍ର ଅସୀମ ଶକ୍ତିର ଅଧିକାରୀ ତଥା ଦଶଇନ୍ଦ୍ରିୟମାନଙ୍କ ଉପରେ ଅବାଧ ଆଧିପତ୍ୟ ଜାହିର କରି ଉଦ୍ଧତ ଗର୍ବିତ ମନ ମଦାନ୍ଧ ହୁଏ ଏବଂ ବୈଷୟିକ କାମନା ଓ ବାସନାର ଉତ୍ସ ପ୍ରକୃତି ପ୍ରତି ଆକର୍ଷଣ ସୃଷ୍ଟି କରେ । ଏହି ଠାରେ ହିଁ ମନ ତାର ସ୍ୱଧର୍ମରୁ ବିଚ୍ୟୁତ ହୁଏ ଅର୍ଥାତ୍ ବିଧିନିର୍ଦ୍ଦିଷ୍ଟ କର୍ତ୍ତବ୍ୟକୁ ଭୁଲିଯାଏ ଏବଂ ସଂଗେ ସଂଗେ ତାହାର ବିନାଶ କାଳ ଉପସ୍ଥିତ ହୁଏ । ବିଭୁଙ୍କ ଇଚ୍ଛାରେ ସେହି ବିଶ୍ୱବିମୋହିନୀ ମହାମାୟା ପ୍ରକୃତି ଦ୍ୱାରା ତାର ବିନାଶ ସାଧିତ ହୁଏ ଏବଂ ବିଭୁ, ନୂତନ ଶରୀର ଜୀବାତ୍ମାକୁ ପ୍ରାପ୍ତ କରାଇ ତାହାର ମୁକ୍ତିପଥରେ ବା ଚରମପ୍ରାପ୍ତିରେ ସହାୟତା କରାଇଥାଆନ୍ତି ଏବଂ ସେହି ମନକୁ ପୁଣି ଜୀବାତ୍ମାର ସହାୟତା ପାଇଁ ନିୟୋଜିତ କରାଇଥାଆନ୍ତି । କେବଳ ଏହି ମନର ଅସହଯୋଗୀତା ଯୋଗୁ ହିଁ ଜୀବାତ୍ମାର ଚରମପ୍ରାପ୍ତି ବିଳମ୍ବିତ ହୁଏ ।

ପିଣ୍ଡବ୍ରହ୍ମାଣ୍ଡ ମତରେ ମାନବ ଶରୀରକୁ ରାମାୟଣ ବର୍ଣ୍ଣିତ ସ୍ୱର୍ଣ୍ଣମୟ ଲଙ୍କାପୁର, ଶରୀରସ୍ଥ ତ୍ରିଭୁବନ (ଭୂମି, ଜଳ, ଅଗ୍ନି) ବିଜୟୀ ଓ ଚଉଦ ଭୁବନର ଅଧୀଶ୍ୱର ମଦାନ୍ଧ ମନକୁ ରାବଣ, ଶୁଭେଚ୍ଛୁ ମନ୍ତ୍ରଣାଦାତ୍ରୀ ନିଶ୍ଚୟାତ୍ମିକା ବୁଦ୍ଧିକୁ ମନ୍ଦୋଦରୀ ଓ ଜନକ ନନ୍ଦିନୀ ସୀତାଙ୍କୁ ମହାମାୟା ପ୍ରକୃତି ସହିତ ଉପଲକ୍ଷ୍ୟ ଦିଆଯାଇପାରେ । ଠିକ୍ ସେହିପରି ମାନବ ଶରୀରକୁ ମହାଭାରତ ବର୍ଣ୍ଣିତ ଧର୍ମକ୍ଷେତ୍ର କୁରୁକ୍ଷେତ୍ର, ଅସୀମ ଶକ୍ତିଧାରୀ  ମଦାନ୍ଧ ମନକୁ ଧୃତରାଷ୍ଟ୍ର, ଶୁଭେଚ୍ଛୁ ମନ୍ତ୍ରଣାଦାତା ବା ଉପଦେଷ୍ଟା ବୁଦ୍ଧିକୁ ସଞ୍ଜୟ, ଅସତ୍ ପ୍ରବୃତ୍ତି ସମୂହକୁ କୁରୁବାହିନୀ ଏବଂ ପଞ୍ଚଆତ୍ମାକୁ ପଞ୍ଚପାଣ୍ଡବ ଓ ସତ୍‌ପ୍ରବୃତ୍ତି ଗୁଡ଼ିକୁ ପାଣ୍ଡବବାହିନୀ, ଆଦ୍ୟାଶକ୍ତି ମହାମାୟାରୂପିଣୀ ପ୍ରକୃତି ଦ୍ରୌପଦୀ, ମାୟାବଦ୍ଧ ଜୀବାତ୍ମାକୁ ଅର୍ଜ୍ଜୁନ ଓ ନିର୍ଗୁଣ ପରମାତ୍ମାଙ୍କୁ ଶ୍ରୀକୃଷ୍ଣଙ୍କ ସହ ଉପଲକ୍ଷ୍ୟ ଦିଆଯାଇପାରେ । ପୁଣି ଶ୍ରୀମଦ ଭାଗବତ ବର୍ଣ୍ଣିତ ଦେବୀଦୁର୍ଗାଙ୍କୁ ମହାମାୟା, ପ୍ରକୃତି ଓ ମଦାନ୍ଧ ମହିଷାସୁରକୁ ମନ ଓ ଅସତ୍ ପ୍ରବୃତ୍ତିଗୁଡ଼ିକୁ ମହିଷାସୁରର ଅନୁଗତ ଚଣ୍ଡ, ମୁଣ୍ଡ ଆଦିଙ୍କ ସହ ତୁଳନା ଦିଆଯାଇପାରେ ।

ଏଥିରୁ ଶିକ୍ଷଣୀୟ ଏହି ଯେ ବିଭୁଦତ୍ତ ଶକ୍ତିକୁ ବିଭୁକାର୍ଯ୍ୟରେ ଅର୍ଥାତ୍ ତାଙ୍କରି ସୃଷ୍ଟ ଏହି ବିଶ୍ୱର କଲ୍ୟାଣ କଳ୍ପେ ବିନିଯୋଗ କରିବା ହିଁ ତାଙ୍କର ସଂବିଧାନ ସମ୍ମତ । ଯାହା ସଂବିଧାନ ସମ୍ମତ କର୍ମ ତାହା ହିଁ ଧର୍ମ ନାମରେ ଖ୍ୟାତ ଏବଂ ସଂବିଧାନ ବହିଃର୍ଭୂତ କର୍ମ ଅଧର୍ମରେ ପରିଗଣିତ ହୁଏ । ପାରିବାରିକ ସଂବିଧାନ ଦ୍ୱାରା ଗୋଟିଏ ପରିବାର ପରିଚାଳିତ । ରାଷ୍ଟ୍ରୀୟ ସଂବିଧାନ ଦ୍ୱାରା ଗୋଟିଏ ରାଷ୍ଟ୍ର ଓ ଈଶ୍ୱରଙ୍କ ସଂବିଧାନ ଦ୍ୱାରା ଚରାଚର ବିଶ୍ୱ, ସୂର୍ଯ୍ୟ, ଚନ୍ଦ୍ର; ଗ୍ରହ, ତାରା ଆଦି ପରିଚାଳିତ । ଏହାର ବ୍ୟତିକ୍ରମ ହେଲେ ସମୁଚିତ ଶାସ୍ତି ଅନିବାର୍ଯ୍ୟ । ଏଣୁ ପ୍ରତି ପଦକ୍ଷେପରେ ଆମ୍ଭମାନଙ୍କୁ ସଜାଗ ରହି ସଂବିଧାନର ଧାରା ବା ଧର୍ମଧାରାକୁ ଧରି ଚଳିବାକୁ ପଡ଼ିବ ନଚେତ୍ ନିଜର ବିନାଶ ନିଜେ ସାଧନ କରିବା ହିଁ ସାର ହେବ ।

ଆପଣ ହସ୍ତେ ଜିହ୍ୱା ଛେଦି । କେ ଅବା ଅଛି ପ୍ରତିବାଦୀ ।।

▲▼▲

# ଜିଜ୍ଞାସା : ଜିଜ୍ଞାସୁ

*ପରମ ଶ୍ରଦ୍ଧେୟ ଦିବଂଗତ ଯତୀଶଦାଙ୍କ ସହିତ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କର ଆଧ୍ୟାତ୍ମିକ ଆଲୋଚନାର ଧାରା ବିବରଣୀ ଜିଜ୍ଞାସା : ଜିଜ୍ଞାସୁ ଶୀର୍ଷକରେ ଚରମ ପତ୍ରିକାରେ ନିୟମିତ ପ୍ରକାଶ ହୋଇ ଆସୁଛି ।*

## ଶ୍ରୀଶ୍ରୀଶ୍ରୀ ଗୁରୁସ୍ୱାମୀଙ୍କ ସହିତ ନାନା ପ୍ରସଙ୍ଗେ

ପ୍ରଶ୍ନ- ଠାକୁରେ ! ଆଜି ଗୋଟିଏ ଗହନ ବିଷୟର ତତ୍ତ୍ୱ ବୁଝିବାକୁ ମନ ବଳିଛି । ବୁଝାଇ କହିବେ ?

ଶ୍ରୀଠାକୁର- କଣ ? ଖୋଲି କହନ୍ତୁ ।

ପ୍ରଶ୍ନ- ସନ୍ଦେଶ ପତ୍ରରେ ଲିପିବଦ୍ଧଥିବା ଦଶମୌଦକ ତତ୍ତ୍ୱ ବୁଝାଇ କହନ୍ତୁ ।

ଶ୍ରୀଠାକୁର - ଭଲକଥା, ତମେ ଗୋଟିଏ ପରେ ଗୋଟିଏ ପ୍ରଶ୍ନ ପଚାର, ଆମେ ଉତ୍ତର ଦେବୁ । ତମେ ଶୁଣିବ ଓ ଟିପିନେବ ।

ପ୍ରଶ୍ନ- ଉଚ୍ଚନୀଚ ଜାତିଭେଦର ପ୍ରକୃତ ଅର୍ଥ କଣ ? ଜାତିଭେଦର ଭିତ୍ତିମୂଳକ ଭାବ କେଉଁଠାରୁ ଉତ୍ପନ୍ନ ?

ଶ୍ରୀଠାକୁର- ସମାଜରେ ଚଳି ଆସୁଥିବା ଉଚ୍ଚନୀଚ ଜାତିଭେଦ ଏକ ସାମାଜିକ ପ୍ରଥା । ଏହି ପ୍ରଥାନୁସାରେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ଚାରିଜାତି । ଚାରିଜାତିର ଅନେକ ଉପଜାତି, ଉପଜାତିରୁ ଅନେକ ବିଜାତି ସୃଷ୍ଟି ହୋଇ ସମାଜରେ ଚଳି ଆସୁଛି । ଜାତି, ଉପଜାତି, ବିଜାତି ଇତ୍ୟାଦିରୁ କୌଳିକ ବୃତ୍ତି ଜାତ ହୋଇ କୌଳିକ ପ୍ରଥାର ସୂତ୍ରପାତ ହୋଇଛି । କୌଳିକ ପ୍ରଥାନୁଯାୟୀ ନାନାବିଧ ନିୟମ, ଆଚରଣ, ଉପାସନା, ବ୍ରତ ଓ ଦେବଦେବୀଙ୍କୁ ନେଇ ନାନାପ୍ରକାର ମତବାଦ ସମାଜରେ ପ୍ରଚଳିତ ହୋଇଅଛି । କେହି କେହି ଏହି ସକଳ ମତବାଦକୁ ଭିନ୍ନଭିନ୍ନ ଧର୍ମ ନାମରେ ଅଭିହିତ କରିଥାଆନ୍ତି । କାଳକ୍ରମେ ଜାତିପ୍ରଥା ଓ ତଦ୍‌ସଂଜାତ କୌଳିକ ପ୍ରଥାରେ ଭିନ୍ନଭିନ୍ନ ମତବାଦ ସୃଷ୍ଟି ହୋଇ ଜାତି, ଉପଜାତି, ବିଜାତିମାନଙ୍କ ମଧ୍ୟରେ ଭେଦଭାବ ଏବଂ ବୈଷମ୍ୟର ବଳୟ ଗୋଟିଏ ଗୋଟିଏ ବନ୍ଧବାଡ଼ ସୃଷ୍ଟି କରିଦେଇଛି । ଏହି ବଳୟ ମଧ୍ୟରେ ଛୁଆଁ ଅଛୁଆଁ ଭେଦଭାବ ରହି, 'ସକଳ ଘଟେ ନାରାୟଣ । ବସନ୍ତି ଅନାଦି କାରଣ ॥' ବେଦୋକ୍ତ ମତବାଦକୁ ଖଣ୍ଡନ କରି ଏକ ପ୍ରହେଳିକାପୂର୍ଣ୍ଣ ଜଡ଼ ମତବାଦ ସୃଷ୍ଟି କରିଛି ।

ପ୍ରଶ୍ନ- ଛୁଆଁ ଅଛୁଆଁ କଣ ଜଡ଼ ମତବାଦ ?

ଶ୍ରୀ ଠାକୁର- ଏହା ଯଦି ଜଡ଼ ମତବାଦ ହୋଇ ନଥାନ୍ତା ତେବେ କେତେକେତେ ମହାପୁରୁଷ ସଂଗ୍ରାମ କରି ଏହି ପ୍ରଥାକୁ ସମାଜରୁ ଉଠାଇ ଦେବାକୁ ଚେଷ୍ଟା କରି ନଥାନ୍ତେ ।

ପ୍ରଶ୍ନ- ଆପଣ କଣ କହୁଛନ୍ତି, ଠିକ୍ ବୁଝାପଡୁନାହିଁ ।

ଶ୍ରୀ ଠାକୁର- ସୃଷ୍ଟି ତତ୍ତ୍ୱରେ ମଣିଷ ହେଉଛି ଏକ ଜାତି । ମଣିଷ ଜାତିରେ ଯେତେ ମଣିଷ ସମସ୍ତେ ସମସ୍ତଙ୍କ ଠାରୁ ପୃଥକ୍ । ଏହା ସୃଷ୍ଟିଚକ୍ରର ନିୟମ । ଏହି ପୃଥକୀକରଣ ନିୟମରେ ସ୍ରଷ୍ଟା ସମସ୍ତ ଜୀବଙ୍କୁ ସୃଷ୍ଟି କରି ଅଛନ୍ତି । ଏଣୁ ପ୍ରତ୍ୟେକ ଜୀବ ବା ବ୍ୟକ୍ତି ସ୍ୱଭାବ ଓ ଚରିତ୍ରରେ ପରସ୍ପରଠାରୁ ଭିନ୍ନ ।

ପ୍ରତ୍ୟେକଙ୍କର ବିଭିନ୍ନତାକୁ ନେଇ ବିଚାରକଲେ ଜଣାପଡ଼େ ଓଯ, ଯେତେ ବ୍ୟକ୍ତି ସେତେ ମତ । ଭିନ୍ନ ରୁଚି, ରୂପ, ଗୁଣ, ସ୍ୱଭାବ ଏବଂ ଆଚରଣ ନିୟମ ଓ ଚଳନି ମଧ୍ୟ ଭିନ୍ନ ଭିନ୍ନ । ଏ ସକଳ ବିଭିନ୍ନତା ସତ୍ତ୍ୱେ ସୃଷ୍ଟିତତ୍ତ୍ୱରେ ସମସ୍ତ ଜୀବ ଏକ ଏବଂ ସମସ୍ତ ବ୍ୟକ୍ତିମଧ୍ୟ ଏକ ଜାତି । ଏହି ପ୍ରକାର ବୈଷମ୍ୟ ରଖି ସୃଷ୍ଟିର କଲ୍ୟାଣ ନିମିତ୍ତ ସ୍ରଷ୍ଟାପୁରୁଷ ସୃଷ୍ଟିକୁ ସର୍ଜନା କରିଅଛନ୍ତି । ଏହି କ୍ରମରେ ପ୍ରତ୍ୟେକ ଜୀବ ଓ ବ୍ୟକ୍ତି ମଧ୍ୟରେ ସ୍ୱଭାବଗତ ଭେଦଭାବ ରହିବା ସ୍ୱାଭାବିକ । ଏଣୁ ବିଚାରି ଦେଖିଲେ ଯେତେ ବ୍ୟକ୍ତି ସେତେ ଜାତି ।

ପ୍ରଶ୍ନ- ଆପଣ କଣ ଏହି ଭେଦଭାବକୁ ସ୍ୱୀକାର କରନ୍ତି ?

ଶ୍ରୀ ଠାକୁର- ଆମେ ସ୍ୱୀକାର କରିବୁ କ'ଣ ? ତମେ ପ୍ରତ୍ୟେକ ପ୍ରତ୍ୟେକଙ୍କୁ ଦେଖ, ବୁଝିପାରିବ ।

ପ୍ରଶ୍ନ- ଭେଦଭାଦ ଥାଇ ଭେଦଭାବ ନ ରଖିବାର ଅର୍ଥ କଣ ?

ଶ୍ରୀ ଠାକୁର- ଭେଦରୁ ଦୋଷଦର୍ଶୀ ବିକାର ସୃଷ୍ଟି ହୋଇ ମଣିଷକୁ ଘୃଣା, ଭୟ, ସଙ୍କୋଚ, କୁଣ୍ଠା, ଲଜ୍ଜା ଇତ୍ୟାଦିର ବଶବର୍ତ୍ତୀ କରାଇଥାଏ । ଏହା ଫଳରୁ ବ୍ୟକ୍ତି ଗର୍ବ, ଦର୍ପ, ଅସ୍ମିତା, ମାନ ଅଭିମାନ, ଅହଙ୍କାରର ଦାସତ୍ୱ ସ୍ୱୀକାର କରିଥାଏ । ଫଳତଃ ଦିବ୍ୟଜ୍ଞାନ ପରିବେଷ୍ଟିତ ମଣିଷ ନରକପଥର ଯାତ୍ରୀ ହୋଇ ହେତୁ ଚେତନାକୁ ହରାଇଥାଏ ।

''ହେତୁ ଥାଇ ଚେତନାର ହୁଅଇ ବିନାଶ ।
ପ୍ରମାଦେ ପ୍ରମାଦ ପଡ଼େ ଉଡ଼ଇ ସାହସ ॥''

ପ୍ରଶ୍ନ- ଯଦି କୌଣସି ବ୍ୟକ୍ତିଠାରେ ବେଦୋକ୍ତ ନିୟମ ଆଚରଣ ଓ ଚଳନିର ତ୍ରୁଟି ପରିଲକ୍ଷିତ ହୁଏ, ତେବେ ତାହାକୁ ଘୃଣା କରିବା ସ୍ୱାଭାବିକ ନୁହେଁ କି ?

ଶ୍ରୀଠାକୁର- ଘୃଣା ମଣିଷର ଏକ ସହଜାତ ବୃତ୍ତି । କିନ୍ତୁ, ଏହି ବୃତ୍ତି ଜୀବ ଦେହରେ କିପରି ଗ୍ରନ୍ଥି ସୃଷ୍ଟି କରେ ? ଜାତିପ୍ରଥା ଓ କୌଳିକ ପ୍ରଥା ଚଳନିର ମଣିଷ ଯାହା ଶିକ୍ଷାକରେ ସେହିଭଳି ଭାବରେ ଚଳେ । ସେହି ଚଳନିରୁ ମଣିଷ ଭିତରେ ଆସିଥିବା ସହଜାତ ବୃତ୍ତିଗୁଡ଼ିକ ଦେହରେ ଏକ ଏକ ଅଭ୍ୟସ୍ତ ଚଳନି ଗ୍ରନ୍ଥି କରିଥାଆନ୍ତି । ଗ୍ରନ୍ଥି ବା କୋଷଗୁଡ଼ିକ ଆପଣାର ଅଭ୍ୟସ୍ତ ଚଳନିର ବିପରୀତ ଚଳନିକୁ ଦେଖିଲେ ମନରେ ଘୃଣାଜାତ ହୋଇ ଶରୀରରେ ବିକାର ଓ ବିକୃତ ସ୍ୱରୂପ ପ୍ରକାଶ ପାଇଥାଏ । ଏହି କାରଣରୁ ମଣିଷ ମଣିଷକୁ ଘୃଣା କରେ । ଏହାକୁ ତମେ ସ୍ୱଭାବ ବୋଲି କହୁଛ ତ ?

ପ୍ରଶ୍ନ- ଘୃଣା ମଣିଷକୁ ମଣିଷଠାରୁ ଦୂରେଇ ଦେଇଥାଏ । ଏହା ଫଳରେ ମାନବ ଧର୍ମ କଳଙ୍କିତ ହେଉଛି ଏବଂ ସମାଜରୁ ସଂହତି ଲୋପ ପାଉଛି । ସଂହତି ବିହୀନ ସମାଜ ଆଜି ଏହି କାରଣରୁ ଧ୍ୱଂସର ବିଭୀଷିକା ମଧ୍ୟକୁ ଗତି କରୁଛି । ଏହାହିଁ ହେଉଛି ଘୃଣାର ଗୋଟିଏ ଦିଗ । ଏହାର ଅନ୍ୟ ଏକ ଦିଗ ମଧ୍ୟ ରହିଛି ।

ପ୍ରଶ୍ନ- ଠାକୁରେ, ସେ ଦିଗଟି କଣ କହିବେନି ?

ଶ୍ରୀ ଠାକୁର- ସୃଷ୍ଟିକର୍ତ୍ତା ମଣିଷକୁ ଘୃଣାରୂପକ ଏକ ସହଜାତ ବୃତ୍ତି ଦେଇଛନ୍ତି । ଘୃଣା ଏକ ପକ୍ଷରେ ମଣିଷର ଯେତିକି କ୍ଷତିକରେ, ଲାଭ ମଧ୍ୟ କରେ ସେତିକି । ମଣିଷର ଯଦି ଘୃଣା ନଥାନ୍ତା, ତାହାହେଲେ ସେ ମ୍ଲେଚ୍ଛ ବା ପଶୁ ପରି ଜୀବନଯାପନ କରନ୍ତା । ସଦାଚାର, ଶୌଚ ଏବଂ ପରିଷ୍କାର ପରିଚ୍ଛନ୍ନତା

ପ୍ରତି ଦୃଷ୍ଟି ଦିଅନ୍ତା ନାହିଁ । ମଣିଷ ଭିତରେ ସହଜାତ ଘୃଣାବୃତ୍ତିର ଗ୍ରନ୍ଥି ବା କୋଷ ଥିବାରୁ ସେ ସଦାଚାରୀ, ଶୁଚିବନ୍ତ ହୋଇ ନିୟମ ଓ ଆଚରଣରେ ରହି ପରିଷ୍କାର ପରିଚ୍ଛନ୍ନ ହୋଇପାରୁଛି ।

ପ୍ରଶ୍ନ- ଘୃଣାର ଦ୍ୱିବିଧ ଦିଗ ବିଷୟରେ ଜାଣିଲୁଁ । ତେବେ ଘୃଣାକୁ ତ୍ୟାଗ କରିବାକୁ କୁହାଯାଉଛି କାହିଁକି ?

ଶ୍ରୀ ଠାକୁର- ଘୃଣା ମଣିଷର ସହଜାତ ବୃତ୍ତି ହୋଇଥିବାରୁ ଜୀବନକାଳ ମଧ୍ୟରେ କେହି ତାକୁ ବିନାଶ କରିପାରିବେ ନାହିଁ । କିନ୍ତୁ ଏହି ବୃତ୍ତିର ସୃଜନ ଗ୍ରନ୍ଥି ବା କୋଷ ଯାହା ଅଭ୍ୟସ୍ତ ଚଳନିରୁ ସୃଷ୍ଟି ହୋଇ ବିଦ୍ୱେଷ ଓ ବିକୃତ ଭାବ ଆଣେ, ସେହି ବିଦ୍ୱେଷ ଓ ବିକୃତଭାବକୁ ସର୍ବାଦୌ ତ୍ୟାଗ କରିବାପାଇଁ ଆହ୍ୱାନ ଦିଆଯାଉଛି । କୌଳିକ ବୃତ୍ତି, ଅଭ୍ୟସ୍ତ ଚଳନିରୁ ଏହି ଗ୍ରନ୍ଥି ସୃଷ୍ଟି ହେଉଥିବାରୁ କଣ୍ଟାଦ୍ୱାରା କଣ୍ଟା କାଢ଼ିବାବେଳେ ଆଧ୍ୟାତ୍ମିକ ଶିକ୍ଷାଦୀକ୍ଷାରୁ ବିବେକଜ୍ଞାନ ଉଦୟ କରାଇ ଘୃଣାର ଅଭ୍ୟସ୍ତ ଗ୍ରନ୍ଥୀକୁ ଶିଥିଳ କରାଯାଇପାରିବ । କିନ୍ତୁ ମୌଳିକ ବୃତ୍ତିକୁ ବିନାଶ କରାଯାଇପାରିବ ନାହିଁ । ଏହା ଗୁଣରୁ ଉତ୍ପତ୍ତି ଓ ଗୁଣ ଅବିନାଶୀ ହୋଇଥିବାରୁ ଏହା ମଧ୍ୟ ଅବିନାଶୀ । ଏହି ମର୍ମରେ ଘୃଣାର ମୂଳବୃତ୍ତି ଜଗତକଲ୍ୟାଣ ପାଇଁ ସହଜାତ ବୃତ୍ତିରୂପେ ଆସିଥାଏ । କିନ୍ତୁ ଅଭ୍ୟସ୍ତ ଚଳନି, କୌଳିକ ପ୍ରଥା ଓ ଜାତିଗତ ବୃତ୍ତିର ବନ୍ଧବାଡ଼ରୁ ବିକୃତ ହୋଇ ମଣିଷକୁ ହିଂସା, ଦ୍ୱେଷ ଓ ବିକାରର ବଶବର୍ତ୍ତୀ କରାଇଥାଏ ।


ପ୍ରଶ୍ନ- ସ୍ରଷ୍ଟା ଉଚ୍ଚନୀଚ ଭେଦଭାବ ରଖି ସୃଷ୍ଟି ସୃଜନ କରିବାର କାରଣ କଣ ?

ଶ୍ରୀ ଠାକୁର - ସ୍ରଷ୍ଟାଙ୍କ ବିଚାରରେ ଉଚ୍ଚନୀଚ ଭେଦଭାବ ନାହିଁ । ସୃଷ୍ଟି ସୂତ୍ରରେ ସେ ସକଳ ଜୀବ ମଧ୍ୟରେ ଉଚ୍ଚନୀଚର ଭାରସାମ୍ୟ ରକ୍ଷାକରି ସୃଜନ କରିଅଛନ୍ତି । ଜାଗତିକ ବୁଦ୍ଧିରେ ତମେ ତାହା ଭେଦ କରିପାରୁନାହିଁ । ତେଣୁ ସୃଷ୍ଟିତତ୍ତ୍ୱ ନିଗମ ଓ ଗହନ ହୋଇ ରହିଯାଉଛି । ଉଦାହରଣଟିଏ ଦେଉଛି, ମନେରଖ । ଯାହାକୁ ତମେ ଯେତେ ନୀଚ ବୋଲି ଭାବୁଛ, ତାଠାରେ ସେତିକି ଉଚ୍ଚଭାବ ଓ ଗୁଣ ଅଛି । ସେହିପରି ଯାହାକୁ ତୁମେ ଯେତେ ଉଚ୍ଚ ବୋଲି ଭାବୁଛ ତାଠାରେ ସେତିକି ନୀଚଗୁଣ ଓ ଭାବ ରହିଛି । ହାତୀର ବଳ, ବୁଦ୍ଧି ଓ ବିଶାଳକାୟା ଅଛି, କିନ୍ତୁ ତାର ଗୋଟିଏ ନୀଚ ଗୁଣ ହେଉଛି ସ୍ପର୍ଶକାତର ସଂଗଦୋଷ । ଏହି ନୀଚ ସ୍ୱଭାବ ହେତୁ ସେ ଶିକାରୀମାନଙ୍କ ଦ୍ୱାରା ବନ୍ଧନଗ୍ରସ୍ତ ହୋଇ ବିପର୍ଯ୍ୟସ୍ତ ହୋଇଥାଏ । ସେହିପରି ପୋତକ ଗୋଟିଏ କ୍ଷୁଦ୍ର ପତଙ୍ଗ । ଏହାରକାୟା ଖୁବ୍ କ୍ଷୁଦ୍ର ହେଲେ ମଧ୍ୟ ପୋତକର ଶୁଣ୍ଢରେ ହଳାହଳ ବିଷ ଭରି ରହିଛି । ପୋତକ ପରି କ୍ଷୁଦ୍ର ପତଙ୍ଗ ବିଶାଳକାୟ ହସ୍ତୀ ଶୁଣ୍ଢର ଅଗ୍ରଭାଗକୁ ଦଂଶନ କଲେ ହାତୀ ଯନ୍ତ୍ରଣାରେ ପାଗଳ ପ୍ରାୟ ହୋଇଯାଏ । ଏଠାରେ କିଏ ଉଚ୍ଚ, କିଏ ନୀଚ ତୁମେ ବିଚାର କର । ଏହିପରି ବିଚାରକଲେ ସୃଷ୍ଟିର ସମସ୍ତ ଜୀବଜଗତ ଓ ମଣିଷ ସମାଜ ମଧ୍ୟରେ ପ୍ରଭୁ ଉଚ୍ଚନୀଚ ଭେଦର ଭାରସାମ୍ୟ ରଖି ସୃଷ୍ଟିର କଲ୍ୟାଣ ନିମିତ୍ତ ଏକାକାର କରିଅଛନ୍ତି । ଏଣୁ ତୁମେ ଯାହାକୁ ଉଚ୍ଚ କହିବ ତାଠାରେ ନୀଚଗୁଣ ରହିଛି, ପୁଣି ଯାହାକୁ ନୀଚ କହିବ ତାଠାରେ ମଧ୍ୟ ଉଚ୍ଚଗୁଣ ଅଛି । ଗୋଟିଏ ଦିଗରୁ ବିଚାରକଲେ ଯିଏ ନୀଚ, ଅନ୍ୟଦିଗରୁ ବିଚାରକଲେ ସେ ସେହିପରି ଉଚ୍ଚ । ଜଗତସ୍ରଷ୍ଟା ଜଗତର କଲ୍ୟାଣ ନିମିତ୍ତ ଏହିପରି ସ୍ୱଭାବ ଓ ଚଳନି ଦେଇ ସୃଷ୍ଟି ସୃଜନ କରି ଅଛନ୍ତି ।

କ୍ରମଶଃ-

# ରତ୍ନବେଦୀ

## ସମ୍ଭବାମି ଯୁଗେ ଯୁଗେ



### ''ସ୍ଥୂଳରେ ହେବାକୁ ଉଦୟ । ଜନନୀ ଜରାୟୁ ଆଶ୍ରୟ ।।''

*ବିଧି ନିଜ ବିଧାନକୁ ଧରି ସୃଷ୍ଟିରକ୍ଷା କରନ୍ତି । ସେହି ବିଧାନକୁ ସେ ମଧ୍ୟ ଅବମାନନା କରନ୍ତି ନାହିଁ । ସ୍ଥୂଳ ଜଗତପାଇଁ ତାଙ୍କର ବିଧାନକୁ ସସମ୍ମାନରେ ମାନିନେଇ ସେ ଧରାପୃଷ୍ଠରେ ଅବତରଣ ପାଇଁ ଜନନୀ, ଜଠର, ଜରାୟୁକୁ ମାଧ୍ୟମ ରୂପେ ଆଶ୍ରୟ କରନ୍ତି । ଠାକୁମା' ସୁକାନ୍ତିଦେବୀଙ୍କର ଗର୍ଭ ପବିତ୍ର କରି ପରମାରାଧ୍ୟ ଶ୍ରୀଶ୍ରୀଶ୍ରୀ ଠାକୁର ସମ୍ଭୂତ । ସେହି ସତ୍ୟର ସ୍ୱାକ୍ଷର ବହନକରେ :*

### ଜନନୀ ଜଠର ଜରାୟୁ

ପୂର୍ବାନୁସୃତି : ଚରମ : ୩ୟ ପୃଷ୍ଠ : ପ୍ରଥମ ପାଖୁଡ଼ାରୁ :

ପିଣ୍ଡପୁରୁଷ ଭୋଗରେ ଜୀବ ଲକ୍ଷ୍ୟରୁ ସୂକ୍ଷ୍ମାଧିକ ଅଂଶୁର ଅଣୁପରମାଣୁଙ୍କ ଦ୍ୱାରା ଭୃଙ୍ଗ ତିଆରି କରି ହଳଦିଆ ରଙ୍ଗର କେଶର ନିର୍ମାଣ କରି ଚକ୍ରାକୃତିଭାବେ ଥାଏ । ଚକ୍ରାକୃତି ଭାବରେ ଯେଉଁ କେଶର ସଙ୍କୁଚିତ ଅବସ୍ଥାରେ ଥାଏ, ଉକ୍ତ କେଶରଗୁଡ଼ିକ ଭ୍ରୂଣର କୋଷ ଧାରଣ କରି ଜରାୟୁ ମଧ୍ୟରେ ସୂକ୍ଷ୍ମାତିସୂକ୍ଷ୍ମ ପାଖୁଡ଼ା ନିର୍ମାଣ କରିଥାଏ । ଏହି ସୂକ୍ଷ୍ମ ପାଖୁଡ଼ାରେ ପୂର୍ବ ପିଣ୍ଡପୁରୁଷର ସ୍ୱଭାବଗୁଡ଼ିକ ମସ୍ତିଷ୍କର 'ରେଣୁକାଭ୍ରୂଣ' ତିଆରି କରି ଜରାୟୁ ମଧ୍ୟରେ ମନଚୈତନ୍ୟକୁ ସମ୍ବାଦ ଯୋଗାଏ । ଆକାଶତତ୍ତ୍ୱରେ ପିଣ୍ଡପୁରୁଷ ପ୍ରାରବ୍ଧକର୍ମ ଫଳରେ ସୁକର୍ମଗୁଡ଼ିକ ନେଇ ଯେଉଁ ଭ୍ରୂଣ ସୂକ୍ଷ୍ମରେ ତିଆରି କରିଥାଏ, ସେହିଭ୍ରୂଣ ଗୁଡ଼ିକ ପ୍ରତ୍ୟେକ ଯାନରେ ହରିଦ୍ରାରଙ୍ଗର ପରଦାଭଳି ଲମ୍ବା, ବକ୍ରାକୃତି ଧାରଣ କରିଥାଏ । ଏହି ଧାରଣ ବକ୍ରଦ୍ୱାରା ଭ୍ରୂଣ ଉପରିଭାଗରେ ସୋରିଷଭଳି ଟିକିଟିକି ଗୋଲକ ଧାରଣ କରି ତାହା ଭୃଙ୍ଗ ତିଆରିରେ ସାହାଯ୍ୟ କରେ । ସୂକ୍ଷ୍ମରେ ଲମ୍ବିଯାଇଥିବା ହରିଦ୍ରା ରଙ୍ଗ ଉପରେ ଆଂଶିକ ଲାଲବର୍ଣ୍ଣ ଚୈତନ୍ୟ ସୃଷ୍ଟିକରି ଅଦୃଶ୍ୟରେ ଜନନୀର ଜରାୟୁରେ ଆଲୋକପାତ କରିଥାଏ । ଏହି ଆଲୋକର ରଶ୍ମି ଭ୍ରୂଣ ଉପରେ ରେଖାପାତ କରିଥିବା ଲାଲବର୍ଣ୍ଣର ରେଖା ଧିରେଧିରେ ଜୀବର ଦୁଷ୍କୃତ ଫଳଭୋଗରେ ଚିତ୍ତକୁ ସାହାଯ୍ୟ କରେ । ଚିତ୍ତ କୁକର୍ମ ଗୁଡ଼ିକ ଧୌତକରି କୁକର୍ମର କ୍ଷୁଦ୍ରାଦପି କଣାର କୋଷଗୁଡ଼ିକ ଗ୍ରହଣ କରି ଗର୍ଭର ପଞ୍ଚମ ମାସରୁ ଷଷ୍ଠମାସ ପର୍ଯ୍ୟନ୍ତ ଗୋଲାକୃତି ଅଂଶଗୁଡ଼ିକ ଧାରଣ କରି ଭ୍ରୂଣ ମଧ୍ୟରେ ଛପି ଯାଉଥାଏ । ଭ୍ରୂଣ ମଧ୍ୟରେ ଛପିବା ସମୟରେ ଚିତ୍ତ ତାର ଅଂଶୀୟ ଭାଗ ଗ୍ରହଣ କରି କଠିନ ଅବସ୍ଥାରେ ପରିଣତ ହୁଏ । କଠିନ ଅବସ୍ଥାପ୍ରାପ୍ତି କାଳରେ କୁକର୍ମ ଏବଂ ସୁକର୍ମର ହିସାବ ଫଳରୁ ରୋଗ ବା ଭୋଗ ସୃଷ୍ଟି ହୁଏ । ସୁଫଳର ଭୋଗ କର୍ମର ହରିଦ୍ରାର୍ଣ୍ଣରେ ମତି ଚୈତନ୍ୟକୁ ସୂକ୍ଷ୍ମରେ ବାର୍ତ୍ତା ଆଦାନ ପ୍ରଦାନ କରିଥାଏ । ଏହି ସୂକ୍ଷ୍ମବାର୍ତ୍ତାର ଭାବ

ହିରଣ୍ୟଗର୍ଭର ଅଷ୍ଟଅଣିମା, ଲଘିମା କୋଷର କ୍ରିୟାଗୁଡ଼ିକୁ ଧାରଣ କରି ଚିତ୍ତ ଚୈତନ୍ୟ ତୋଳେ । ଜୀବର ଦେହ ତିଆରି ନହେବା ପୂର୍ବରୁ ହିରଣ୍ୟଗର୍ଭରେ ଥିବା ଜୀବବ୍ରହ୍ମର ସୂକ୍ଷ୍ମାତିସୂକ୍ଷ୍ମ କ୍ରିୟାଗୁଡ଼ିକ ଜୁଳୁଜୁଳିଆ ପୋକର ଆଲୋକଭଳି ରୂପ ଧାରଣ କରି ପିଣ୍ଡପୁରୁଷର କର୍ମର ଫଳକୋଷ ଗୁଡ଼ିକରେ କଠିନ ଅବସ୍ଥା ଧାରଣ କରି ବୁଲୁଥାଏ ।

ମର୍ତ୍ତ୍ୟଧାମରେ ପିତାମାତଙ୍କର ସଂଯୋଗ କ୍ରିୟାରେ ଜନ୍ମ ନକ୍ଷତ୍ର, ଗ୍ରହ, ତିଥି ଆଦିର ସୂତ୍ର ସହିତ ଶୁକ୍ରକୀଟର ସାମଞ୍ଜସ୍ୟ ଥାଏ । ତିଥିବ୍ରତାଦିର ଗ୍ରହାଣୁପୁଞ୍ଜ ଦ୍ୱାରା ଜୀବ ସଦ୍‌ଅସଦ୍‌ର କର୍ମାନୁଷ୍ଠାନମାନ ଚିତ୍ତପୁରୁଷର ସୂକ୍ଷ୍ମଭୋଗରେ ସାହାଯ୍ୟ କରେ । ଯେତେ ନକ୍ଷତ୍ରମାନ ଦୃଶ୍ୟମାନର ଅନୁଭବକୁ ସ୍ପଷ୍ଟ ପ୍ରମାଣିତ କରାଏ, ସେହିଗୁଡ଼ିକ ଶୁଣଂମାନରେ ରହି ଗୃହୀତ ଫଳମାନ ଭୋଗ କରାନ୍ତି । ଏହି ଗୃହୀତ ଫଳମାନ ଜୀବବ୍ରହ୍ମର ସ୍ୱଭାବଗତ କ୍ରିୟାରେ ଫଳପୁଷ୍ପମାନ ଧାରଣ କରି ଶକ୍ତିରେ ସହଯୋଗୀ କାର୍ଯ୍ୟକରି ଆସୁରୀଧର୍ମକୁ ସମ୍ମୁଖରେ ସାକ୍ଷୀ ରଖନ୍ତି । ଆସୁରୀଧର୍ମ ଜୀବବ୍ରହ୍ମର ଚେତନକ୍ରିୟାରେ ପୂର୍ଣ୍ଣମାତ୍ରାରେ ଜଡ଼ଅବସ୍ଥାରେ ରହିଥାଆନ୍ତି । ଜଡ଼ଅବସ୍ଥାରେ ରହିବା ସମୟରେ ପୁରୁଷଧର୍ମ ତାର ବିବେକକୁ ଅଣୁଚକ୍ରିକା ଦ୍ୱାରା  ଚେତନା ଫେରାଇ ପୁଣି ସୁପ୍ତ ଅବସ୍ଥାକୁ ଆଣି ମହାଯାନକୁ ବ୍ରହ୍ମଲୋକ ପର୍ଯ୍ୟନ୍ତ ଆତଯାତ କରେ । ବ୍ରହ୍ମଲୋକରେ ଆତଯାତ ସମୟରେ  ଜୀବବ୍ରହ୍ମକୁ ସୁପ୍ତ କରାଇ ପୂର୍ଣ୍ଣଚୈତନ୍ୟ ଘୂର୍ଣ୍ଣାୟମାନ କରାଇଥାଏ । ତାର ଗତି ଯେଉଁ ଆଡ଼କୁ ଥାଏ, ଜୀବବ୍ରହ୍ମକୁ ଜଡ଼କରି ସେହିପଥରେ ବୁଲାଉଥାଏ । ଜଡ଼ଚୈତନ୍ୟ  କରି ବୁଲାଇବାର ଗତିସୂତ୍ର ହେଉଛି ମତି, ଚିତ୍ତ ଚେତା ବାଟକୁ ବାଇଗଣି ରଙ୍ଗର ଅଣୁସୂତ୍ରୀଗୁଡ଼ିକୁ ସାହାଯ୍ୟ ଯୋଗାଇ ଫଳମାନ ଆସୁରୀଧର୍ମ, ଜୈବୀଧର୍ମ, ପୁରୁଷଧର୍ମରେ କଠିନ ଅବସ୍ଥାରେ ନେଇଥାଏ । ଜରାୟୁ ମଧ୍ୟରେ ରହି ଏହା ବହୁ ସୂକ୍ଷ୍ମାତିସୂକ୍ଷ୍ମ ଅଂଶ ଧାରଣ କରିଥାଏ, ଏହା ଅନୁଭବ ସୂତ୍ର । ଦର୍ଶନସୂତ୍ରର କ୍ରିୟାରେ ଯାହା ଜଣାପଡ଼େ । ଚେତନଜୀବ ଭୂମିଷ୍ଠ ହେବାପରେ ମାନସ କ୍ରିୟାଦ୍ୱାରା ଅନୁଭବ କରେ, ଜଡ଼ଜୀବ ମାନସରେ ଥାଇ ଭୁଲିଯାଇଥାଏ ।

ମାନସଭ୍ରମର ସ୍ୱାଭାବିକ ଅବସ୍ଥାକୁ ନେଇ ଜୀବବ୍ରହ୍ମରେ ଥିବା ଆସୁରିକ ଅଣୁକୋଷକୁ ଠୁଳ ରଖିଥାଏ । ଏହି ଠୁଳ ଅଂଶ ଅବୟବ ଗଠନ ହେବା ପର୍ଯ୍ୟନ୍ତ ପ୍ରତ୍ୟେକଟି ଅଂଶ ପ୍ରତ୍ୟେକକୁ ସହଯୋଗ କରିଥାଏ । ପିଣ୍ଡ ମଧ୍ୟରେ ବ୍ରହ୍ମଚିତ୍ତ, ଚୈତନ୍ୟ, ମତିର ସ୍ୱଭାବକୁ ନେଇ ଆସିବା ସମୟରେ (ସୂକ୍ଷ୍ମ ଅବସ୍ଥାରେ) ଜୀବବ୍ରହ୍ମଃର ଭାବପ୍ରକୃତି ଖଣ୍ଡଗୁଡ଼ିକ ଭୂମିଷ୍ଠ ହେବାପରେ ଅଧିକ ଅଂଗଚାଳନାରେ ସାହାଯ୍ୟକରେ । ଜରାୟୁ ମଧ୍ୟରେ ଜଡ଼ଅବସ୍ଥାରେ ଯେଉଁ ଅଙ୍ଗଚାଳନା ହୁଏ, ଜରାୟୁରୁ ବାହାରି ଆସିବାପରେ ପୂର୍ଣ୍ଣମାତ୍ରାରେ ଆସୁରିକ ଶକ୍ତିଦ୍ୱାରା ତାହାର ସଂପ୍ରସାରଣ ହୁଏ । ଏହି ଆସୁରିକ ଶକ୍ତିର ପ୍ରାବଲ୍ୟରୁ ବ୍ରହ୍ମ ଲୁପ୍ତଅବସ୍ଥା (ଲୁକ୍କାୟିତଭାବ)ରେ ରହିଯାଏ । ପାଞ୍ଚ/ଛଅମାସ ପର୍ଯ୍ୟନ୍ତ ଏପରି ଲୁକ୍କାୟିତ ଅବସ୍ଥାରେ ଜରାୟୁରେ ରହି ଅବୟବ ସୂକ୍ଷ୍ମ କ୍ରିୟାଶୀଳ ହୁଏ । ଜୀବବ୍ରହ୍ମର ଚୈତନ୍ୟଅଂଶ ଗୁଡ଼ିକ ତେଜସ୍ୱୀ ଥାଏ । ଜ୍ୟୋତିଃର ତେଜସ୍ୱୀ ଅଂଶଦ୍ୱାରା ଆସୁଥିବା ପୁରୁଷାକାର ଶକ୍ତି ଚୈତନ୍ୟ ରାଜ୍ୟରେ ପହଞ୍ଚି ପିଣ୍ଡପୁରୁଷର କିରଣ ଅଂଶକୁ ଭେଦ କରି କୋଷକୁ ଢାଙ୍କି ହୋଇ ରହିଥାଏ ।

ଯେଉଁ ଜୀବର ସଂକ୍ରାନ୍ତି କାଳରେ ବିନ୍ଦୁସ୍ଥାପନା ହୋଇଥାଏ, ତାର ମାଆ ଦୁର୍ବଳ ଅବସ୍ଥା ପ୍ରାପ୍ତ ହୁଏ । ଜରାୟୁସ୍ଥ ଜୀବର କମ୍ପନ ଅବସ୍ଥାରେ ମାଆର କମ୍ପନ ଅବସ୍ଥା ଆସେ । ଫଳରେ ସେ ଜୀବ ଜରାୟୁରେ ଥାଇ ନଷ୍ଟ ହୋଇଯାଏ କାରଣ, ପିତୃଯାନ ମଣ୍ଡଳରୁ ପାଉଥିବା ସୌରୀୟ ଅଂଶଶକ୍ତିଦ୍ୱାରା ଗ୍ରହନକ୍ଷତ୍ରାଦିର ତପଯୋଗରୁ ପିଣ୍ଡପୁରୁଷର ଚେତାବାଟର ଯେଉଁ ଅଣୁଅଂଶ ବ୍ରହ୍ମଙ୍କ ଇଚ୍ଛାଶକ୍ତି ସ୍ୱରୂପ ଜୀବ ମଧ୍ୟରେ ପ୍ରବେଶ କରିବା କଥା, ତାହା ନ ହେବାରୁ ପୁନଃ ପୁନଃ ଗର୍ଭସ୍ଥ ଶିଶୁ ନଷ୍ଟ ହୋଇଯାଏ । ଏହି ଅବସ୍ଥାଚକ୍ରରେ ଶିଶୁ ନଷ୍ଟ ନହୋଇ ଭୂମିଷ୍ଠ ହେଲେ ଆଜନ୍ମ ମୂକ, ବଧିର, ଅନ୍ଧ ବା ଜୀବନର ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ରୋଗଯନ୍ତ୍ରଣା ଭୋଗ କରିବାକୁ ବାଧ୍ୟ ହୁଏ । ଜନ୍ମାନ୍ଧ ଶିଶୁର ଚକ୍ଷୁ ମୁଦ୍ରିତ ହୋଇଥିଲେ ହେଁ, ମାନସ ସ୍ମୃତିର ଅଣୁକୋଷଗୁଡ଼ିକ ସକ୍ରିୟ ହୋଇଥାଆନ୍ତି ।

ସ୍ମୃତିଶକ୍ତି ଅଧିକ ହୁଏ । ଯେ କୌଣସି କଥା ଶ୍ରବଣ କଲେ, ଅତିଶୀଘ୍ର ସେମାନେ ମନେ ରଖିପାରନ୍ତି । ସେମାନଙ୍କର ଶ୍ରୁତିଶକ୍ତି ଓ ସ୍ମୃତିଶକ୍ତି ଉଭୟ ପ୍ରବଳ ଭାବରେ ଗ୍ରହଣ କରିବାକୁ କ୍ଷମ ହୋଇଥାଏ । କାରଣ, ସୂକ୍ଷ୍ମସୂତ୍ରିକ ଅନୁଭିତ୍ତିମୂଳକ ଚୈତନ୍ୟ ଜରାୟୁରେ ଯେଉଁ ହରିଦ୍ରାରେଣୁ ଅଂଶ ଯୋଗାଇଥାଏ, ତାହା ଗ୍ରହନକ୍ଷତ୍ରାଦିର ଚଳନ ମାଧ୍ୟମରେ ତିଥି ବାର ଲଗ୍ନ ଆନୁପାତିକ କ୍ରିୟାଶୀଳ ହେବାକୁ ବାଧ୍ୟ ହୋଇଥାଏ ।

ସୌରଶକ୍ତି ସ୍ପର୍ଶନଶକ୍ତିର କ୍ରିୟାଦ୍ୱାରା ଅଧିକ ମାତ୍ରାରେ ଉତ୍ତୋଳିତ ହୋଇଥାଏ । ଶୃଣବୃଙ୍ଗଶକ୍ତି ସଂଯୋଗ ଦ୍ୱାରା ଜୀବବ୍ରହ୍ମ ସକ୍ରିୟ ହୋଇ ମାନସ କେନ୍ଦ୍ରକୁ ଅଧିକ ମାତ୍ରାରେ ଶବ୍ଦ ଯୋଗାଏ । ଏହି ସବୁ ଶବ୍ଦ କ୍ରିୟାଶୀଳ ହୋଇ ପ୍ରତିଟି ରନ୍ଧ୍ରକୁ ମତିଦ୍ୱାରା ସୂକ୍ଷ୍ମ ରାଜ୍ୟରେ ପହଞ୍ଚିଥାଏ । ସ୍ଥୂଳ ଶରୀରରେ ମଧ୍ୟ ଏହା ଢେଉ ଗଣି ସ୍ଥୂଳ ବୁଦ୍ଧିବିବେକର କର୍ମାନୁଷ୍ଠାନ ଗଢ଼ିତୋଳେ । ଏହାଦ୍ୱାରା ଜୀବନର ସ୍ଥିରତା, ଅସ୍ଥିରତା ଇତ୍ୟାଦି କ୍ରିୟାଚଳନ ସ୍ଥୂଳ ଚେତାଶକ୍ତି ଦ୍ୱାରା ଜଣାପଡ଼ିଥାଏ ।

ଏହି ସ୍ଥୂଳ ଚେତାଶକ୍ତି ସମୟ ସମୟରେ ଦୂରଦୃଷ୍ଟି ବା ସୂକ୍ଷ୍ମଦୃଷ୍ଟି ଭଳି ମଧ୍ୟ ଶବ୍ଦ ଯୋଗାଇଥାଏ । ଫଳରେ ଅନେକ ସମୟରେ ଜୀବ ପୂର୍ବରୁ ଜାଣିଥିବା ଭଳି ଅବଶ୍ୟମ୍ଭାବୀ କଥାମାନ ବାକ୍ୟଦ୍ୱାରା ପ୍ରକାଶ କରିଥାଏ । ଅଚେତନ ଜୀବ ଏହା ସନ୍ଦେହ କରୁଥିବାରୁ ଏହା ତା'ସ୍ମୃତିକୁ ଆସି ମଧ୍ୟ ପରକ୍ଷଣରେ ସ୍ମୃତିରୁ ଦୂରେଇଯାଇ ବିସ୍ମୃତ ହୋଇଯାଏ । କିନ୍ତୁ ଚେତନଜୀବର ମୁଖ ନିଃସୃତବାଣୀ ସତ୍ୟରେ ପରିଣତ ହୋଇଯାଏ । ଚୈତନ୍ୟଜୀବ ମାତୃଜରାୟୁରୁ ସବୁ ଚିନ୍ତାଚୈତନ୍ୟ ଶକ୍ତିକୁ ଜ୍ଞାନମୟକୋଷ ପିଣ୍ଡଦ୍ୱାରା ଆଚ୍ଛାଦିତ କରି ରଖିଥାଏ । ଏହି ଆଚ୍ଛାଦନ କାର୍ଯ୍ୟ ବ୍ରହ୍ମଙ୍କ ଇଚ୍ଛାନୁସାରେ ହୁଏ । ପିତାମାତାଙ୍କ ସୁକୃତରୁ ବା ଐଶ୍ୱର୍ଯ୍ୟ ଫଳଭୋଗରୁ ହୋଇନଥାଏ । ଏହା ବିନ୍ଦୁ ସ୍ଥାପନା କାଳର ଗ୍ରହ, ନକ୍ଷତ୍ରାଦିର ଚଳନ ତିଥି, ବାର, ଲଗ୍ନାଦି କାରଣରୁ ସମ୍ଭବ ହୋଇଥାଏ ।

ଗୁରୁଦ୍ୱାର ଧନ ଅନଳ ପରି ।
ଆତ୍ମସାତ୍ କଲେ ସରମା ସରି ॥
ପରଜନ୍ମହେବ ହତାଶାମୟ ।
ପୁଣ୍ୟ ଥାଉଁ ହେବ ଆୟୁଷ କ୍ଷୟ ॥

ଶ୍ରୀପଦରେ ମତି ରଖ ନିଶ୍ଚଳେ ।
ଶ୍ରୀପଦ ପଙ୍କଜୁ ଯେ ଜ୍ୟୋତି ଝଳେ ।
ସେ ଜ୍ୟୋତିରେ ସ୍ନାନ କର ନିରତ ।
ସତ୍ୟ ଧର୍ମ ପଥେ ଚଳ ସତତ ॥



# କଲ୍ୟାଣ ଦେଲି ତୋତେ

"ନତଶିରେ ମୋ ଝରିପଡୁ ପ୍ରଭୁ, ତମ ଶ୍ରୀଚରଣ ରେଣୁ ।
ଇନ୍ଦ୍ରିମୋହର ଅତୀତ ହେଉହେ ଶୁଣି ସେ ମୋହନ ବେଣୁ ॥"

ବିଶ୍ୱପ୍ରାଣ ବିଶ୍ୱବନ୍ଧୁ ଶ୍ରୀ ଶ୍ରୀ ଠାକୁରଙ୍କର ଅପାର କରୁଣାର ଧାରା ଆମ ନତମସ୍ତକରେ ଅବିରତ ଝରି ପଡୁଛି କଲ୍ୟାଣ ଦେଲି ତୋତେର ପଙ୍କ୍ତିରେ ପଙ୍କ୍ତିରେ । ଚରମ ପୁରୁଷର ଚରମ ସନ୍ତାନଗଣଙ୍କ ପାଇଁ ଏହାହିଁ ବାସ୍ତବରେ ପ୍ରକୃତ ଆଶୀର୍ବାଦ ମାଳା । ଏହାରି ମଧ୍ୟରେ ଭରି ରହିଛି ନିତ୍ୟଶାନ୍ତି । 'କଲ୍ୟାଣ ଦେଲି ତୋତେ' ପ୍ରତିଦିନ ସଂଜ ସକାଳେ ପ୍ରତି ସତ୍‌ସଙ୍ଗରେ ଅବଶ୍ୟ ପଠନୀୟ ଏବଂ ଅନୁସରଣୀୟ ॥

ଚରମରେ :

ଗତ ଥର ମୁଁ ପରା ତୋତେ ଅବ୍ୟକ୍ତମଣ୍ଡଳରୁ ଜ୍ଞାନତତ୍ତ୍ୱର ଅବତରଣ ସମ୍ପର୍କରେ କହୁଥିଲି, ତୋର ମନେଥିବ ନିଶ୍ଚୟ । ମନେ ନଥିଲେ ପୁଣିଥରେ ମୋ ପୂର୍ବକଲ୍ୟାଣକୁ ପଢ଼ିନେଇ ଏହାକୁ ପଢ଼ିବୁ ବାବୁ ।

ଆମର ଚେତନଶୀଳ ଓ କ୍ରିୟାଶୀଳ ପୁତ୍ରମାନେ ଧରାଧାମକୁ ଆମରି ଆଜ୍ଞା, ଆଦେଶ ଓ ଆଶୀର୍ବାଦକୁ ଶିରୋଧାର୍ଯ୍ୟ କରି ଜଗତକଲ୍ୟାଣ ଉଦ୍ଦେଶ୍ୟରେ ଅବତରି ଆସନ୍ତି । ଏହିମାନେ ଏ ଧରାପୃଷ୍ଠରେ ଗୁରୁଅଙ୍ଗରେ ଅବସ୍ଥାନ କରି ସ୍ରଷ୍ଟାଙ୍କର ଲୀଳା ସମ୍ପାଦନ କରନ୍ତି ଓ ମାୟାବଦ୍ଧ ଜୀବର ଅଜ୍ଞାନତା ଦୂର କରି ସ୍ରଷ୍ଟାଙ୍କୁ ଅନୁଭବ କରିବାର ପାଥେୟ ଯୋଗାଇଥାଆନ୍ତି । କିନ୍ତୁ, ଚରମରେ ! ତୋର ପିତା ସେହି ଅବ୍ୟକ୍ତମଣ୍ଡଳାଧିପତିଙ୍କର ଲୀଳା ଅତି ବିଚିତ୍ର । ସେ ତାଙ୍କ ସୃଷ୍ଟ ଜଣେ ପୁତ୍ରକୁ ସମସ୍ତ ଜ୍ଞାନ ଦିଅନ୍ତି ନାହିଁ କି ସମସ୍ତପଥ ମଧ୍ୟ ଦେଖାନ୍ତି ନାହିଁ । ପ୍ରତିଟି ଜ୍ଞାନ, ତତ୍ତ୍ୱ, ମତ ଓ ପଥ ପାଇଁ ଜଣେ ଜଣେ ମାନସପୁତ୍ର ସୃଷ୍ଟିକରି ତାଙ୍କୁ ସେହି ଜ୍ଞାନ ଓ ତତ୍ତ୍ୱରେ ପରିପୂର୍ଣ୍ଣ କରି ସେହି ମତରେ ଓ ପଥରେ ଧରାଧାମକୁ ପଠାଇଥାଆନ୍ତି ।

ଚେତନଶୀଳ ସନ୍ତାନମାନେ ଯେପରି ପ୍ରତ୍ୟେକେ ଅଲଗାଅଲଗା ଜ୍ଞାନତତ୍ତ୍ୱ ନେଇ ଓହ୍ଲାଇ ଥାଆନ୍ତି, ଠିକ୍ ସେହିପରି କ୍ରିୟାଶୀଳ ସନ୍ତାନମାନେ ମଧ୍ୟ ଭିନ୍ନ ଭିନ୍ନ ପଥ ଦେଇ ସେ ମଣ୍ଡଳ ଭିତରେ ପ୍ରବେଶ କରନ୍ତି ଏବଂ ଭିନ୍ନ ଭିନ୍ନ ଜ୍ଞାନ ଓ ଶକ୍ତି ଆହରଣ କରନ୍ତି । କିନ୍ତୁ, ନିଜ ଲୀଳାର ସାର୍ଥକତା ପାଇଁ ପରମପିତା ଅସଲ ଚାବିକାଠିଟିକୁ ନିଜ ହାତରେ ରଖିଥାଆନ୍ତି । ଫଳରେ ଜଣଙ୍କର ଜ୍ଞାନ, ତତ୍ତ୍ୱ, ସିଦ୍ଧିର ସୀମା ରହସ୍ୟ ଅନ୍ୟମାନଙ୍କୁ ଅଜଣା ରହିଯାଏ । ସେମାନେ କେହି କାହାରିକୁ ଠିକ୍ ଭାବରେ ମାପି ପାରନ୍ତି ନାହିଁ । ପରସ୍ପର ପରସ୍ପରକୁ ଜାଣିବାକୁ ବା ବୁଝିବାକୁ ଚେଷ୍ଟା ସୁଦ୍ଧା କରନ୍ତି ନାହିଁ । ସ୍ରଷ୍ଟାପୁରୁଷଙ୍କର ବିଚିତ୍ର ଅଦ୍ଭୁତ ଲୀଳାରେ ଅଭିଭୂତ ହୋଇ ସେମାନେ ନିଜେ ନିଜକୁ ସ୍ୱୟଂସଂପୂର୍ଣ୍ଣ ବୋଲି ମନେ କରନ୍ତି ଓ ତାହା ନିଜ ନିଜର ଶିଷ୍ୟଗଣଙ୍କ ମଧ୍ୟରେ ଓ ମାଧ୍ୟମରେ ସମାଜରେ ପ୍ରଚାର ପ୍ରସାର କରନ୍ତି । ନିଜର ଅର୍ଜିତ ଭାବଧାରାକୁ ଏକାନ୍ତ ଭାବରେ ଜାହିରକରି ଅନ୍ୟଭାଇଟିକୁ ତାଙ୍କ ଠାରୁ ବହୁଭାବରେ ନ୍ୟୁନ ମନେ କରନ୍ତି । ସେମାନେ ଗୁରୁଅଙ୍ଗରେ ଆସି ସମାଜରୁ ଅଜ୍ଞାନ ଅନ୍ଧକାର ଦୂର କରିବା ପାଇଁ

ଶିଷ୍ୟ, ଭକ୍ତ, ଦାସ, ଅନୁଗତ ଗ୍ରହଣ କରି ସେମାନଙ୍କୁ ସାର୍ବଜନୀନ ମନ୍ତ୍ର ପ୍ରଦାନ କରି ଏକ ସ୍ୱତନ୍ତ୍ର ସମ୍ପ୍ରଦାୟ ଗଢ଼ି ଅନ୍ୟଗୁରୁଅଙ୍ଗ ଓ ସେମାନଙ୍କର ସମ୍ପ୍ରଦାୟକୁ ତୁଚ୍ଛ ମନେ କରନ୍ତି ଓ ସେହି ମନୋଭାବ ନିଜ ନିଜର ଶିଷ୍ୟମାନଙ୍କ ମନରେ ଆରୋପ କରିଦିଅନ୍ତି ।

ସେଥିପାଇଁ କେବଳ ଯେ ଭିନ୍ନ ଭିନ୍ନ ସଂପ୍ରଦାୟ ଗଢ଼ି ଉଠେ ତା ନୁହେଁ: ସମ୍ପ୍ରଦାୟ ମଧ୍ୟରେ ମତାନ୍ତର, ମନାନ୍ତର, ବିଦ୍ୱେଷଭାବ, ବାଦବିସମ୍ବାଦ ଇତ୍ୟାଦି ଆଧ୍ୟାତ୍ମିକଜୀବନର ପରିପନ୍ଥୀ ଭାବ ସବୁ ଅଙ୍କୁରିତ ହୋଇ ସାମାଜିକ, ମାନବିକ ଧର୍ମରେ ଅଧିକରୁ ଅଧିକ ଗ୍ଳାନି ଭରି ଦେଇଥାଏ । ଆଜିର ସାମାଜିକ, ମାନବିକ, ଧାର୍ମିକ, ଆଧ୍ୟାତ୍ମିକ, ପରମାର୍ଥିକ ଜୀବନରେ ଏହାର ଯଥେଷ୍ଟ ଜ୍ୱଳନ୍ତ ପ୍ରମାଣ ଓ ଉଦାହରଣ ପରିଲକ୍ଷିତ ହୁଏ । ଏହା ଏକ ସାମ୍ପ୍ରଦାୟିକ ପ୍ରତିବନ୍ଧ ରୂପେ ଛିଡ଼ାହୋଇ ପରମାର୍ଥ ପିପାସୁ ସଦାତ୍ମାଗଣଙ୍କର ଈଶ୍ୱରୋପଲବ୍ଧି ପଥରେ ବହୁ ବାଧାବିଘ୍ନ ସୃଷ୍ଟିକରିଥାଏ, ଏବେ ମଧ୍ୟ କରୁଛି ।

ଗୁରୁଅଙ୍ଗ ଧରି ଧରାପୃଷ୍ଠକୁ ଆସିଥିବା ଚେତନାଶୀଳ ଓ କ୍ରିୟାଶୀଳ ପୁରୁଷମାନଙ୍କ ଭିତରେ ଜଣେ ଅନ୍ୟମାନଙ୍କୁ ଜାଣିବାର ଶକ୍ତି ଯେ ନଥାଏ ତା ନୁହେଁ, ସ୍ରଷ୍ଟାପୁରୁଷଙ୍କ ଆଶୀର୍ବାଦରୁ ସେମାନେ ଅଖଣ୍ଡ ଶକ୍ତିର ଅଧିକାରୀ ହୋଇଥାଆନ୍ତି । ସେମାନେ ଚାହିଁଲେ ସାମାନ୍ୟତମ ଉଦ୍ୟମରୁ ପ୍ରତ୍ୟେକେ ପ୍ରତ୍ୟେକଙ୍କୁ ଚିହ୍ନି ପାରନ୍ତେ ଏବଂ ଏହି ସୃଷ୍ଟିକୁ ଅଧିକ ମଧୁମୟ ମଧ୍ୟ କରିପାରନ୍ତେ । ମାତ୍ର, ଥରେ ଗୋଟିଏ ମତରେ ବା ପଥରେ ସଂପୂର୍ଣ୍ଣତା ଲାଭ କରିବା ପରେ ପରମପିତାଙ୍କର ଲୀଳାର ଆଧାର-ଅଙ୍ଗ ହୋଇଯାଇ ଯେତିକି ପାଇଥାଆନ୍ତି, ତାହା ପରଂବ୍ରହ୍ମଙ୍କ ସମ୍ପର୍କରେ ଅସଂପୂର୍ଣ୍ଣ ଜ୍ଞାନ ହେଲେ ହେଁ, ସେଥିରେ ବୁଡ଼ିଯାଇ ଖେଳୁ ଥାଆନ୍ତି - ଲୀଳା କରୁଥାଆନ୍ତି । ପୁଅ ହୋଇ ବାପକୁ କଣ ସେମାନେ ଚିହ୍ନି ନାହାନ୍ତି ? ବାପର ଶକ୍ତି ଜାଣି ନାହାନ୍ତି ? ଠିକ୍ ଚିହ୍ନିଛନ୍ତି, ଜାଣିଛନ୍ତି । କିନ୍ତୁ ନିଜର ଏ ଗୋପନୀୟତା ଶିଷ୍ୟଅନୁଗତଙ୍କୁ ଆଗରେ ପ୍ରକାଶ କରନ୍ତି ନାହିଁ କି ସେମାନଙ୍କୁ ଚିହ୍ନାଇ, ଜଣାଇ ଦିଅନ୍ତି ନାହିଁ । କେବଳ ନିଜର ମତକୁ ବିତରଣ କରି ଓ ପ୍ରଭୁତ୍ୱ ବିସ୍ତାର କରି, ନିଜନିଜ ମତରେ, ପଥରେ ଜୀବଙ୍କୁ ସ୍ରଷ୍ଟାଙ୍କ ସନ୍ନିଧାନକୁ ନେଇଯିବାକୁ ଅତିଶୟ ଆଗ୍ରହୀ ହୋଇଯାଆନ୍ତି । ନିଜ ଜ୍ଞାନର ଆଧାରରେ ଅନେକ ବାଣୀ, ଉପଦେଶବାକ୍ୟ ଜୀବଜଗତକୁ ଦେଇଥାଆନ୍ତି ।

ତେଣୁରେ ଅଲିଅଳ ପୁତ୍ର ମୋର, ପ୍ରତିଟି ସମ୍ପ୍ରଦାୟ ଓ ସେ ସମ୍ପ୍ରଦାୟର ପ୍ରବର୍ତ୍ତକ ଗୁରୁଅଙ୍ଗ ପୂଜ୍ୟ, ଆରାଧ୍ୟ । ତୁ ସେମାନଙ୍କୁ ଭକ୍ତି ସହକାରେ ପ୍ରଣାମ ଓ ସମ୍ମାନ ପ୍ରଦର୍ଶନ କରିବୁ । କାହାରିକୁ ନ୍ୟୁନ ବା ଅସଂପୂର୍ଣ୍ଣ ମନେ କରିବୁ ନାହିଁଟି ଧନମଣି ! କାହାରି ପ୍ରତି ଅସୂୟାଭାବ ପ୍ରକଟ ବା ପୋଷଣ କରିବୁ ନାହିଁ । ତୋ ପାଇଁ ସମସ୍ତେ ସମାନ, ସମସ୍ତେ ତୋ ପିତାଙ୍କର ସୃଷ୍ଟି । ସବୁ ସମ୍ପ୍ରଦାୟର ଉତ୍ସ ହେଉଛନ୍ତି ତୋର ପିତା-ପୂର୍ଣ୍ଣ ପରଂବ୍ରହ୍ମ । ଅତି ସତର୍କତାର ସହ ତାଙ୍କର ଅମୀୟ ଲୀଳା ଉପଭୋଗ କରିବୁ । ସୂକ୍ଷ୍ମ ଅନୁଭୂତିରେ ଆଣିବା ପାଇଁ ସଯତ୍ନ ସାଧନା କରିବୁ । ଗୋପନରେ, ଧିରେ ଧିରେ ଲୀଳା ସୂତ୍ରଟିକୁ ଖୋଲିଖୋଲି ଯାଉଥିବୁ । କଣ ଆମ କଥା ମନକୁ ପାଇଲା ନା ନାହିଁ ? ବିଶ୍ୱାସ ହେଲା କି ନାହିଁ ?

ଚରମରେ, ଗଜାମାଛି ମୋର ! ତୋତେ ସବୁ ଗୋପନ କଥା, ନିଗୂଢ଼ ନିଗମ କଥା ଏହିପରି କ୍ରମଶଃ କହିଦେବି, ବୁଝାଇଦେବିରେ ଧନ ! ଅବୁଝା ହୋ ନାହିଁ । ଧାରାକୁ ନିୟମିତ ଧରିଥିବୁ, ତାହାହିଁ ତୋର ରକ୍ଷାକବଚ । ଆପଣା ଇଚ୍ଛାରେ, ପରର ଦେଖାଶିଖାରେ ଏ ରକ୍ଷା କବଚକୁ କଦାପି ତ୍ୟାଗ କରିବୁନି ବାପ ! ଆମେ ପରା ବିଧି । ଆମେ ନିଜେ ତୋ ପାଇଁ ଯେଉଁ ବ୍ୟକ୍ତିଗତ ବିଧାନ ଦେଇଛୁ, ତାହା ଅମାନ୍ୟ କଲେ, ଆମେ ଆମ ବାଟରେ ବିଧାନ ମାନି ଚଳିଯିବୁ । ତେଣିକି, ତୋର କଳାକରଣିର ଫଳ ତୁ ଭୋଗିବୁ । ଆମକୁ ଦୋଷ ଦେଲେବି ତହିଁରେ ଆମର କଣ ହୋଇଯିବ ଯେ ? ବୁଝିଲୁ ଟି ?

ଏଥରକ ଏତିକି ଧନ, ପୁଣି ଆସନ୍ତା ଥରକୁ ଏଇଠୁ ଆରମ୍ଭ କରିବି । ପୂର୍ବ ଓ ପର ମିଳାଇ ବାରମ୍ବାର ପଢ଼ି ମନେରଖି ସାବଧାନରେ ଚଳୁଥିବୁ । ସମୟ ପାଖେଇ ଆସିଲାଣି । କେତେବେଳେ ଯେ କି ଅଘଟଣା ଘଟିଯିବ, କିଏ କହେ ନା କହିବ ? ଆମେ ତୋତେ ସତର୍କ କରି ଧାରାଧରି ନିଷ୍ଠାରେ ଚଳିବାକୁ କହିଛୁଁ, କହୁଛୁଁ ଏବେବି । ତେଣିକି ତୋର ମନ, ଇଚ୍ଛା, ତୋର କରଣି ।

॥ ଇତି ॥

ତୋର ଚିରମଙ୍ଗଳାକାଂକ୍ଷୀ,

ପିତା

▲▼▲

# କେଶବ କୈବଲ୍ୟ କଣିକା

*ବହୁଅନୁଗତ ଶିଷ୍ୟଭକ୍ତ ପ୍ରତ୍ୟହ ଶ୍ରୀଶ୍ରୀ ଠାକୁରଙ୍କର ପଦ୍ମପାଦପୀଠରେ ଏକତ୍ର ହୋଇ ବ୍ୟକ୍ତିଗତ ବା ସମବେତ ଭାବରେ ନାନାଦି ସମସ୍ୟା ଉତ୍ଥାପନ କରି ସମାଧାନ ପ୍ରାର୍ଥନା କରନ୍ତି । ପ୍ରଭୁପାଦ ଗୁରୁସ୍ୱାମୀ ଶ୍ରୀଶ୍ରୀଶ୍ରୀ ଠାକୁର ଏହି ଅବସରରେ ଆଲୋଚନା କରନ୍ତି ନାନା ପ୍ରସଂଗରେ । ପ୍ରଭୁଙ୍କର ଅଧରପଲ୍ଲବରୁ ଝରିପଡ଼େ କୈବଲ୍ୟ କଣିକା । ଜଗତ କଲ୍ୟାଣ, ଲୋକଶିକ୍ଷା ଓ ଚରିତ୍ରଗଠନ ଲକ୍ଷ୍ୟରେ ଚରମ ପୃଷ୍ଠାରେ ଏହା ନିୟମିତ ପ୍ରକାଶିତ ହୋଇ ଆସୁଛି ।*

* ଯେ ପର୍ଯ୍ୟନ୍ତ ମନ ଚଞ୍ଚଳ ଥାଏ, ଧନର ଲାଳସା ଥାଏ, କାମର କାମନା ଥାଏ, ଯେ ପର୍ଯ୍ୟନ୍ତ ଛଳନା ଓ ମିଥ୍ୟାଚାର ଥାଏ: ସେ ପର୍ଯ୍ୟନ୍ତ ସାଧନ ପଥ ସୁଗମ ନୁହେଁ ।
* ଅନ୍ୟ କୌଣସି ଦେଶ ନୁହେଁ କେବଳ ଭାରତ, ଏବଂ ଅନ୍ୟକୌଣସି ତଥାକଥିତ ଧର୍ମ ନୁହେଁ ଏକମାତ୍ର ସନାତନ ମାନବିକ ଧର୍ମ ହିଁ ସତ୍ୟ, ଶାନ୍ତି, ଅହିଂସା, ପ୍ରେମ, କ୍ଷମା, ଦୟା, ଧର୍ମ ଓ ଭାତୃତ୍ୱଭାବ ବିଶ୍ୱରେ ପ୍ରତିଷ୍ଠା କରିପାରେ । ଗଭୀର ଅଧ୍ୟୟନ ଓ ସତ୍ୟାନୁଶୀଳନ ହିଁ ଏ କ୍ଷେତ୍ରରେ ଏକମାତ୍ର ସମ୍ବଳ ଓ ସହାୟକ ।
* ଯେ ପର୍ଯ୍ୟନ୍ତ ସମସ୍ତ ଜୀବରେ ସମଭାବ ଆସି ନଥାଏ, ଯେତେବେଳ ପର୍ଯ୍ୟନ୍ତ ପ୍ରୟୋଜନରହିତ ମିତ୍ରତା, କୌଣସି ସ୍ୱାର୍ଥ ନଥାଇ ସକଳମାନବରେ ଆତ୍ମୀୟଭାବ ନ ଆସେ, ସେ ପର୍ଯ୍ୟନ୍ତ ତତ୍ତ୍ୱ ପଥ ଧରିବା କଷ୍ଟ ।
* ଯେତେବେଳେ ମଣିଷର ମନ ସକଳବିଷୟରୁ ନିବୃତ୍ତ ହୁଏ, ସେତେବେଳେ ତତ୍ତ୍ୱଜ୍ଞାନର ମାର୍ଗ ସୁଗମ ହୋଇଥାଏ ଏବଂ ଈଶ୍ୱରଙ୍କର ସାକ୍ଷାତକାର ଦ୍ୱାରା ମୋକ୍ଷ ପ୍ରାପ୍ତି ହୁଏ ।
* ଯେଉଁ ପରମାତ୍ମା ପରମେଶ୍ୱରଙ୍କ ଠାରୁ ସକଳବ୍ରହ୍ମାଣ୍ଡ ସୃଷ୍ଟିହୋଇ ମହାପ୍ରଳୟ କାଳରେ ଲୀନ ହୋଇଥାଏ, ସେହି ପରମାତ୍ମାଙ୍କ ସହିତ ମିଳିତ ହେବାହିଁ ମୋକ୍ଷ ଲାଭ ॥
* ଜୀବନ ଏକ ପ୍ରଦୀପ ସଦୃଶ । ଏଥିରେ ଜ୍ଞାନରୂପକ ଅଗ୍ନିଶିଖା ସଂଯୋଜିତ ହେଲେ, ଏହା (ମାନବଜୀବନ) ବ୍ୟକ୍ତି, ସମାଜ, ଦେଶ ତଥା ବିଶ୍ୱର କଲ୍ୟାଣ ଅବଶ୍ୟ ସାଧନ କରିବ ହିଁ କରିବ ।
* ସୃଷ୍ଟିଟା ଭଡ଼ାଘର । ଭଡ଼ାଘରେ ଆସି ରହିଥିବା ବ୍ୟକ୍ତିର କାମ ସରିଗଲେ, ଯେପରି ଭଡ଼ାଘର ଛାଡ଼ି ଚାଲିଯାଏ, ସେହିପରି ଏ ସୃଷ୍ଟି ରୂପକ ଭଡ଼ାଘରେ ଜୀବର କାମ ଶେଷ ହେଲେ, ସେ ମଧ୍ୟ ବିଦାୟ ନେଇ ଚାଲିଯାଏ ।
* ଉପବାସର ଅର୍ଥ ନ ଖାଇବା ନୁହେଁ । ଉପ+ବାସ । ଉପର ଅର୍ଥ ସହଯୋଗ, ସଂଯୋଗ, ସଂଲଗ୍ନ ହୋଇ ନିକଟତର ହେବା ଏବଂ ବାସର ଅର୍ଥ ସଦାଚାର ସହିତ ରହିବା । ତେଣୁ, ସଦାଚାର ଭାବରେ ଇଷ୍ଟଙ୍କ ପ୍ରତି ବା ସହିତ ସଂଲଗ୍ନ ହୋଇ ନିକଟତର ରହିବାକୁ ହିଁ ଉପବାସ କୁହାଯାଏ ।
* ପ୍ରାଣୀ ଅନ୍ତରରେ କାମିନୀ ଓ କାଞ୍ଚନ ଗ୍ରହଣ କରିବାର ଭାବ ରହିଛି । ଯେଉଁ ସ୍ତରକୁ ଗଲେ, କାମିନୀକାଞ୍ଚନ ଛାଡ଼ି ପାରିବା କଥା, ସେହି ସ୍ତରକୁ ନଗଲା ପର୍ଯ୍ୟନ୍ତ ତାହା ଛାଡ଼ି ପାରିବ ନାହିଁ । ଦର୍ଶନଯୋଗୀମାନେ ସେହିସ୍ତରରେ ଥାଇ ଫଳଭୋଗ ଦର୍ଶାଇଯାଇଛନ୍ତି, ମାତ୍ର ପର୍ଯ୍ୟାୟ ଦର୍ଶାଇନାହାନ୍ତି ।
* ଗୁରୁ ନ କରି ମନକୁ ଶାସ୍ତ୍ର ପଢ଼ିଲେ, କିଛି ବୁଝି ପାରିବ ନାହିଁ କି ଜାଣି ପାରିବ ନାହିଁ । ଶାସ୍ତ୍ର ପଢ଼ି ବୁଝିବା ପାଇଁ ମାଧ୍ୟମ ଅର୍ଥାତ୍ ଗୁରୁଙ୍କର ଆବଶ୍ୟକତା ରହିଛି । ଗୁରୁବିନା ଶାସ୍ତ୍ର ଅଧ୍ୟୟନ କରି କିଛି ଫଳ ପାଇପାରିବ ନାହିଁ ॥
* **ଜ୍ଞାନପଥ ସନ୍ଦେହପୂର୍ଣ୍ଣ । ଜ୍ଞାନର ଆଦିଅଛି, ଅନ୍ତ ନାହିଁ । ଜ୍ଞାନତତ୍ତ୍ୱ ଯେତେ ବୁଝୁଥିଲେ, ଆଗକୁ ଆଗକୁ ସନ୍ଦେହ ସୃଷ୍ଟି ହୋଇଯାଉଥିବ । ଏଣୁ ପ୍ରକୃତ ଜ୍ଞାନୀମାନେ ଜ୍ଞାନପଥରେ ଭକ୍ତି ସାଇତି ରଖିଛନ୍ତି ॥**

* ଲୀଳାଅଙ୍ଗ ତାଙ୍କର ସମସ୍ତ କଳାର ଗୋଟିଏ ଗୋଟିଏ ଗୁଣନେଇ, ଗୋଟିଏ ଗୋଟିଏ ସେବାଅଙ୍ଗ ସଙ୍ଗରେ ଆଣି ଥାଆନ୍ତି । ଜଣେ କେବଳ ସବୁ ଗୁଣର ଅଧିକାରୀ ହୋଇ ପାରିବ ନାହିଁ । ତେଣୁ ପ୍ରତ୍ୟେକ ସେବାଅଙ୍ଗ ମାଧ୍ୟମରେ ନିର୍ଦ୍ଦିଷ୍ଟ ଗୋଟିଏ କର୍ମ କରି ସବୁକର୍ମ ପୂର୍ଣ୍ଣାଙ୍ଗ କରନ୍ତି ।
* ତମେମାନେ ସ୍ପଷ୍ଟବାଦୀ ହେବା ପାଇଁ ଏଠାକୁ ଆସିଛ । କୂଟଚକ୍ରୀଭାବ ହୃଦୟରେ ରଖନାହିଁ ॥
* ଗୁରୁଦ୍ୱାରରେ ଗୁରୁଙ୍କୁ ଇଚ୍ଛାଧୀନ ନକରି, ତାଙ୍କ ଇଚ୍ଛାକୁ ଅପେକ୍ଷା କରିବା ଉଚିତ । ପ୍ରଶ୍ନ ପ୍ରଚାରି ଉତ୍ତରକୁ ଅପେକ୍ଷା କରିବା ପରେ ଯେଉଁ ଉତ୍ତର ଆସିଥାଏ ତା ସହିତ ସିଦ୍ଧି ଆସିଥାଏ । ପ୍ରଶ୍ନ ପଚାରି ସଂଗେ ସଂଗେ ଉତ୍ତର ଲୋଡ଼ିଲେ, ଉତ୍ତର ଆସେ ସିନା, ହେଲେ ସିଦ୍ଧି ସେ ଉତ୍ତର ସହିତ ଆସେ ନାହିଁ ॥
* ଧର୍ମଶାସ୍ତ୍ରର ପ୍ରତ୍ୟେକ ଆଲୋଚନା ହିଁ ଆକ୍ଷେପମୂଳକ ଏବଂ ଜୀବର ସ୍ୱଭାବ ବିରୋଧୀ । ଧର୍ମଶାସ୍ତ୍ରର ଗୋଟିଏ ଶ୍ଳୋକ ବା ପଦ ଅନ୍ୟ ଏକ ଶ୍ଳୋକ ବା ପଦର ବିରୋଧୀ ।
* ଶୌର୍ଯ୍ୟବାନ୍ ଲୋକ ଆପଣାର ଉଦ୍ୟମରୁ କୌଣସି ଜନମଙ୍ଗଳକର କାର୍ଯ୍ୟ କରିବାକୁ ଯାଉଥିବା ବେଳେ ଯଦି ଏକାଧିକ ଲୋକଙ୍କ ସହ ପରାମର୍ଶ କରି ବିଭିନ୍ନ ପ୍ରକାରର ମତାମତ ଓ ମନ୍ତବ୍ୟ ଶୁଣେ, ତେବେ ସେ ବହୁବ୍ୟକ୍ତିଙ୍କର ପରାମର୍ଶ ପୂର୍ଣ୍ଣ ବୁଦ୍ଧିରୂପକ ପଙ୍କରେ ପଡ଼ି ଘାଣ୍ଟିହୋଇ ନଷ୍ଟ ହୋଇଯାଏ ।
* ଅନ୍ୟ ବ୍ୟକ୍ତିଙ୍କର ପରାମର୍ଶ ନଲୋଡ଼ି ନିଜ ବିବେକ ଅନୁଯାୟୀ କାର୍ଯ୍ୟ ସମ୍ପାଦନ କରିବା ଉଚିତ୍ । ଅପରର ବୁଦ୍ଧିରେ ମଣିଷ ବିପଦ୍‌ଗ୍ରସ୍ତ ଓ ନୀତିଭ୍ରଷ୍ଟ ହୁଏ । ତମେମାନେ ଯାହାକିଛି କରୁଛ, ତାହା କେତେଦୂର ବିବେକାନୁମୋଦିତ କାର୍ଯ୍ୟ, କରିବା ପୂର୍ବରୁ ଅନ୍ତତଃ ଥରେ ମାତ୍ର ବିଚାର କର ।
* ଅବସ୍ଥାର ପରିବର୍ତ୍ତନ ଘଟିଲେ ହିଁ ଲୋକ ମୁଖରୁ ଅପକୀର୍ତ୍ତି ଧିରେ ଧିରେ ଅପସରି ଯିବ ॥
* ଶୌର୍ଯ୍ୟହୀନ ମଣିଷକୁ କାତର କୁହାଯାଏ । ପ୍ରାଣଭୟରେ ଯେ ବ୍ୟାକୁଳ ସେ ହିଁ ଭୀରୁ ବା କାତର ॥
* ଯେ କୃପଣ ସେ ଧନଦାନ ବା ସେବାତ୍ୟାଗ କରିପାରେ ନାହିଁ । ସମସ୍ତଙ୍କର ଅପ୍ରିୟ ହୋଇ କାଳାତିପାତ କରେ । ଏମାନଙ୍କୁ ଅର୍ଥପିଶାଚ କୁହାଯାଏ ॥
* ସ୍ୱ-କଷ୍ଟୋପାର୍ଜିତ ଧନ ଲୋଭବଶତଃ ବହୁଜନହିତରେ ବିନିଯୋଗ ନକଲେ କିମ୍ବା ନିଜ ପାଇଁ ବ୍ୟୟ ନ କଲେ, ସେ ଧନ କାହାରି ଉପକାରରେ ଲାଗିପାରେ ନାହିଁ । ଧନର ସଦୁପଯୋଗ ନ କରିବା ବ୍ୟକ୍ତି ଦେଶର ଘୋର ଶତ୍ରୁ ଏବଂ ସମାଜର ଅନିଷ୍ଟ ଓ ଅମଙ୍ଗଳକାରୀ ଅଟେ ।
* ସକଳ କାର୍ଯ୍ୟରେ ଉଦ୍‌ଯୋଗର ଏକମାତ୍ର କାରଣ ହେଉଛି ମଣିଷର ଉତ୍ସାହ । ଉତ୍ସାହ ମନୁଷ୍ୟକୁ କର୍ମପ୍ରବଣ ତଥା କର୍ମ ତତ୍ପର କରାଏ । ଉତ୍ସାହହୀନ ବ୍ୟକ୍ତି ଆଳସ୍ୟରେ ବୁଡ଼ିରହି କୌଣସି କାର୍ଯ୍ୟ ସମ୍ପାଦନ ନିମନ୍ତେ ଉଦ୍ୟମ କରି ପାରେନାହିଁ ।
* ଯେପରି ସ୍ତ୍ରୀ ପାଇଁ ତାର ସ୍ୱାମୀ ଏବଂ ଶିଶୁପାଇଁ ତାର ମାଆ ଆଶ୍ରୟ ଅଟନ୍ତି, ସେହିପରି ଅଳସୁଆମାନଙ୍କ ପାଇଁ ଦୟାଳୁପୁରୁଷ ହିଁ ଏକମାତ୍ର ଭରସା । ଏହା ବ୍ୟତୀତ ଅଳସୁଆମାନଙ୍କର ଅନ୍ୟଗତି ନାହିଁ ।
* ଏହି ସ୍ଥୂଳଜଗତରେ ଯେତେ ସବୁ କାର୍ଯ୍ୟ ସମ୍ପାଦିତ ହୁଏ ସେ ସବୁର ମୂଳରେ କିଛିନା କିଛି କାରଣ ଥାଏ । ମନୁଷ୍ୟର ଶୌର୍ଯ୍ୟ, ବିବେକ ଏବଂ ଉତ୍ସାହ ଥିଲେ, ସେ ବୀରତ୍ୱ ପ୍ରାପ୍ତ ହୁଏ । ଏହି ତ୍ରିଗୁଣରୁ କୌଣସି ଗୋଟିକର ଅଭାବ ଥିଲେ ମନୁଷ୍ୟ ଚୌର୍ଯ୍ୟବୃତ୍ତି ଆଚରଣ କରେ ।
* ଯେଉଁ ଲୋକ ଅଜ୍ଞାତ ଘଟଣା ଅନୁମାନରେ ଜାଣିପାରେ ଏବଂ ଅଦୃଶ୍ୟପଥ ସମ୍ପର୍କରେ କଳନା କରିପାରେ, ସେହିଲୋକ ସୁବୁଦ୍ଧି ପୁରୁଷଭାବେ ପରିଗଣିତ ।

▲▼▲

# ଚରମ ଅଷ୍ଟମ ସଂଖ୍ୟାରେ "କଲ୍‌କୀ ଭବିଷ୍ୟତ ଗୀତା"ରୁ ଉଦ୍ଧୃତାଂଶର ବ୍ୟାଖ୍ୟା

ସିଦ୍ଧସାଧକ ମହାପୁରୁଷ ଅଚ୍ୟୁତାନନ୍ଦ ନିର୍ବିକଳ୍ପ ସମାଧିର କଳ୍କୀଗୁଞ୍ଜର ମଣ୍ଡଳରେ ରହି ନିରାକାର ପୁରୁଷଙ୍କ ଠାରୁ ଯାହା ଶୁଣିଛନ୍ତି, ଯାହା ଅନୁଭବ କରିଛନ୍ତି ଏବଂ ଦୃଶ୍ୟମାନ ଜଗତରେ ସୂକ୍ଷ୍ମଚକ୍ଷୁରେ ଯାହାକିଛି ଦେଖିଛନ୍ତି, ତାହା ଏହି ପଦରେ ଶବ୍ଦମାଳା ଗୁନ୍ଥି ଜଗତକଲ୍ୟାଣ ଉଦ୍ଦେଶ୍ୟରେ ପ୍ରକାଶ କରିଅଛନ୍ତି । ଏ ସକଳ ସୂକ୍ଷ୍ମତତ୍ତ୍ୱ ସାଧନାମାର୍ଗରେ ଅବିଚଳିତ ଥିବା ଯୋଗୀମାନଙ୍କ ନିମନ୍ତେ ଏକାନ୍ତ ଭାବରେ ଆଚରଣୀୟ ବସ୍ତୁ ଅଟେ ॥୧॥

ପିଣ୍ଡତତ୍ତ୍ୱ ଅନୁସାରେ ଅନ୍ନମୟ କୋଷକୁ ସାଲ ବୁଝାଏ । ସନ ବୋଇଲେ ବାୟୁଚଳନକୁ ବୁଝାଯାଏ । ମସିହା ଅର୍ଥ ଚଳନବାୟୁ ଦେହ ମଧ୍ୟରେ ଶିରା ପ୍ରଶିରାରେ ଖେଳି ଯାଇ ପିଣ୍ଡ ମଧ୍ୟରେ ପଞ୍ଚତତ୍ତ୍ୱକୁ ନିୟନ୍ତ୍ରଣ କରିବାକୁ ବୁଝାଇଥାଏ । ଶରୀର ମଧ୍ୟରେ ପ୍ରାଣ, ବ୍ୟାନ, ଉଦାନ, ଅପାନ ଓ ସମାନ ଏହି ପଞ୍ଚପ୍ରାଣବାୟୁ ସମଭାବରେ ଚଳପ୍ରଚଳ ହେଲେ ଧ୍ୟାନ, ଯୋଗ, ଲୟ, ଚିତ୍ତ ସ୍ଥିରତା ସମ୍ଭବ ହୁଏ । କୌଣସି ଅନ୍ତଃ ବା ବାହ୍ୟ/ସୂକ୍ଷ୍ମ ବା ସ୍ଥୂଳ କାରଣରୁ ଏହାର ବ୍ୟତିକ୍ରମ ହେଲେ ଧ୍ୟାନ, ଯୋଗ, ଲୟ ଠିକ୍‌ରୂପେ ହୋଇପାରେ ନାହିଁ ଏବଂ ଚିତ୍ତଚାଞ୍ଚଲ୍ୟ ଅବଶ୍ୟ ହୋଇଥାଏ । ଉପର୍ଯ୍ୟୁକ୍ତ ପ୍ରମାଣେ ବାୟୁଚଳନକୁ ନେଇ ପୃଥ୍ୱୀଦେହ/ପିଣ୍ଡ ଖଣ୍ଡଖଣ୍ଡ ହୋଇଅଛି ଜୀବାତ୍ମା, ପରାମାତ୍ମା, ଧ୍ୟାନ ଆତ୍ମା ଇତ୍ୟାଦି । ଅନ୍ନମୟ ଜ୍ଞାନ ଜୀବ ଆତ୍ମାରେ ରହିଲା । ପରମାତ୍ମାର ଅଂଶୀୟଖଣ୍ଡ ବାୟୁକୋଷକୁ ମହାପୁରୁଷଙ୍କ ଭାଷାରେ ସନ ବୁଝାଏ । ଏଠାରେ ଜୀବାତ୍ମା ଧ୍ୟାନଆତ୍ମାର ସୂତ୍ରଧରି ପରମଙ୍କ ସହିତ ଯୋଗଯୁକ୍ତ ହେବାକୁ ବୁଝାଉଅଛି । ଯେତେବେଳେ ପିଣ୍ଡ ସୂକ୍ଷ୍ମରେ ତିନିଭାଗ ହେଉଛି, ତାର ସମସ୍ତ ପାରିଷଦ ଅର୍ଥାତ୍ ପ୍ରକୃତିଗଣ ନାନାଦି ଦଶା ବା ଅବସ୍ଥା ଭୋଗୁଛନ୍ତି । ଏହି ଅବସ୍ଥାଚକ୍ରରେ ପଡ଼ି ଜୀବ ନାନା ପ୍ରକାର ଦୁଃଖଦୁର୍ଦ୍ଦଶା ଯନ୍ତ୍ରଣା ଇତ୍ୟାଦି ଭୋଗ କରେ । ଧର୍ମଧାରା ଧରି ଅଭ୍ୟାସ କର୍ମଯୋଗ ଦ୍ୱାରା ସଂଯମ ଆଚରଣ କଲେ, ପ୍ରକୃତିଗଣ ସ୍ଥିର ହୋଇଯାଆନ୍ତି । ଏହି ଅବସ୍ଥାରେ ଚିତ୍ତଚାଞ୍ଚଲ୍ୟ ଦୂରୀଭୂତ ହୋଇ ଧ୍ୟାନ ଓ ଲୟରେ ଏକାଗ୍ରତା ଆସେ ॥୨॥

ଧର୍ମଧାରା ଧରି ଯୋଗୀ ଅଭ୍ୟାସ କର୍ମଯୋଗ ସାଧି ଯେତେବେଳେ ସ୍ଥିତପ୍ରଜ୍ଞ ଅବସ୍ଥାରେ ପହଞ୍ଚିଯାଏ, ସେତେବେଳେ ଏକାଦଶ ଇନ୍ଦ୍ରିୟଗଣ, ପଞ୍ଚକୋଷ ଗୁଣି ହୋଇ ତନ୍ମଧ୍ୟରୁ ଗୁରୁଦଶା ଅର୍ଥାତ୍ ପଞ୍ଚଜ୍ଞାନେନ୍ଦ୍ରିୟ ଗୁରୁଭାର ଗ୍ରହଣ କରନ୍ତି । ସଂସାରଯାକ ଅର୍ଥ ପିଣ୍ଡଯାକରେ ଆସୁରିକ ଶକ୍ତି ନିଷ୍କ୍ରିୟ ହୋଇଯାଏ, ଆସୁରୀ ଶକ୍ତି ନଥାଏ, ତାହା ଦୈବୀକୃପା ପ୍ରାପ୍ତି ନିମନ୍ତେ ପୁରୁଷାର୍ଥରେ ପରିଣତ ହୁଏ । ଏହି ପୁରୁଷାର୍ଥକୁ ଅହଂବୁଦ୍ଧି ସମ୍ପନ୍ନ ବ୍ୟକ୍ତିମାନେ କେବଳ ପୁରୁଷକାର ବା ପୁରୁଷତ୍ୱ ବୋଲି ମନେ କରି ଅଜ୍ଞାନଅନ୍ଧକାରରେ ପଥଭ୍ରଷ୍ଟ ହୋଇ ଭ୍ରମି ହୁଅନ୍ତି । ଶରଣାଗତ ଶିଷ୍ୟଗଣ ପୁରୁଷାର୍ଥ ଦ୍ୱାରା ଦୈବୀକୃପା ଲାଭ ନିମନ୍ତେ ଧୈର୍ଯ୍ୟଧରି ବିଶ୍ୱକଲ୍ୟାଣକର ବାସ୍ତବ କର୍ମରେ ସତତ ନିଯୁକ୍ତ ଥାଆନ୍ତି । ବାରମ୍ବାର ଶ୍ରୀଗୁରୁଙ୍କ ସନ୍ନିଧାନକୁ ଆସି ଶ୍ରୀମୁଖରୁ କର୍ତ୍ତବ୍ୟର ବିବରଣୀ ପ୍ରତ୍ୟକ୍ଷରେ ନେଇ ଆତ୍ମୋନ୍ନୟନ କର୍ମରେ ଲାଗିରହି ପ୍ରକୃତ ବିଶ୍ୱକଲ୍ୟାଣ ସାଧନ କରନ୍ତି ॥୩॥

ସଖା ବୋଇଲେ ବ୍ରହ୍ମ ବା ପରମ । ସୋଦାଇ କହିଲେ ପ୍ରକୃତି ଓ ଇନ୍ଦ୍ରିୟଗଣକୁ ବୁଝାଏ । ତିନି ଅର୍ଥ ସତ୍ତ୍ୱ, ରଜ, ତମ ତ୍ରିଗୁଣର ସମତାକୁ ବୁଝାଏ । ଏହି ଜୀବର ସୁଭାବ, ସ୍ୱଭାବ କିମ୍ବା କୁଭାବ ମଧ୍ୟ ନୁହେଁ । ସତ୍ତ୍ୱ, ରଜ, ତମର ମିଶ୍ରିତ କ୍ରିୟାରେ ବ୍ରହ୍ମଙ୍କ ଆଜ୍ଞାରେ ଯୋଗମାର୍ଗରେ ଜୀବ ସାଧନ କରି ତେତିଶ ମଣ୍ଡଳରେ ପହଞ୍ଚେ । ନିର୍ବିକଳ୍ପରେ ପହଞ୍ଚି ମଣ୍ଡଳଭେଦ କରି ଉର୍ଦ୍ଧ୍ୱଗାମୀ ହୁଏ । ସେଠାରେ ଉପନୀତ ହୋଇ ସେ ମହାନିତ୍ୟ ନାଦବିନ୍ଦୁକୁ

ଅନୁଭବ କରେ । ମହାନିତ୍ୟ ରାଧା  ମହାନିତ୍ୟ କୃଷ୍ଣଙ୍କୁ ସେହି ମହାନିତ୍ୟ ନାଦବିନ୍ଦୁ ମଧ୍ୟରେ ଦର୍ଶନ କରେ । ସେହିଠାରେ ଦ୍ୱାଦଶ ଶବ୍ଦ (ଶଙ୍ଖ, ଘଣ୍ଟା, ତୁରୀ, ମଧୁରିକା, କାହାଳ, ମର୍ଦ୍ଦଳ, ଝାଞ୍ଜ, ବେଣୁ, ବୀଣା, ନୁପୂର, କିଙ୍କିଣି) ମଧ୍ୟ ସୂକ୍ଷ୍ମଇନ୍ଦ୍ରିୟରେ ଉପଲବ୍ଧ ହୁଏ ।।୪।।

ପଞ୍ଚମପଦରେ ପ୍ରଭୁ ନିରାକାର ମହାପୁରୁଷ ଅଚ୍ୟୁତଙ୍କୁ ସମ୍ବୋଧନ କରି ଶବ୍ଦର ଭେଦସୂତ୍ରକୁ ପ୍ରକାଶ କରୁଛନ୍ତି । ଚିନ୍ମୟ ପ୍ରେମ ହିଁ ହିମଶୀତଳ । ଜ୍ଞାନ-ସାଗର ଗର୍ଭରୁ ବିନ୍ଦୁଏ ଜଳ ପାନ କଲେ, ବିଷୟାତୃଷ୍ଣା ସବୁଦିନ ପାଇଁ ମେଣ୍ଟିଯାଏ ଚିନ୍ମୟପ୍ରେମ ମିଶ୍ରିତ ଜ୍ଞାନ ଏବଂ ତହୁଁଜାତ ପ୍ରେମଭକ୍ତି ଅମୃତର ଝର ହିଁ ପ୍ରକୃତ ମଣୋହି । ସ୍ୱଇଚ୍ଛାରେ ସ୍ୱତଃପ୍ରବୃତ୍ତ ହୋଇ ଗୁରୁଗ୍ରହଣ କରି ଧର୍ମଧାରା ଧରି କର୍ମଯୋଗ ଅଭ୍ୟାସ ସାଧନା ଦ୍ୱାରା ଜୀବ ଏହି ସ୍ତରରେ ପହଞ୍ଚିପାରେ ଏବଂ ଏହି ସ୍ତରରେ ଉପନୀତ ହେଲେ ଭକ୍ତର ବିଷୟା ପ୍ରତି ବନ୍ଧନ ଆପେ ଆପେ ଛିନ୍ନ ହୁଏ ଏବଂ ତ୍ୟାଗନିଷ୍ଠା ଅତ୍ୟନ୍ତ ଉଜ୍ଜ୍ୱଳ ଭାବରେ ପ୍ରକାଶ ପାଏ । ଜୀବ ବାସ୍ତବ ବିଶ୍ୱକଲ୍ୟାଣକର କର୍ମରେ ନିଯୁକ୍ତ ହୋଇ ପରମାନନ୍ଦ ଲାଭ କରେ ।।୫।।

ପୃଥ୍ୱୀ ବୋଇଲେ ପିଣ୍ଡ । ପିଣ୍ଡରେ ଯେତେବେଳେ ଶବ୍ଦ ଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଯିବ, ଏହା ସେତେବେଳେ ଚାରିଭାଗ ହୋଇଯିବ ଯଥା - ଶବ୍ଦ ଜ୍ଞାନ, ଭେଦ ଜ୍ଞାନ, ନାଦ ଜ୍ଞାନ ଓ ବୋଧ ଜ୍ଞାନ । ଏହା ଏକ ସୂକ୍ଷ୍ମ ପ୍ରକ୍ରିୟା ଯାହାକି ସୂକ୍ଷ୍ମ ଅନୁଭୂତି ସାପେକ୍ଷ ଅଟେ । ଏହି ଅନୁଭୂତି ଲାଭ ନକଲେ ଜୀବର ବିଷୟ ବନ୍ଧନ ତୁଟେ ନାହିଁ । ଜୀବ ବଦ୍ଧଜୀବ ହୋଇ ରହିଥାଏ । ଉପରେ ପ୍ରକାଶ କରାଯାଇଥିବା ଚାରିଜ୍ଞାନ ଜୀବ ଅନୁଭବ କଲେ, ତା ମଧ୍ୟରେ ଦ୍ୱାଦଶଶବ୍ଦ ଏକତ୍ର ହୋଇ ଭୈରବଶବ୍ଦରେ ପରିଣତ ହୋଇ ଜୀବର ସୂକ୍ଷ୍ମ ଅନୁଭୂତିରେ ପ୍ରକାଶିତ ହୁଏ । ଏହାକୁ ପ୍ରଳୟ ବୋଲି ମହାପୁରୁଷ ଦର୍ଶାଇଛନ୍ତି । ପରଜାକୁଳ ବୋଇଲେ ଜୀବର ପ୍ରକୃତି, ଇନ୍ଦ୍ରିୟ ଓ ରିପୁଗଣକୁ ବୁଝାଯାଏ । ପ୍ରଳୟ କାଳରେ ଏ ସକଳ ପ୍ରଜାକୁଳର ବିନାଶ ଘଟି ଜୀବ ମୁକ୍ତ ହୋଇଯାଏ ।।୬।।

ଏଠାରେ ଜରିଆ ବୋଇଲେ ସରସ୍ୱତୀ ନଦୀ । ପିଣ୍ଡତତ୍ତ୍ୱରେ ଏହା ସୁଷୁମ୍ନାନାଡ଼ିକୁ ବୁଝାଏ ଓ ପିଣ୍ଡ ମଧ୍ୟରେ ସୂକ୍ଷ୍ମରେ ଖେଳ କରୁଥାଏ । ଦ୍ୱାଦଶଶବ୍ଦ ଯୋଗରେ ଏକାଠି ହୋଇଯିବା ଅବସ୍ଥାରୁ ସୁଷୁମ୍ନାନାଡ଼ିରୁ ରସ ନିର୍ଗତ ହୋଇ କୁଣ୍ଡଳିନୀରେ ଯୋଗହୁଏ । କୁଣ୍ଡଳିନୀରେ ଏହି ସୁଷୁମ୍ନାରସ ଯୁକ୍ତ ହେବାରୁ ତେଜଶକ୍ତି ବଢ଼ିଯାଏ । ଶବ୍ଦଜ୍ଞାନ ସହିତ ଉପରେ କୁହାଯାଇଥିବା ଚାରିଜ୍ଞାନ ଟଳମଳ ଅବସ୍ଥାରେ ପଡ଼ନ୍ତି । ପରା, ପଶ୍ୟନ୍ତି, ମଧ୍ୟମା ବୈଖାରୀୟ ରାସ୍ତା ଦେଇ ବ୍ରହ୍ମଜ୍ଞାନ କ୍ଷରିତ ହୁଏ । ପଶ୍ଚିମାଦି ଦିଗ ବୋଇଲେ ଭ୍ରମର ଗୁମ୍ଫା ୬୪ ସୂତ୍ର ନେଇ ଆତଯାତ ହୁଏ । ୬୪ ସୂତ୍ର ସକଳ ଏହି ଅବସ୍ଥାରେ ଜଡ଼ ହୋଇ ଯାଆନ୍ତି ।।୭।।

ବୈଶାଖ ବୋଇଲେ ସ୍ଥୂଳ ଭାବ, ଇନ୍ଦ୍ରିୟ, ପ୍ରକୃତି, ଆସୁରିକ ଶକ୍ତିଗୁଡ଼ିକ ସାଧାରଣ ଅବସ୍ଥାରେ ଜୀବ ଦେହରେ ସବୁବେଳେ ତେଜସ୍ୱୀ ଓ ଗରମ ଅବସ୍ଥାରେ ଥାଏ । ଏହା ଫଳରେ ଜୀବଧର୍ମରେ ଆହାର, ନିଦ୍ରା, ଭୟ ଓ ମୈଥୁନ ପ୍ରବୃତ୍ତି ପ୍ରକୃତିକୁ ନେଇ ଉତ୍ପାତ କରେ । ଯୋଗସାଧନା ଦ୍ୱାରା ସଂଯମ ସ୍ତରରେ ପହଞ୍ଚିଲେ ଯାଇ ଏହି ଜୀବଧର୍ମ ସକଳ ଶୀତଳ ଅବସ୍ଥାକୁ ପ୍ରାପ୍ତ ହୋଇ ଜୀବକୁ ପରମ ଦିଗରେ ଆଗେଇଯିବାର ପଥ ଛାଡ଼ି ଦିଅନ୍ତି । ଏହିଠାରେ ଜ୍ଞାନ ପସରା କଇଁ ତଥା ନାଦଜ୍ଞାନ ଜାଗ୍ରତ ହୁଏ । ଶ୍ରାବଣ ମାସ ବୋଇଲେ ଶୀତଳ ବାରିଧାରା, ତଥାପି ପ୍ରଚଣ୍ଡ ଗ୍ରୀଷ୍ମ ଅନୁଭୂତ ହୁଏ । ନିର୍ବିକଳ୍ପସ୍ତରରେ ସିଦ୍ଧଯୋଗୀର ଅବସ୍ଥା କହିଲେ ତାହା ଶ୍ରାବଣ ବୈଖାରୀକୁ ବୁଝାଏ । ଏକବିଂଶ ସୂତ୍ରନେଇ ବୈଖାରୀ ପିଣ୍ଡରେ ସ୍ଥାନ ପାଇଛି । ବୈଖାରୀ ସୂତ୍ରରେ ଶୀତଳ ଜ୍ଞାନଝର ଝରଣାସଦୃଶ ବହି

ଚାଲିଥାଏ । କିନ୍ତୁ, ସିଦ୍ଧଯୋଗୀ ଯେତେବେଳେ ନିର୍ବିକଳ୍ପରେ ପହଞ୍ଚେ, ଜ୍ଞାନଝରଣା ଶୁଷ୍କହୁଏ ଓ ଯୋଗୀର ଯୋଗତେଜ ତେଜସ୍ୱୀ ହୋଇଥାଏ । ପର୍ଯ୍ୟାୟକ୍ରମରେ ଅନେକ ବ୍ରହ୍ମସୂତ୍ରୀଜ୍ଞାନ ଏକୀଭୂତ ବା ଠୁଳ ହୋଇ ଯୋଗୀମୁନିଙ୍କ ଦ୍ୱାରା ଧରାଧାମକୁ ଧିରେ ଧିରେ ଖସି ପ୍ରକାଶ ପାଏ । ଖସିବା ବା ପ୍ରକାଶ ପାଇବା ଅବସ୍ଥାରେ ବୈଖାରୀ ଯେଉଁ ଏକବିଂଶ ସୂତ୍ରୀ ପାରିଷଦ୍ ନେଇ ଖେଳୁଛି, ତା' ମଧ୍ୟରୁ ଭେଦଜ୍ଞାନ ଫାଟି ଭୂଇଁତତ୍ତ୍ୱ ବା ପିଣ୍ଡତତ୍ତ୍ୱଜ୍ଞାନ ଉଦ୍‌ଗୀରଣ କରେ ॥୮॥

ପିଣ୍ଡରେ ଆସୁରୀଶକ୍ତି ପ୍ରଚଣ୍ଡ ଶକ୍ତିଶାଳୀ ଦୈବୀଶକ୍ତିର ସମ୍ମୁଖୀନ ହୋଇ ନପାରି ତହଳବିକଳ ହୋଇ ଭୟରେ କମ୍ପମାନ ହେବ । ଉଭୟଶକ୍ତିର ସନ୍ଧି ବା ସମ୍ମିଶ୍ରଣ ହେଲେ, ପିଣ୍ଡରେ ପୂର୍ଣ୍ଣମାତ୍ରାରେ ସାତ୍ତ୍ୱିକ ଭାବ ଦୃଶ୍ୟମାନ ହୁଏ । ଏକମାସ ଅର୍ଥ ତିରିଶ ଦିନ । ନିର୍ବିକଳ୍ପରେ ତିରିଶ ପାବଚ୍ଛର ଭାବରେ ଯୋଗୀ ଏକଲୟ ତୋଳେ । ଏହି ଅବସ୍ଥାରେ ସେ ବାହ୍ୟଜ୍ଞାନ ଶୂନ୍ୟ ଅବସ୍ଥାରେ ପହଞ୍ଚିଥାଏ, ତେଣୁ ଅନ୍ୟ ସମସ୍ତ ସାଧାରଣ ଜୀବଙ୍କଠାରୁ ସେ ସ୍ଥୂଳ ଏବଂ ସୂକ୍ଷ୍ମ ଆଚାରଆଚରଣାଦିରେ ଭିନ୍ନ ରହେ । ତାଙ୍କୁ ବୁଝିବା ସହଜ ନୁହେଁ ॥୯॥

ତାଳୁକାସୂତ୍ରୀରେ ଯଜ୍ଞ ଆରମ୍ଭ କରି ତ୍ରିକୂଟ ଦ୍ୱାରା ନିରୀକ୍ଷଣ କରି ତେତ୍ରିଂଶ ବୋଇଲେ ତେ ଅର୍ଥାତ୍ କଳ୍ପବଟ ଏବଂ ତ୍ରିଂଶ ଅର୍ଥାତ୍ ନିର୍ବିକଳ୍ପର ତିରିଶ ପାବଚ୍ଛରୁ ଅମୃତଭାଗକୁ ନେଇ ଅର୍ଥାତ୍ ଆହୂତି ଦେଇ ବ୍ରହ୍ମଜ୍ଞାନ ଦ୍ୱାରା ଯଜ୍ଞର ପୂର୍ଣ୍ଣାହୂତି ହୁଏ । ଯଜ୍ଞ ପୂର୍ଣ୍ଣହେଲେ ଅର୍ଥାତ୍ ଯୋଗୀର ତୃତୀୟ ନୟନ ତ୍ରିକୂଟ ସନ୍ଧିରେ ସୂକ୍ଷ୍ମରେ ଖୋଲିଗଲେ ସେ ସୂକ୍ଷ୍ମଦର୍ଶନଯୋଗୀରେ ପରିଣତ ହୁଏ । ଯୋଗୀର ମନୋବାଞ୍ଛା ଏହିଠାରେ ମଧ୍ୟ ସଂପୂର୍ଣ୍ଣ ହୁଏ ॥୧୦॥

▲▼▲


## ବିଜ୍ଞପ୍ତି

ଚରମ ପ୍ରକାଶନ ସଂସ୍ଥା କର୍ତ୍ତୃକ ପ୍ରକାଶିତ ପତ୍ର ପତ୍ରିକା, ପୁସ୍ତିକାଦିରେ ପ୍ରକାଶିତ ତଥ୍ୟ, ତତ୍ତ୍ୱ ଆଦି ସକଳ ବିଷୟବିନ୍ୟାସ, ବସ୍ତୁ ବିନ୍ୟାସ, ଶୈଳୀବିନ୍ୟାସ ଏବଂ ବ୍ୟବହୃତ ପ୍ରଚ୍ଛଦପଟ, ଡିଜାଇନ୍ ଇତ୍ୟାଦି ଏହି ସଂସ୍ଥା ଦ୍ୱାରା ସର୍ବସ୍ୱତ୍ତ୍ୱ ସଂରକ୍ଷିତ । ଚରମ ପ୍ରକାଶନ ସଂସ୍ଥାର ମୁଖ୍ୟ ପରିଚାଳକଙ୍କର ଲିଖିତ ଅନୁମତି ବିନା ଏହିସବୁ ଅନ୍ୟ ବ୍ୟକ୍ତି, ସଂସ୍ଥା ବା ସଂଗଠନ ବ୍ୟବହାର କରିବା, ଉଦ୍ଧାର କରିବା ବା ଅନ୍ୟତ୍ର ଯେ କୌଣସି ରୂପ ବା ଭାବରେ ପ୍ରକାଶ କରିବା ଆଇନାନୁଯାୟୀ ଦଣ୍ଡନୀୟ ଅପରାଧ ।

-କେଶବ ଦାସ ବୃନ୍ଦାବନ,
ମୁଖ୍ୟପରିଚାଳକ,
ଚରମ ପ୍ରକାଶନ ସଂସ୍ଥା

# ନୀଳଚକ୍ର ଚରମର ସଙ୍କେତ

ଚରମ ମୁହୂର୍ତ୍ତ ଉପନୀତ । ସମଗ୍ର ବିଶ୍ୱ ଏକ ଚରମ ଘଡ଼ିସନ୍ଧି ଦେଇ ଗତି କରୁଛି । ଏଭଳି ଏକ ଚରମ ସୋପାନରେ ତମମାନଙ୍କ ପାଇଁ ଆମର ଚରମ ଚେତାବନୀ-ତମପାଇଁ ଏଗୁଡ଼ିକ ମଧ୍ୟରୁ ଯେଉଁଟି ବା ଯେଉଁଗୁଡ଼ିକ ପ୍ରଯୁଜ୍ୟ ତାହା ବାଛିନେଇ ଆଜି (୬.୧୨.୯୫ ରିଖ, ବୁଧବାର ସଂଧ୍ୟା)ଠାରୁ ସତର୍କତାର ସହିତ ସାବଧାନ ରୁହ, ନଚେତ୍ ଅକସ୍ମାତ୍ କାଳର କରାଳ ମୁଖରେ ପଡ଼ି ଆପଣାର ସତ୍ତ୍ୱ ହରାଇବ । ସାବଧାନ୍ !!

ତମେ ଏଠାକୁ ତ୍ୟାଗବ୍ରତ କରିବା ପାଇଁ ଆସିଛ, ଯଥାବିଧି ତ୍ୟାଗବ୍ରତ କରୁଛ ନା ଏଠାରେ ଯେଉଁମାନେ ସ୍ୱତଃପ୍ରବୃତ୍ତ ହୋଇ ଦାନତ୍ୟାଗ କରିଚାଲିଛନ୍ତି ସେମାନଙ୍କର ତ୍ୟାଗଯଜ୍ଞରୁ ଆହୁତିର ଯଜ୍ଞଭାଗ ଗୋପନରେ ଭୋଗ କରୁଛ ? ଏକାନ୍ତରେ, ନୀରବରେ, ଏକମୁଖୀ ହୋଇ ଏକ ମନପ୍ରାଣରେ ନିଜକୁ ନିଜେ ଏହି ପ୍ରଶ୍ନ ପଚାରି ଉତ୍ତର ଖୋଜିବାକୁ ଚେଷ୍ଟାକର । ଠିକ୍ ଉତ୍ତରଟି ପାଇବା ପରେ ଆପେ ଆପଣାକୁ ସଂଯତ କର, ସତର୍କ ହୁଅ, ସାବଧାନ୍ ହୁଅ, ସତତ ଜାଗ୍ରତ ରୁହ ।

ଅସଂଯମତା, ଉଚ୍ଛୃଙ୍ଖଳତା, ବିଶୃଙ୍ଖଳା, ଚରିତ୍ରହୀନତା, ଆଳସ୍ୟ, ନିଦ୍ରାଳୁତା, ଭୋଗଲାଳସାକୁ ସର୍ବାଦୌ ତ୍ୟାଗ କର । ସାମୂହିକ ଜନକଲ୍ୟାଣ ଉଦ୍ଦେଶ୍ୟରେ ସଂଗୃହୀତ ଅର୍ଥକୁ ସଂରକ୍ଷଣ କରି ଉଚିତ ମାର୍ଗରେ ଯଥାର୍ଥ ଭାବରେ ଯଥାବିଧି ବିନିଯୋଗ କର ଓ ହିସାବପତ୍ର ଲିପିବଦ୍ଧ କରି ସହଯୋଗୀମାନଙ୍କର ବିଶ୍ୱାସ ଭାଜନ ହୁଅ । ସ୍ୱେଚ୍ଛାଚାରୀ ହୋଇ ଅହଂବୁଦ୍ଧିବଶରୁ ନିଜର ବଡ଼ ପଣ ଜାହିର କରି ଅନ୍ୟସମସ୍ତଙ୍କୁ ନ୍ୟୁନମନେ କଲେ, ସବୁଠାରୁ ବଡ଼ କ୍ଷତି ତମର ହିଁ ହେବ । ସାବଧାନ୍ ! ଚରିତ୍ର ନଷ୍ଟ ହେଲେ, ଫେରି ଆସେ ନାହିଁ ।

ଗୁରୁ ଅନ୍ନରେ ପ୍ରତିପାଳିତ ହୋଇ ତାଙ୍କ ପ୍ରତି ବିଶ୍ୱାସଘାତକତା କଲେ, ଗୁରୁଙ୍କର କୌଣସି କ୍ଷତି ହେବନାହିଁ । ସବୁଠାରୁ ବେଶୀ କ୍ଷତି ହେବ ତୁମର । ସେ କ୍ଷତିର ଭରଣା ଗୁରୁଦେବ ମଧ୍ୟ କସ୍ମିନ୍‌କାଳେ କରିବେ ନାହିଁ । ତେଣୁ ଧାରାଧରି ଧରା ଦେବାକୁ ଉନ୍ମୁଖ ହୁଅ । ଆମେ ତମ ହାତ ଧରି ଆମରି ପଥରେ ସହଜରେ ଚଳାଇ ନେବୁ । ସୂକ୍ଷ୍ମକ୍ରିୟାରେ ତମ ସାଧନା ପଥର ବନ୍ଧବାଡ଼ କାଟି ସାଧନ ମାର୍ଗ ପରିଷ୍କାର କରିଦେବୁ । ତମେ ସହଜ ସୂତ୍ରରେ ତମର ଲକ୍ଷ୍ୟ ଚରମ ପ୍ରାପ୍ତି ଲଭିବ ।

ଆଶ୍ରମରେ ରହି ଶ୍ରମକାତର ହୁଅନାହିଁ । କଠିନ ଶ୍ରମକର । ଆଶ୍ରମକୁ ନିଜର ମନେ କରି ଅହରହ କାମରେ ଲାଗିପଡ଼ । ଏ ଆଶ୍ରମ ଆମର ନୁହଁ କି ଆମଦ୍ୱାରା ବା ଆମପାଇଁ ନୁହଁ । ଏ ଆଶ୍ରମ ତମର, ତମ ସଭିଙ୍କର । ଭାଇଏଁ ମିଳିମିଶି ଉତ୍ତମ ବୁଝାମଣାର ସହିତ ଦୁଃଖକଷ୍ଟ ସହି ଆଶ୍ରମ ସଂଗଠନ ପାଇଁ ଲୁହଲହୁ ଢ଼ାଳି ଦିଅ । ଏ

ଆଶ୍ରମ ଆଠକାଳି ବାରମାସି ହସିଉଠୁ । ଆଶ୍ରମ ଧନ ସମ୍ପତ୍ତିର ରକ୍ଷଣାବେକ୍ଷଣ କର । ଅଯଥା ହସଖୁସିରେ ସମୟ ନଷ୍ଟ କରନାହିଁ । ଜୀବନର ଯତ୍ନନିଅ ।

ସବୁ କିଛି ନୀରବରେ ସହିଯାଅ । କର୍ତ୍ତବ୍ୟ ଓ ଦାୟିତ୍ୱ ବାହିଯାଅ । ଅନ୍ୟମାନଙ୍କ ଆଗରେ କହି ହୁଅ ନାହିଁ । ଏଣେ ତେଣେ ବା ଅନ୍ୟ ସମସ୍ତଙ୍କ ସମ୍ମୁଖରେ କାହାରି କିଛି କଟୁ ସମାଲୋଚନା ବା ଆକ୍ଷେପ ମୂଳକ କଥା କହି ନିଜେ ବିକାରଗ୍ରସ୍ତ ହୁଅନାହିଁ ବା ଅନ୍ୟକୁ ବିକାରଗସ୍ତ କରନାହିଁ । ଏପରି ସ୍ୱେଚ୍ଛାଚାର କଲେ ପରିବେଶ ପ୍ରଦୂଷଣ ହୁଏ ଓ ପରିସ୍ଥିତି ମଧ୍ୟ ଜଟିଳ ହୁଏ । ସାବଧାନ ! ବାଚାଳତା ପରିତ୍ୟାଗ କରି ସଂପୂର୍ଣ୍ଣ ନୀରବତା ରକ୍ଷା କର । ଅବାଧ୍ୟ ହେଲେ, ନିଜ ଦାୟିତ୍ୱ ନିଜେ ବୁଝ, ଆମ ପାଖରେ ଫେରାଦ୍ ହୋଇ କାକୁତି ମିନତି କର ନାହିଁ ।

ଆପଣା ଆପେ ନୀତିନିୟମ ସୃଷ୍ଟିକର ନାହିଁ । ସର୍ବପ୍ରଥମେ ଆମେ ଦେଇଥିବା ନୀତିନିୟମକୁ କଡ଼ାକଡ଼ି ଭାବରେ ପାଳନ କର । ପ୍ରତ୍ୟେକ କାର୍ଯ୍ୟ ପୂର୍ବରୁ ଆମଠାରୁ ଆଜ୍ଞା, ଆଦେଶ ଓ ଆଶୀର୍ବାଦ ନେଇ ତପ୍ରେ ଉଚିତ କର୍ମରେ ନିଷ୍ଠା ଓ ବିଶ୍ୱାସର ସହିତ ଲାଗିଯାଅ । ଅନ୍ୟଠାରୁ ଆଶ୍ରମ ନିମିତ୍ତ ସଂଗୃହୀତ ଅର୍ଥର ଯଥାର୍ଥ ସଂରକ୍ଷଣ କର । ଆର୍ଥିକ ବିଶୃଙ୍ଖଳାକୁ ଏଡ଼ାଇ ଶୃଙ୍ଖଳିତ ହୁଅ । ତମର କଣ ଆମ ଉପରେ ବିଶ୍ୱାସ ଦୃଢ଼ ହୋଇନାହିଁ ?? ଖୁବ୍ ସାବଧାନ !!

▲▼▲

ଗୁରୁଦ୍ୱାରେ କେହି ନୁହେଁ ବଡ଼ ସାନ,
ଗୁରୁଙ୍କ ଦୃଷ୍ଟିରେ ସର୍ଭିଏ ସମାନ ॥
ଖୋଜ ନାହିଁ ଏଥି ମାନ ସନମାନ,
ଚଳୁଥାଅ ରଖି ଯୋଗ୍ୟ ବ୍ୟବଧାନ ॥

ଦେଉଛ ଅନ୍ୟକୁ ତତ୍ତ୍ୱ ପ୍ରବଚନ,
ସଜାଡ଼ ପ୍ରଥମେ ନିଜ ଆଚରଣ ॥
ଆଚରଣେ ଯା' ଫୁଟି ନ ଉଠଇ ।
ଯେତେ କହୁଥିଲେ ଶକ୍ତିହୀନ ହୋଇ ॥

# ଆଶ୍ରମ ସନ୍ଦେଶ

ତା୨୪.୯.୯୫ ରିଖ : ରବିବାର : ଚନ୍ଦ୍ରକ୍ଷୟ, ମହାଳୟାଶ୍ରାଦ୍ଧ, ଅମାବାସ୍ୟା : ଦିବା ଘ. ୧୧.୩୦ ମି. ସମୟରେ ଜଗତପୁରସ୍ଥ କେଶବଭବନରେ ପ୍ରଭୁପାଦ ଗୁରୁସ୍ୱାମୀ ଶ୍ରୀଶ୍ରୀ ଠାକୁରଙ୍କର କଲ୍ୟାଣମୟ ଉପସ୍ଥିତିରେ ଯୁଗଧର୍ମୀ ଆଧ୍ୟାତ୍ମିକ ପତ୍ରିକା ଚରମର ଦ୍ୱିତୀୟ ବାର୍ଷିକ ମର୍ତ୍ତ୍ୟାବତରଣ ଉତ୍ସବ ସମ୍ବନ୍ଧରେ ଆହୂତ ଗୁରୁଭାଇ ଭଉଣୀ ଏବଂ ବିଭିନ୍ନ ଶାଖା ପ୍ରତିନିଧିମାନଙ୍କର ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇ ଆଗାମୀ କୁମାରପୂର୍ଣ୍ଣିମା ତିଥିରେ କେଶବଭବନ ପରିସରରେ ଉତ୍ସବ ଯଥାବିଧି ପାଳନ କରାଯିବାର ସ୍ଥିର ହେଲା ।

ତା.୦୭.୧୦.୯୫ରିଖ : ଶନିବାର : ଚରମର ଦ୍ୱିତୀୟ ବାର୍ଷିକ ମର୍ତ୍ତ୍ୟାବତରଣ ଉତ୍ସବ ଉପଲକ୍ଷେ ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅଦ୍ୟରାତ୍ର ସ୍ୱର୍ଣ୍ଣକ୍ଷେତ୍ରରୁ କେଶବଭବନକୁ ଆଗମନ କରିଛନ୍ତି । ଉତ୍ସବ ଅବକାଶରେ ଜୀବନଦେବତା ପ୍ରଭୁପାଦ ଗୁରୁସ୍ୱାମୀଙ୍କୁ ଆପଣା ଗହଣରେ ଲାଭ କରି ଅନୁଗତ ଭକ୍ତି ଶିଷ୍ୟଶିଷ୍ୟା ଭାଇଭଉଣୀମାନେ ଅପାର ଆନନ୍ଦରେ ଆମୋଦିତ ହୋଇଛନ୍ତି ।

ତା୦୮.୧୦.୯୫ରିଖ : ରବିବାର : କୁମାର ପୂର୍ଣ୍ଣିମା : ଗଜଲକ୍ଷ୍ମୀ ପୂଜା : ସକାଳୁ କେଶବଭବନ ପରିସର ଉତ୍ସବ ମୁଖର । ଧର୍ମଧାରା ଓ କର୍ମଯୋଗରେ ବିଶ୍ୱାସୀ ଅନୁଗତମାନଙ୍କୁ ଧାରା ଦିଆଯିବାର ବ୍ୟବସ୍ଥା ସହ ସକାଳୁ ସଂଧ୍ୟା ପର୍ଯ୍ୟନ୍ତ ଅଖଣ୍ଡ ମହାମନ୍ତ୍ର ସଂକୀର୍ତ୍ତନ ଚାଲୁ ରହିଛି । ପ୍ରତିକୂଳ ପାଗ ସତ୍ତ୍ୱେ ସଂଧ୍ୟାରେ ଯଥାରୀତି କାର୍ଯ୍ୟକ୍ରମ ଅନୁଯାୟୀ କଟକର ଡକ୍ଟର ହୃଷୀକେଶ ପଣ୍ଡା ମୁଖ୍ୟ ଅତିଥିରୂପେ ଯୋଗଦେଇ ପ୍ରଭୁପାଦ ଗୁରୁସ୍ୱାମୀ ଶ୍ରୀ ଶ୍ରୀ ଠାକୁରଙ୍କର ଆଶୀର୍ବାଦ କ୍ରମେ ଯୁଗୋପଯୋଗୀ ଆଧ୍ୟାତ୍ମିକ ପତ୍ରିକା ଚରମର ତୃତୀୟ ପୁଷ୍ପର ପ୍ରଥମ ପାଖୁଡ଼ା (ଅଷ୍ଟମସଂଖ୍ୟା) ଏବଂ ଚିନ୍ତନ (୨) ଯଥାବିଧି ଉନ୍ମୋଚିତ କରିଛନ୍ତି । ଏହି ଅବକାଶରେ ମାନବଜୀବନରେ ଧର୍ମର ଆବଶ୍ୟକତା ପ୍ରସଂଗରେ ଡକ୍ଟର ପଣ୍ଡା ସମବେତ ସଜ୍ଜନମଣ୍ଡଳୀକୁ ଆଧ୍ୟାତ୍ମିକ ପ୍ରବଚନ ମାଧ୍ୟମରେ ଉଦ୍‌ବୋଧନ ଦେଇଛନ୍ତି । ତତ୍ତ୍ୱବାହୀ ଶ୍ରୀ ଚନ୍ଦ୍ରଶେଖର ରାଉତ ଆପଣାର ବକ୍ତବ୍ୟ ଉପସ୍ଥାପନ କରି ଆଧ୍ୟାତ୍ମିକ ସାହିତ୍ୟର ଆଭିମୁଖ୍ୟ ଓ ଉପଯୋଗୀତା ସମ୍ପର୍କରେ ବିଭିନ୍ନ ପୌରାଣିକ ଆଖ୍ୟାୟିକାର ତାତ୍ତ୍ୱିକ ଆଲୋଚନା କରି ଉପସ୍ଥିତ ସଜ୍ଜନଗଣଙ୍କର ଆନନ୍ଦବର୍ଦ୍ଧନ କରି ପାରିଛନ୍ତି ।

ଶ୍ରୀଶ୍ରୀଶ୍ରୀ ଠାକୁର ତା୭.୧୦.୯୫ରିଖ ଠାରୁ ତା୨୭.୧୦.୯୫ରିଖ ପର୍ଯ୍ୟନ୍ତ ଏକାଦିକ୍ରମେ କେଶବଭବନରେ ଅବସ୍ଥାନ କରିଅଛନ୍ତି । ଅବଶ୍ୟ ଗୋଟିଏ ରାତ୍ରିପାଇଁ ଠାକୁରେ ସ୍ୱର୍ଣ୍ଣକ୍ଷେତ୍ରକୁ ବାହୁଡ଼ିଯାଇ ପୁନର୍ବାର କେଶବଭବନକୁ ଲେଉଟି ଆସିଛନ୍ତି ।

ତା୧୫.୧୦.୯୫ରିଖ : ରବିବାର : କେଶବଭବନ : ଜଗତପୁରରୁ ମହାପ୍ରଭୁଙ୍କର ସୂକ୍ଷ୍ମ ଆଧ୍ୟାତ୍ମିକ କାର୍ଯ୍ୟରେ ରାତ୍ରମଧ୍ୟରେ ଅନ୍ୟତ୍ର ଗସ୍ତ ହୋଇଥିଲା ।

କ୍ରମଶଃ....

ଆମର ଲକ୍ଷ୍ୟ : ଚରମପ୍ରାପ୍ତି